# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୦/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 20/2025 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 27 | ମୂଲ୍ୟ ₹୭/-




**ପୁଣି ମା' ହେଲେ ଭାରତୀ**

କମେଡିଆନ ଭାରତୀ ସିଂ ପୁଣି ମା' ହୋଇଛନ୍ତି। ସେ ଶୁକ୍ରବାର ଏକ ପୁତ୍ରସନ୍ତାନ ଜନ୍ମ ଦେଇଛନ୍ତି।

୧୨

୧୬

**ଶନକା ଶ୍ରୀଲଙ୍କା ଅଧିନାୟକ**

ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଦାସୁନ ଶନକା ଶ୍ରୀଲଙ୍କା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।





ବାଂଲାଦେଶରେ ଭାରତ ବିରୋଧୀ ହିଂସା ତେଜିଥିବାବେଳେ ରାଜଧାନୀ ଢାକାସ୍ଥିତ 'ପ୍ରଥମ ଆଲୋ' ଖବରକାଗଜ ଅଫିସରେ ଗୁରୁବାର ରାତିରେ ଉତ୍ତେଜିତ ଲୋକେ ନିଆଁ ଲଗାଇ ଦେଇଛନ୍ତି।

# ପ୍ରତିଦିନ ଓଡ଼ିଶାରୁ ଖଣି ଲୁଟୁଛନ୍ତି

ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଡ଼ିଶାର ବିକାଶ ଲାଗି ପ୍ରସ୍ତୁତ କରୁଥିବା ଯୋଜନା ମଧ୍ୟରୁ ମୁଖ୍ୟତଃ ଖଣି ରାଜସ୍ୱ ଉପରେ ସର୍ବାଧିକ ନିର୍ଭର କରିଥାଆନ୍ତି। ହେଲେ ଦେଖିବାକୁ ମିଳିଛି, ରାଜ୍ୟ ସରକାରଙ୍କୁ ଏକ ବିଚିତ୍ର ପରିସ୍ଥିତିରେ ଖଣିରୁ ଅନେକ ଶହ କୋଟି ଟଙ୍କାର ରାଜସ୍ୱ ଏବେ ହରାଇବାକୁ ପଡୁଛି। କେତେକ ଘରୋଇ ସଂସ୍ଥା ଖଣି ରାଜସ୍ୱ ନ ଦେଇ ସେହି ଟଙ୍କା ଆତ୍ମସାତ୍ କରିବା ପାଇଁ ଗଳାବାଟ ତିଆରିକରି ଅନେକ ଶହ କୋଟି ଟଙ୍କା ଠକି ନେଉଥିବା ବେଳେ ସରକାର ଜଳକା ପାଲଟିଛନ୍ତି। ସରକାରଙ୍କ ଏଭଳି କିଛି ତଥ୍ୟ ଦେଖିବା ପରେ ଲାଗୁଛି ସତେ ଯେପରି ନିର୍ଦ୍ଦିଷ୍ଟ କେତେକ ସଂସ୍ଥାକୁ ଲାଭାନ୍ୱିତ କରିବା ପାଇଁ ଖଣି ବିଭାଗର କେତେଜଣ ଅଧିକାରୀ ସବୁ ପ୍ରକାର ସୁବିଧା ବାଟ ଖୋଲି ଦେଇଛନ୍ତି। ଯେଉଁ ଟଙ୍କା ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ ହେଇଥାଆନ୍ତା ସେଥିରୁ ବହୁ ଅର୍ଥ ନିର୍ଦ୍ଦିଷ୍ଟ କେତେଗୁଡ଼ିଏ କମ୍ପାନୀଙ୍କ ପକେଟକୁ ଯିବା ପାଇଁ ବାଟ ତିଆରି କରିଦିଆଯାଇଛି। ସରକାରଙ୍କ ପକ୍ଷରୁ ଏ ଦିଗରେ ଯେପରି ଉଦାସୀନତା ମନୋଭାବ ଦେଖାଯାଉଛି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି।

ଇସ୍ପାତ ଓ ଖଣି ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟର ଅନେକ ଖଣି ସରକାର ବିଭିନ୍ନ ସଂସ୍ଥାକୁ ପ୍ରଦାନ କରିଛନ୍ତି। ଖଣି ପଟ୍ଟାଧାରୀମାନେ ଦୈନିକ ବା ବାର୍ଷିକ କେତେ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ସେନେଇ ନିୟମ ରହିଛି। ସରକାର ଆଉ ଏକ ନିୟମ କରିଥିଲେ ଯଦି ଧାର୍ଯ୍ୟ ଲକ୍ଷ୍ୟଠାରୁ କୌଣସି ସଂସ୍ଥା ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରନ୍ତି ତେବେ ସେହି ଅନୁଯାୟୀ ସେମାନଙ୍କୁ ଅଧିକ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ଦେବାକୁ ପଡ଼ିବ। ହେଲେ ସରକାରଙ୍କ ଏହି ନିୟମ କେବଳ କାଗଜ କଲମରେ ରହିଯାଇଛି। ଖଣି ପଟ୍ଟାଧାରୀମାନେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଦୈନିକ ଏବଂ ବାର୍ଷିକ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରିବା ସତ୍ତ୍ୱେ ସରକାରଙ୍କୁ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ପ୍ରଦାନ କରୁନାହାନ୍ତି। ରାଜ୍ୟର ଏକାଧିକ ସଂସ୍ଥା ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନକରି ତାକୁ ବିକିବାରେ ଲାଗିଛନ୍ତି। ସରକାରଙ୍କ ଏହି ନିୟମ ବିରୋଧରେ ଯୋଡ଼ା ଇଷ୍ଟରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, କତାମାଟି ଆଇରନ ମାଇନ୍ସରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ଉଚ୍ଚାବାଲି ଆଇରନ ଏବଂ ମିନେରାଲ୍ସ ମାଇନ୍ସରୁ ଆଇରନ ଉତ୍ତୋଳନ କରୁଥିବା ଇନ୍ଦ୍ରାଣୀ ପଟ୍ଟନାୟକ, ତିରିଙ୍ଗ ପାହାଡରୁ ଆଇରନ ଏବଂ ମିନେରାଲ୍ସ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ବାମେବାରିରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ଖଣ୍ଡାବନ୍ଧରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍ ଏବଂ ଯୋଡ଼ା ୱେଷ୍ଟରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍ ପ୍ରାପ୍ତ ☞ପୃଷ୍ଠା-୪

# ବାଂଲାଦେଶରେ ଭାରତ ବିରୋଧୀ ହିଂସା

ବାଂଲାଦେଶରେ ପୁଣି ମୁଣ୍ଡ ଟେକିଛି ଭାରତ ବିରୋଧୀ ଆନ୍ଦୋଳନ। ବାଂଲାଦେଶରେ ୨୦୨୬ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍ମାନ ହାଡ଼ି (୩୨) ପ୍ରଚାର ସମୟରେ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ। ସେତେବେଳେ ମୁଖାପିନ୍ଧା ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଥିବା ଶରିଫ୍‌ଙ୍କୁ ଚିକିତ୍ସା ପାଇଁ ସିଙ୍ଗାପୁର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପରେ ପଡ଼ୋଶୀ ଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଛି। ହାସିନାଙ୍କୁ ଭାରତ ତୁରନ୍ତ ପ୍ରତ୍ୟର୍ପଣ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏତିକି ନୁହେଁ, ବିକ୍ଷୋଭକାରୀମାନେ ଗୁରୁବାର ରାତିରେ ମିମେନ୍‌ସିଂ ସହରରେ ଜଣେ ୩୦ ବର୍ଷୀୟ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଇଛନ୍ତି। ଏଭଳି ସ୍ଥିତିରେ ରାଜଧାନୀ ଢାକା ସମେତ ବାଂଲାଦେଶର ବିଭିନ୍ନ ସହରରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଛି। ୨୦୨୬ରେ ପଶ୍ଚିମବଙ୍ଗ ଓ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ୨ ରାଜ୍ୟରେ ସମ୍ପ୍ରତି ନିର୍ବାଚନ କମିଶନ (ଇସି) ଭୋଟର ତାଲିକା ଶୁଦ୍ଧୀକରଣ ନାମରେ ଜୋରସୋରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚଳାଉଛନ୍ତି। ଏସ୍‌ଆଇଆର୍ ଯୋଗୁ ଭାରତରୁ ଅନେକ ବାଂଲାଦେଶୀ ସ୍ୱଦେଶ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ଭାରତ ବିରୋଧୀ ଉଗ୍ର ଜାତୀୟତାବାଦ ମନୋଭାବ ତେଜିବା ପଛରେ ଏହା ମଧ୍ୟ ଏକ କାରଣ ହୋଇଥାଇପାରେ ବୋଲି ମନେକରାଯାଉଛି।

## ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା, ମୃତଦେହ ଜାଳିଦେଲେ

ଢାକା, ୧୯।୧୨ (ରଏଟର୍ସ/ଏଜେନ୍ସି)

୨୦୨୪ ଅଗଷ୍ଟ ୫ରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ହୋଇଥିଲା। ଏଭଳି ସ୍ଥିତି ଉପୁଜିଥିଲା ଯେ, ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତକୁ ପଳାୟନ କରିଥିଲେ। ସେବେଠୁ ସେ ଭାରତରେ ଶରଣ ନେଇ ଏଠାରେ ଅବସ୍ଥାନ କରୁଛନ୍ତି। ହାସିନା ସରକାରଙ୍କ ପତନ ପରେ ମହମ୍ମଦ ୟୁନୁସ୍ ଅନ୍ତରୀଣ ସରକାର ମୁଖ୍ୟ ଭାବେ ଅଦ୍ଭାପିତ ହୋଇଛନ୍ତି। ଗତ ନଭେମ୍ବର ୧୭ରେ ଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ୭୮ ବର୍ଷୀୟା ହାସିନାଙ୍କୁ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ବାଂଲାଦେଶ ସରକାର ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରୁଥିବାବେଳେ ଭାରତ ସରକାରଙ୍କ ଆଭିମୁଖ୍ୟ ଏବେ ଢାକା ଓ ନୂଆଦିଲ୍ଲୀକୁ ମୁହାଁମୁହିଁ ଅବସ୍ଥାକୁ ଟାଣିଆଣିଛି। ଏଭଳି ସ୍ଥିତିରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି। ଆସନ୍ତା ଫେବୃଆରୀରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପ୍ରଚାର ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସଭା ଓ ସମାବେଶରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି। ଏହି କ୍ରମେ ଡିସେମ୍ବର ୧୨ରେ ଢାକାର ପୁରାନା ପଲଟନ୍ ଅଞ୍ଚଳରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍ମାନ ହାଡ଼ି ଏକ ନିର୍ବାଚନୀ ପ୍ରଚାରରେ ବ୍ୟସ୍ତ ଥିବାବେଳେ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ ହୋଇଥିଲା। ମୁଖାପିନ୍ଧା ବାଇକ୍ ଆରୋହୀମାନେ ଚଳାଇଥିବା ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଢାକା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ପରେ ଅଧିକ ଚିକିତ୍ସା ପାଇଁ ସିଙ୍ଗାପୁରକୁ ତାଙ୍କୁ ଏୟାରଲିଫ୍ଟ କରାଯାଇଥିଲା। ସେଠାରେ ଶରିଫ୍‌ଙ୍କ ମୃତ୍ୟୁ ଘଟିଛି। ମହମ୍ମଦ ୟୁନୁସ୍ ସରକାର ଏଥିପାଇଁ ଡିସେମ୍ବର ୨୦ରେ ଦେଶବ୍ୟାପୀ ଜାତୀୟ ଶୋକ ଦିବସ ପାଳନ କରିବାକୁ ଘୋଷଣା କରିଛନ୍ତି। ସେହିଦିନ ପାର୍ଲାମେଣ୍ଟର ସାଉଥ୍ ପ୍ଲାଜାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏଥିସହ ଭାରତର ସମାଲୋଚକ ହାଡ଼ିଙ୍କ ସ୍ତ୍ରୀ ଓ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବା ନେଇ ☞ପୃଷ୍ଠା-୪

# ଶାସନ, ସେବାକୁ ଗତିଶୀଳ କରିବ ଏଆଇ: ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଯୋଜନା, ଧାନକିଣାରେ ବ୍ୟବହାର ହେଲା ଏଆଇ ମଡ୍ୟୁଲ
- ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର, ୧୯।୧୨ (ସୁଚିସ୍ମିତା ସାହୁ)

ଆମେ କେବଳ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଗ୍ରହଣ କରୁନାହୁଁ, ଆମେ ଏକ ଏଆଇ-ଚାଳିତ ଓଡ଼ିଶାର ମୂଳଦୁଆ ନିର୍ମାଣ କରୁଛୁ। ଏହା ଶାସନ, ସେବା ପ୍ରଦାନର ଗତିକୁ ସୁଦୃଢ଼ କରିବା ସହିତ ନାଗରିକଙ୍କୁ ସଶକ୍ତ କରିବ। ଭାରତ ଏକ ଐତିହାସିକ ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି। ଓଡ଼ିଶା ଏହି ଜାତୀୟ ଆନ୍ଦୋଳନରେ ସକ୍ରିୟ ଏବଂ ମହତ୍ତ୍ୱାକାଂକ୍ଷୀ ଅଂଶୀଦାର ହେବ ବୋଲି ଓଡ଼ିଶା ଏଆଇ ସମ୍ମିଳନୀରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚ୍ଚୁଆଲରେ ଯୋଗଦେଇ କହିଛନ୍ତି। ପ୍ରଶାସନ, ବିକାଶ ଏବଂ ସାର୍ବଜନୀନ ହିତ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ସର୍ବୋତ୍ତମ ବ୍ୟବହାର ଉପରେ କେନ୍ଦ୍ରିତ ଏକ ଉଚ୍ଚସ୍ତରୀୟ ଦୁଇଦିନିଆ 'ଓଡ଼ିଶା ଏଆଇ ସମ୍ମିଳନୀ' ଶୁକ୍ରବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ



ମୋହନ ଚରଣ ମାଝୀ

ଆରମ୍ଭ ହୋଇଛି। ଏଥିରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିବା ସହ ଓଡ଼ିଶା ☞ପୃଷ୍ଠା-୪

# ଆହୁରି ୭ଦିନ ପ୍ରବଳ ଶୀତ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ସାରା ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଗତ ୨୪ ଘଣ୍ଟାରେ ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ସର୍ବନିମ୍ନ ୪.୩ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡାରେ ୪.୫ ଡିଗ୍ରୀ, ଫୁଲବାଣୀ ୬.୫, କୋରାପୁଟ ୬.୬, ଦାରିଙ୍ଗବାଡି ୭, ଟିଟିଲାଗଡ଼ ୭.୫, ଝାରସୁଗୁଡ଼ା ୮.୨, ଅନୁଗୋଳରେ ୯, ବୌଦ୍ଧ ୯.୪ ଏବଂ ରାଉରକେଲାରେ ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେଣୁ ଆହୁରି ୭ଦିନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବାହ୍ୟ ସୁରକ୍ଷାର ପୁନର୍ବିଚାର

# ୧୪ ଲକ୍ଷର ଗାଡ଼ିରେ ୧୦ ଲକ୍ଷର ରିମଡେଲିଂ ଖର୍ଚ୍ଚ

**ଗାଡ଼ି କିଣାର ସ୍ୱତନ୍ତ୍ର ସମୀକ୍ଷା ନିର୍ଦ୍ଦେଶ ଦେଲେ ଜଙ୍ଗଲ ମନ୍ତ୍ରୀ**

ଭୁବନେଶ୍ୱର, ୧୯।୧୨ (ରବିନାରାୟଣ ଜେନା)

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ଲିଭାଇବା ଏବଂ ବନ୍ୟଜନ୍ତୁଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି ପ୍ରାୟ ୨୮ କୋଟି ଟଙ୍କାରେ କିଣାଯାଇଥିବା ୧୪୯ଟି ଚାରିଚକିଆ ଗାଡ଼ିରେ ବ୍ୟାପକ ଅନିୟମିତତା ଅଭିଯୋଗ ଖୋଳତାଡ଼ ଆରମ୍ଭ ହୋଇଛି। ଗୋଟିଏ ଗାଡ଼ିର କିଣା ମୂଲ୍ୟ ପ୍ରାୟ ୧୪ ଲକ୍ଷ ହୋଇଥିବାବେଳେ ସେଥିରେ ଆଉ ପ୍ରାୟ ୧୦ ଲକ୍ଷ ଟଙ୍କା ରିମଡେଲିଂ ବାବଦରେ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ୨ଟି କମ୍ପାନୀର ତିନି ପ୍ରକାର ମଡେଲ ଯଥା ଥର, ଯୋଦ୍ଧା ଏବଂ ସ୍କର୍ପିଓ ଗାଡ଼ି କିଣାରେ ହୋଇଥିବା ଏହି ଦୁର୍ନୀତି ଅଭିଯୋଗକୁ ଆଧାର କରି ବିଭାଗ ପକ୍ଷରୁ ଆଭ୍ୟନ୍ତରୀଣ ସମୀକ୍ଷା କରାଯାଇଥିଲେ ହେଁ କଥା ଥମି ନ ଥିଲା। ମାତ୍ର ସରକାରୀ ଦଳର ବରିଷ୍ଠ ନେତାଙ୍କ ଅଭିଯୋଗ ଆଧାରରେ ବିଭାଗ ଏବେ 'ଶୂନ ସହନଶୀଳ ନୀତି' ଆପଣାଇଛି। ଏହି ଘଟଣାର ଚିକିତ୍ସି ସମୀକ୍ଷା କରିବାପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ସ୍ୱତନ୍ତ୍ର ସମୀକ୍ଷା ଲାଗି ନିର୍ଦ୍ଦେଶ ଦେଇଛନ୍ତି।


ମନ୍ତ୍ରୀ ଖୁଣ୍ଟିଆ ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଗତ ୧୮ତାରିଖରେ ଏକ ବ୍ୟକ୍ତିଗତ ନୋଟ୍‌ସିଟ୍ ପ୍ରଦାନ କରିଛନ୍ତି। ସେଥିରେ ପ୍ରମୁଖ ମହାଲେଖାକାରଙ୍କ ଜରିଆରେ ଏହି ଗାଡ଼ି କିଣା ଅନିୟମିତତା ଘଟଣାର ସ୍ୱତନ୍ତ୍ର ସମୀକ୍ଷା କରିବାକୁ ନିର୍ଦ୍ଦେଶ ରହିଛି। ଏହି ତଦନ୍ତ ବେଳେ ଏଜିଙ୍କ ପକ୍ଷରୁ ଯେପରି ପ୍ରତ୍ୟେକ ☞ପୃଷ୍ଠା-୪

# ହାତୀ ପାଇଁ ୧୦ ସ୍କୁଲ ବନ୍ଦ

## ଆକ୍ରମଣରେ ଜଣେ ମୃତ, ୨ ଆହତ

ଖଇରା, ୧୯।୧୨ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସୋର ରେଞ୍ଜ ଅଧୀନ ଖଇରା ଅଞ୍ଚଳରେ ଏକ ଦନ୍ତାହାତୀ ଗୁରୁବାର ସନ୍ଧ୍ୟାରୁ ଆତଙ୍କ ଖେଳାଇ ଚାଲିଛି। ସେପଟେ ଲୋକଙ୍କ ଗହଳି ଓ ହୋ ହଲ୍ଲା ଯୋଗୁ ବିଗିଡ଼ି ହୋଇଯାଇଥିବା ହାତୀ ଗୁଣ୍ଡିରା ଗ୍ରାମରେ ପଶି ସୁରେନ୍ଦ୍ର ଦାସ(୬୫)ଙ୍କୁ ଦଳି ଦେଇଥିବା ବେଳେ ସେହି ଗ୍ରାମର ପିତାମ୍ବର ମୁଣ୍ଡି ଏବଂ ପୂର୍ବପଡା ଗ୍ରାମର ଦିଲୀପ କୁମାର ଖଟୁଆ ଆହତ ହୋଇଛନ୍ତି। ପିତାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଉନ୍ନତ ସ୍ଥାନାନ୍ତର କରାଯାଇଛି। ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି। ସେପଟେ ଏଭଳି ମୃତ୍ୟୁ ପାଇଁ ଗ୍ରାମବାସୀ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ସୋର ରେଞ୍ଜର ହରିହର ମାହି, କୁପାରୀ ଫରେଷ୍ଟର ନରେଶ ସିଂ ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଖଇରା ପୋଲିସ ସହଯୋଗରେ ଗଠିତ ଟିମ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରହିଛି। ଗୁରୁବାର ସନ୍ଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରିଣୁଆ ପାହାଡ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲେ। ପରେ ଗୋଟିଏ ହାତୀ ଫେରି ଯାଇଥିବା ☞ପୃଷ୍ଠା-୪



ଖଇରା ଅଞ୍ଚଳକୁ ପଶିଆସିଥିବା ଦନ୍ତାହାତୀ।

# ଜିଲା ପ୍ରଶାସନର ଟୁଇଟ୍‌କୁ ନେଇ ଦ୍ୱନ୍ଦ୍ୱ

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ପ୍ରସଙ୍ଗ

କେନ୍ଦୁଝର, ୧୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ପୋସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି। ତହସିଲ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ପ୍ରଥମ ଗ୍ରାମସଭା ମଧ୍ୟ ସରିଛି। ଗ୍ରାମସଭା ସଫଳ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସ(X)ରେ ଟୁଇଟ୍ କରାଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ ହୋଇଥିବା ଟୁଇଟ୍‌ରେ କେବଳ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଷ୍ଟିଲ୍ ପ୍ରକଳ୍ପ ପାଇଁ ହୋଇଥିବା ଗ୍ରାମସଭା ସଫଳ ହୋଇଥିବା ଉଲ୍ଲେଖ ରହିଛି। ମାତ୍ର ପୋସ୍କୋ ନାମ ଉଲ୍ଲେଖ ହୋଇନାହିଁ। ଫଳରେ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ସମୟରେ କେନ୍ଦୁଝରରେ ପୋସ୍କୋ ଇସ୍ପାତ କାରଖାନା କରିବ ବୋଲି କହିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ପୋସ୍କୋ ନାମ କାହିଁକି ଉଲ୍ଲେଖ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝରରେ ବହୁ ପ୍ରତୀକ୍ଷିତ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠାକୁ ନେଇ ଜିଲାବାସୀ ଆଶାବାଦୀ ଅଛନ୍ତି। ଇସ୍ପାତ କାରଖାନା ହେଲେ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ବିକାଶ ହେବ। ପୂର୍ବ ସରକାର ଜିଲାରେ ଏକାଧିକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ଆର୍ସେଲର ମିତ୍ତଲ, ଷ୍ଟାର ଲାଇଟ୍, ଉତ୍ତମ ଗାଲଭା ଭଳି ବହୁ ପ୍ରତିଷ୍ଠିତ କମ୍ପାନୀ ଆସି ମୁହଁ ଫେରାଇ ଯାଇଛନ୍ତି। ପାଟଣା, ରାଇସୁଆଁରେ ମେଗା ଇସ୍ପାତ କାରଖାନାକୁ ବିରୋଧ ସତ୍ତ୍ୱେ ଏକାଧିକ ଗ୍ରାମସଭା ସମ୍ପନ୍ନ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡ଼ିକ ମୁହଁ ଫେରେଇ ନେଇଥିଲେ। ଏବେ ପୁଣି ଥରେ ୨ ନୂଆ କମ୍ପାନୀ ମିଶି ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନେଇ ସରକାର ଘୋଷଣା କରିଛନ୍ତି। ଘୋଷଣା ଦିନଠାରୁ ଚାଷ ଜମିରେ କାରଖାନା ପ୍ରତିଷ୍ଠାକୁ ବିରୋଧ ହେଉଛି। ଏଥିସହ ଅନେକେ ସପକ୍ଷରେ ବାହାରି ସ୍ୱାଗତ କରିଛନ୍ତି। ଏହାରି ମଧ୍ୟରେ ପ୍ରଥମ ଗ୍ରାମସଭା ସଫଳ ହୋଇଛି। ଗ୍ରାମସଭା ସଫଳକୁ ନେଇ ପ୍ରଶାସନର ଟୁଇଟ୍ ପରେ କେଉଁ କମ୍ପାନୀ କାରଖାନା କରିବ, ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ପଳାଶପଙ୍ଗା ନିକଟରେ ଉତ୍ତମ ଗାଲ୍‌ଭା କମ୍ପାନୀ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ପୂର୍ବ ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ଉକ୍ତ ସ୍ଥାନରେ କାରଖାନା ହେଲେ ଶୂନ୍ୟ ବିସ୍ଥାପିତ ହେବା ନେଇ କୁହାଯାଇଥିଲା। ଏଣୁ ଅନ୍ୟ ୨ ପ୍ରକଳ୍ପ ଲାଗି ବିରୋଧ ହୋଇଥିଲେ ହେଁ ପଳାଶପଙ୍ଗାରେ କାରଖାନା ହେବାକୁ ଶୂନ୍ୟ ବିରୋଧ ହୋଇଥିଲା। ସେଠାରେ କାରଖାନା ପ୍ରତିଷ୍ଠା ହୋଇଥିଲେ ପ୍ରଶାସନ ପାଇଁ ସୁବିଧାଜନକ ହୋଇଥାନ୍ତା। ତେବେ ଯାହା ହେଉନା କାହିଁକି ପୋସ୍କୋ ନିଜେ ଆସି ଲୋକଙ୍କ ସହିତ ଆଲୋଚନା କଲେ ଲୋକଙ୍କ ବିଶ୍ୱାସ ବଢ଼ିବ। ବିରୋଧ କମିବ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ଅଦ୍ୟାବଧି ପୋସ୍କୋ କମ୍ପାନୀ ପକ୍ଷରୁ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ କୌଣସି ଘୋଷଣା କରାଯାଇନାହିଁ କିମ୍ବା ଏଠାରେ ଅଫିସ ମଧ୍ୟ ଖୋଲାଯାଇନାହିଁ। ଏଭଳି ପରିପ୍ରେକ୍ଷୀରେ ପ୍ରଶାସନ ପୋସ୍କୋ ନାମ ନ ନେଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ନାମ ଉଲ୍ଲେଖ କରିବା ସନ୍ଦେହ ସୃଷ୍ଟି କରୁଛି। ଏବେ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ ହେବ। ତେବେ ଯଦି କାରଖାନା ନ ହୁଏ ତେବେ ଲୋକେ କାମଧନ୍ଦା ତ ପାଇବେ ନାହିଁ, ପରବର୍ତ୍ତୀ ସମୟରେ ଜମି ଫେରି ପାଇବେ କି ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପାଇଁ ବିରୋଧ ହେଉଥିବା ସାମାଜିକ କର୍ମୀ ଭକ୍ତବତ୍ସଳ ମହାନ୍ତି କହିଛନ୍ତି।

# ଇଂ. ଅଶୋକ ବସା ଡବ୍ଲ୍ୟୁଏଫ୍‌ଇଓ ଅଡିଟର ନିଯୁକ୍ତ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ଇଂ. ଅଶୋକ ବସା ୱାର୍ଲ୍ଡ ଫେଡେରେଶନ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ (ଡବ୍ଲ୍ୟୁଏଫଇଓ)ର ଆଭ୍ୟନ୍ତରୀଣ ଅଡିଟର ଭାବେ ନିଯୁକ୍ତ ହୋଇଛନ୍ତି। ଡବ୍ଲ୍ୟୁଏଫ୍‌ଇଓ କାର୍ଯ୍ୟକାରୀ ବୋର୍ଡ ଦ୍ୱାରା ସଂସ୍ଥାର କାର୍ଯ୍ୟପଦ୍ଧତି ନିୟମାବଳୀ ଅନୁଯାୟୀ ଇଂ. ବସାଙ୍କୁ ୨୦୨୫-୨୭ ବର୍ଷ ଅବଧି ପାଇଁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ଦୀର୍ଘ ବର୍ଷର ଅଭିଜ୍ଞତା, ପେଶାଦାରିତା ଏବଂ ଇଞ୍ଜିନିୟରିଂ କ୍ଷେତ୍ର ପ୍ରତି ନିଷ୍ଠା ଯୋଗୁ ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ଅତ୍ୟନ୍ତ ଉପଯୁକ୍ତ ବୋଲି ଡବ୍ଲ୍ୟୁଏଫ୍‌ଇଓର କାର୍ଯ୍ୟକାରୀ ବୋର୍ଡ ମତ ପ୍ରକାଶ କରିଛନ୍ତି। ଏହି ନିଯୁକ୍ତିର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୧୨ରୁ କାର୍ଯ୍ୟକାରୀ ହୋଇଛି ଏବଂ ଡବ୍ଲ୍ୟୁଏଫ୍‌ଇଓ ସମ୍ବିଧାନ ଅନୁଯାୟୀ ପୁନଃନବୀକରଣ ଯୋଗ୍ୟ ରହିବ। ଆଭ୍ୟନ୍ତରୀଣ ଅଡିଟର ଭାବେ



ଇଂ. ଅଶୋକ ବସା

ଇଂ. ବସା ଡବ୍ଲ୍ୟୁଏଫଇଓର କାର୍ଯ୍ୟ ପ୍ରଣାଳୀର ସ୍ୱାଧୀନ ସମୀକ୍ଷା ଓ ମୂଲ୍ୟାଙ୍କନ ଦାୟିତ୍ୱ ବହନ କରିବେ। ଏଥିରେ ଆର୍ଥିକ ପ୍ରକ୍ରିୟା, ନିୟମାନୁଗତତା ବ୍ୟବସ୍ଥା ଓ ଶାସନ ପ୍ରଣାଳୀ ଆଦି ସମ୍ମିଳିତ ରହିବ। ଏଥିସହ ସେ କାର୍ଯ୍ୟକାରୀ ବୋର୍ଡ ପାଇଁ ରିପୋର୍ଟ ପ୍ରସ୍ତୁତ କରିବେ। ଭୋଟ ଅଧିକାର ବିନା କାର୍ଯ୍ୟକାରୀ ବୋର୍ଡ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଅଂଶଗ୍ରହଣ କରି ସଂସ୍ଥାର ପାରଦର୍ଶିତା, ଦାୟିତ୍ୱବୋଧ ଓ ସୁଦୃଢ଼ ସଂସ୍ଥାଗତ ଶାସନ ପ୍ରତି ପ୍ରତିବଦ୍ଧତାକୁ ସମର୍ଥନ କରିବେ ବୋଲି ସୂଚନା ଦିଆଯାଇଛି।

ଇଂ. ବସା ପ୍ରଥମ ଭାରତୀୟ ଭାବେ ୧୯୬୮ରୁ ଗଠିତ ଡବ୍ଲ୍ୟୁଏଫ୍‌ଇଓର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୨୨-୨୫ ଅବଧିରେ ଡବ୍ଲ୍ୟୁଏଫ୍‌ଇଓର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସେ ହେଉଛନ୍ତି ତତ୍କାଳୀନ ଆର୍.ଇ.ସି. ତଥା ବର୍ତ୍ତମାନର ଏନ୍.ଆଇ.ଟି. ରାଉରକେଲାର ପୂର୍ବତନ ଛାତ୍ର। ପୂର୍ବରୁ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ଅଧ୍ୟକ୍ଷ ଥିଲେ। ତାଙ୍କର ଏହି ନୂଆ ନିଯୁକ୍ତି ଭାରତୀୟ ଇଞ୍ଜିନିୟରିଂ ସମୁଦାୟ ପାଇଁ ଗର୍ବର ବିଷୟ ବୋଲି କୁହାଯାଇଛି।

# ନିଲମ୍ବିତ ହେଲେ ୨ ଏଏନ୍‌ଏମ୍

## ରାସ୍ତାକଡ଼ରେ ଏକ୍ସପାଏରୀ ହୋଇ ନ ଥିବା ଔଷଧ ପଡିବା ଘଟଣା

ବାଲେଶ୍ୱର, ୧୯।୧୨ (ବାଞ୍ଛାନିଧି ଦେ)

ରାସ୍ତା ପାର୍ଶ୍ୱରେ ଏକ୍ସପାଏରୀ ହୋଇ ନ ଥିବା ସରକାରୀ ଔଷଧ ପଡିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲେଶ୍ୱର ସିଡିଏମଓ ଡା. ପ୍ରଭାତ କୁମାର ବେହେରା ଗୁରୁବାର ୨ ଏଏନ୍‌ଏମ୍‌ଙ୍କୁ ନିଲମ୍ବନ କରିଛନ୍ତି। ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କୁଳିଗାଁ ଏଏନ୍‌ଏମ୍ ତନୁସ୍ମିତା ନାୟକ ଓ ଇଞ୍ଜୁଡ଼ି ଏଏନ୍‌ଏମ୍ କବିତା ବେହେରାଙ୍କୁ କର୍ତ୍ତବ୍ୟରେ ଅବହେଳା ଓ ନିୟମ ଉଲ୍ଲଂଘନ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ରସାଲପୁର ରାସ୍ତାର ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କି.ମି. ଦୂରରେ ତୁଣ୍ଡରା ରାସ୍ତା ପାର୍ଶ୍ୱରେ ଗତ ୧୧ତାରିଖରେ ଏକ୍ସପାଏରୀ ହୋଇ ନ ଥିବା ସରକାରୀ ଔଷଧ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅବଧି ସରି ନ ଥିବା ଔଷଧ ମେଡ଼ିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାଖରେ ଅଳିଆ ଗଦାରେ ପଡ଼ିଥିଲା। ଗୋଟିଏ କି ୨ ପ୍ୟାକେଟ ନୁହଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ୍ ପଡ଼ିଥିଲା। ଯାହା ରୋଗୀମାନଙ୍କୁ ମାଗଣା ଦିଆଯିବାର ଥିଲା, ସେଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହେଁ ବୋଲି ଲେଖାଥିବା ବେଳେ ସେହି ଔଷଧର ଅବଧି ତାରିଖ ସେପ୍ଟେମ୍ବର ୨୦୨୬ ମଧ୍ୟ ଲେଖା ରହିଥିଲା। କାହିଁକି ଔଷଧ ଫିଙ୍ଗି ଦିଆଗଲା ଓ କେଉଁଠୁ ଔଷଧ ଆସିଲା ସେନେଇ ଏକ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବରିଷ୍ଠ ଡା. ସଞ୍ଜୀବ ପ୍ରଧାନ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁ ଓ ଡିପିଏମ୍ ଚକ୍ରଧର ଜେନା ତଦନ୍ତ କରି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ଡା. ବେହେରା ୨ ଏଏନ୍‌ଏମ୍‌ଙ୍କୁ ନିଲମ୍ବନ କରିଛନ୍ତି।

# ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି'

ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର 'ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ୧୫ତମ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏନ୍‌କାଉଣ୍ଟରରେ ଆଉ ଜଣେ ମାଓବାଦୀ ନିହତ

ମାଲକାନଗିରି, ୧୯।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଗୁରୁବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ଶୁକ୍ରବାର ବିଜାପୁର ଜିଲାରେ ଯବାନଙ୍କ ଗୁଳିରେ ଆଉ ଜଣେ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀ ହେଲେ ଫଗନୁ ମାଡବି। ତାଙ୍କ ନାମରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସୂଚନା ଅନୁଯାୟୀ, ବିଜାପୁର ଜିଲା ଡିଆର୍‌ଜି ବାହିନୀ ଓ ସିଆର୍‌ପିଏଫ୍ ଶୁକ୍ରବାର ସକାଳେ ଜିଲାର ବୈରମଗଡ ଥାନା ଇନ୍ଦ୍ରାବତୀ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଉକ୍ତ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବରେ ଯବାନମାନେ ମାଓବାଦୀଙ୍କୁ ଲକ୍ଷ୍ୟକରି ଗୁଳି ଚାଳନା କରିଥିଲେ। ଏହି ଗୁଳି ବିନିମୟ ଦୀର୍ଘ ସମୟ ଧରି ଚାଲିଥିବା ବେଳେ ପୋଲିସ ଆକ୍ରମଣକୁ ପ୍ରତିହିତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତ ଶରୀର ଜବତକରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ତେବେ ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୁକ୍‌ମା ଜିଲାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ମୃତ ୩ ଜଣଙ୍କ ମଧ୍ୟରୁ ଜଣେ ମହିଳା ମାଓବାଦୀ ଥିବା ଜଣାପଡ଼ିଛି।

DSPL-430



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭାରତ ସରକାରଙ୍କ ଦ୍ୱାରା
୪ଟି ଶ୍ରମ ସଂହିତା ଲାଗୁ

ମଜୁରି ସଂହିତା - ୨୦୧୯
ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା - ୨୦୨୦
ଶିଳ୍ପ ସମ୍ପର୍କ ସଂହିତା - ୨୦୨୦
ସାମାଜିକ ସୁରକ୍ଷା ସଂହିତା - ୨୦୨୦

ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାର

- ନିଯୁକ୍ତିଦାତାମାନଙ୍କ ଦ୍ୱାରା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନ
- ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକ ସର୍ବନିମ୍ନ ମଜୁରି ପରିସରଭୁକ୍ତ
- ମହିଳା ଓ ପୁରୁଷ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ
- ସ୍ୱିଗି, ଜୋମାଟୋ, ଓଲା, ଉବେର୍ ଆଦି ଅନ୍‌ଲାଇନ୍ ପ୍ଲାଟଫର୍ମରେ ନିୟୋଜିତ ଗିଗ୍ ଓ ପ୍ଲାଟଫର୍ମ୍ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ଗଠନ
- କର୍ମଚାରୀମାନଙ୍କ ନିମନ୍ତେ ବାଧ୍ୟତାମୂଳକ ଦେୟମୁକ୍ତ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା
- ନିର୍ଦ୍ଧାରିତ ଅବଧିର କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀଙ୍କ ପରି ସମାନ ସୁବିଧା ସୁଯୋଗ ସହିତ ଏକ ବର୍ଷର ନିରନ୍ତର ସେବା ପରେ ଗ୍ରାଚ୍ୟୁଇଟି ପାଇବାର ବ୍ୟବସ୍ଥା
- ନିଯୁକ୍ତିଦାତାଙ୍କ ପାଇଁ ଏକକ ପଞ୍ଜୀକରଣ ତଥା ଲାଇସେନ୍‌ସ ପ୍ରଦାନ ବ୍ୟବସ୍ଥା ସହିତ ଏକକ ରିଟର୍ଣ୍ଣ ଦାଖଲର ବ୍ୟବସ୍ଥା

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/13/0023/2526




# ନକଲି ହାତୀଦାନ୍ତ ର୍ୟାକେଟ, ଆଉ ୪ ଗିରଫ

## ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

ନୀଳଗିରି, ୧୯।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଞ୍ଚଳରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ନକଲି ଦାନ୍ତ ତିଆରି ର୍ୟାକେଟର ଆଉ ୪ଜଣଙ୍କୁ ଗିରଫ କରାଯାଇଛି। ଏହି ର୍ୟାକେଟ୍‌ରେ ମୋଟ୍ ଗିରଫଦାରୀ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି।

ଜହାତୀ ମରିଗଲା ପରେ ବନ ବିଭାଗ ପକ୍ଷରୁ ମୃତଦେହକୁ ପୋତି ଦିଆଯାଇଥାଏ। ପରେ ତସ୍କରମାନେ ହାତୀର ହାଡ଼କୁ ମାଟି ତଳୁ ଖୋଜି ବାହାର କରାଯାଇ ଏହାକୁ ଗ୍ରାଇଣ୍ଡିଂ କରି ନକଲି ହାତୀ ଦାନ୍ତ ତିଆରି କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ଅଚାନକ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରୀ ମାମଲାରେ ପୂର୍ବରୁ ୯ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ୪ ଜଣଙ୍କୁ ବାଲେଶ୍ୱର ଓ ବାହାର ଅଞ୍ଚଳରୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛି ତାହାକୁ ଗୋପନୀୟ ଭାବେ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୪ ତାରିଖରେ ୩ ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏହାକୁ ଭିତ୍ତି କରି ଗତ ମଙ୍ଗଳବାର ୨ ଜଣ ଏବଂ ବୁଧବାର ଆଉ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁଙ୍କ ଦେହାବଶେଷ ତସ୍କରୀ କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତ ହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚ ଦରରେ ବିକ୍ରି କରୁଥିବା ବନ ବିଭାଗ ସନ୍ଦେହ କରିଛି।


ଗିରଫ ୪ ଅଭିଯୁକ୍ତ।

# ୬୭ହଜାର କୋଟିର ନିବେଶ ସୁଯୋଗ ସୃଷ୍ଟି: ମୁଖ୍ୟମନ୍ତ୍ରୀ

## ୫୬ହଜାର ଯୁବବର୍ଗଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୧୯।୧୨(ରବିନାରାୟଣ ଜେନା)

ଓଡ଼ିଶା ଦେଶର ବିକାଶର ଇଞ୍ଜିନ୍ ହେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ହାଇଦ୍ରାବାଦ୍‌ସ୍ଥିତ ଇନଭେଷ୍ଟର୍ସ ମିଟ୍‌ସର ଉଦ୍‌ଯାପନୀ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ନିବେଶକ ସମ୍ମିଳନୀ ଏକ ଏଭଳି ପ୍ଲାଟ୍‌ଫର୍ମ ଯେଉଁଠି ନିବେଶକମାନେ ଦୀର୍ଘସ୍ଥାୟୀ ଭାବେ ପୁଞ୍ଜି ନିବେଶ କରି ତାଙ୍କର ଶିଳ୍ପକୁ ସୁନିଶ୍ଚିତ କରିପାରିବେ। କାହିଁକି ନା ଓଡ଼ିଶା ସରକାରଙ୍କ ନୀତିଗତ ନିଷ୍ପତ୍ତିରେ ସ୍ଥିରତା, କମ୍ ଖର୍ଚ୍ଚ ଏବଂ ପ୍ରଶାସନିକ ସହଯୋଗ ମିଳିପାରୁଛି। ଏହି ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶା ନିଜକୁ ଏକ ଭବିଷ୍ୟତମୁଖୀ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଥିଲେ ଯେ, ଓଡ଼ିଶା ନିବେଶକ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପପତିମାନଙ୍କ ସହ ସିଧାସଳଖ ମିଶି ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଅନୁକୂଳ ପରିବେଶ ସମ୍ପର୍କରେ ଅବଗତ କରାଇବା ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ନିବେଶ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା। ଏହି କାର୍ଯ୍ୟକ୍ରମରେ ବୃହତ୍ କମ୍ପାନୀ, ଶିଳ୍ପ ସମୁଦାୟ ଓ ବ୍ୟବସାୟୀକ ଗୋଷ୍ଠୀଙ୍କୁ ଏକତ୍ରିତ କରି ନୂତନ ନିବେଶ ସୁଯୋଗ ସୃଟି କରିବା। ଯାହାଫଳରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଅଭିବୃଦ୍ଧି ହୋଇପାରିବ। ତେବେଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଉପସ୍ଥିତ ସାମିଲ ହୋଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ପୂର୍ବୋଦୟ' ବିକାଶରେ ଓଡ଼ିଶା ଏକ ମୁଖ୍ୟ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଯେଉଁଥିରେ ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ଆର୍ଥିକ ଶୃଙ୍ଖଳା ଏବଂ ଦାୟିତ୍ୱଶୀଳ ସୁଶାସନର ସମର୍ଥନ ମିଳୁଛି। ରାଜ୍ୟରେ ଥିବା ବ୍ୟାପକ ସମୁଦ୍ରତଟ, ବନ୍ଦରର ବିକାଶ, ବିସ୍ତାରଶୀଳ ଶିଳ୍ପ କରିଡର ଏବଂ ବିବିଧ ସଂଯୋଗୀକରଣ ସତେ ଯେମିତି ବିଶ୍ୱ ବଜାର ପାଇଁ ଏକ ଖୋଲା ଦ୍ୱାର ଭାବେ ପ୍ରତିପାଦିତ କରୁଛି। ମାତ୍ର ଅନ୍ୟ ସ୍ଥାନରେ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ନାହିଁ। ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାର ସାଙ୍ଗକୁ ନିବେଶ ଲାଗି ଅଧିକ ଖର୍ଚ୍ଚ ଓ ପ୍ରଶାସନିକ ସହଯୋଗରେ ଅସ୍ଥିରତା ରହୁଛି। ଏହି କ୍ଷେତ୍ରରେ ଓଡ଼ିଶାରେ ନିବେଶକମାନେ ସବୁ ଦୃଷ୍ଟିରୁ ସହଯୋଗୀ ପରିବେଶ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ନିବେଶକ ଏବଂ ସରକାରଙ୍କ ମଧ୍ୟରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ମାଧ୍ୟମରେ ୨୭,୬୫୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଥିବାବେଳେ ପ୍ରାୟ ୧୫,୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ସେହିପରି ସମ୍ମିଳନୀରେ ୩୯,୧୩୧ କୋଟି ଟଙ୍କାର ନିବେଶ ସ୍ୱୀକୃତି ମିଳିଛି, ଯାହା ମାଧ୍ୟମରେ ୪୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେଥିମଧ୍ୟରେ ଔଷଧ ଶିଳ୍ପ, ଚିକିତ୍ସା ଉପକରଣ, ଅକ୍ଷୟଶକ୍ତି, ବସ୍ତ୍ର,ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଡାଟା ସେଣ୍ଟର, ଆଧୁନିକ ଉତ୍ପାଦନ ଏବଂ ସହଯୋଗୀ ଶିଳ୍ପ ରହିଛି। ଯାହା ଓଡ଼ିଶାର ବିବିଧ ଏବଂ ଭବିଷ୍ୟତମୁଖୀ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ବଢୁଥିବା ଆକର୍ଷଣକୁ ସ୍ପଷ୍ଟ କରୁଛିବୋଲିସମ୍ମିଳନୀରୁଜଣାଯାଇଛି।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଓଡ଼ିଶା ନିବେଶକ ସମ୍ମିଳନୀରେ ମିଳୁଥିବା ଦୃଢ଼ ପ୍ରତିଶ୍ରୁତି ଓଡ଼ିଶାର ନୀତିଗତ ଢାଞ୍ଚା ଏବଂ ପ୍ରଶାସନିକ ମଡେଲ୍ ଉପରେ ଶିଳ୍ପ ସମୁଦାୟର ବିଶ୍ୱାସକୁ ପ୍ରମାଣିତ କରୁଛି। ଏହା ମାଧ୍ୟମରେ ଓଡ଼ିଶା ଶିଳ୍ପ ସମୃଦ୍ଧ ଦିଗରେ ଅଗ୍ରଗତି କରିବା ସହିତ ନିବେଶକମାନଙ୍କୁ ଏକ ସୁସ୍ଥ ପରିବେଶ ଯୋଗାଇବ ବୋଲି ସେ କହିଥିଲେ।


ହାଇଦ୍ରାବାଦସ୍ଥିତ ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ନିବେଶକଗଣ।

# ନବୀନଙ୍କ ନିଷ୍ପତ୍ତିରେ ପ୍ରଥମରୁ ନ ଥିଲେ, ଏବେ ବଦଳିଲେ

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ସମ୍ପର୍କିତ ବିଲ୍ ଯାହା ବିଧାନସଭାରେ ପାରିତ ହୋଇଛି ସେଥିରେ ସଂଶୋଧନ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ବିଧାୟକମାନେ ଏନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଲ୍ ଉପରେ ପୁନର୍ବିଚାର କରିବା ନେଇ ଦସ୍ତଖତ ସମ୍ବଳିତ ଦରଖାସ୍ତ ଦେବାପରେ ଦରମା ଓ ଭତ୍ତା ବୃଦ୍ଧି ସମ୍ବନ୍ଧିତ ନିଷ୍ପତ୍ତି ବଦଳିପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଶୁକ୍ରବାର ବିଜେଡି ବିଧାୟକମାନଙ୍କ ପକ୍ଷରୁ ମଧ୍ୟ ଏହି ନିଷ୍ପତ୍ତିର ପୁନର୍ବିଚାର ଲାଗି ଦାବି କରାଯାଇଛି। ହେଲେ କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେ ନାହିଁ, ବରଂ ତାକୁ ଗରିବମାନଙ୍କ କଲ୍ୟାଣରେ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ନବୀନଙ୍କ ଏଭଳି ଚିଠି ପରେ ମଧ୍ୟ ଆଉ ଜଣେ କେହି ବିଜେଡି ବିଧାୟକ ସେମାନଙ୍କ ବର୍ଦ୍ଧିତ ଦରମା ନେବେନି ବୋଲି କହିଲେନି। ଯେତେବେଳେ ଭାଜପା ବିଧାୟକମାନେ ନିଷ୍ପତ୍ତି ବଦଳାଇବାକୁ କହିଲେ, ତା'ପରେ ବିଜେଡି ନିଷ୍ପତ୍ତିର ପୁନର୍ବିଚାର କଥା କହିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିରୋଧୀ ଦଳ ଉପନେତା ପ୍ରତାପ ଦେବ କହିଛନ୍ତି, ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜେଡି ସଭାପତି ପୂର୍ବରୁ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ କହିଥିଲେ। ଏହାର ପୁନର୍ବିଚାର ପାଇଁ ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି। ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଗତ ୯ ତାରିଖରେ ସର୍ବସମ୍ମତି କ୍ରମେ ବିଲ୍ ପାସ୍ ହୋଇଥିଲା। ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ନବୀନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଏହାକୁ ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଥିବା ଉଭୟ ନେତା କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଏବଂ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ, ସ୍ଥାନ: ଓଡ଼ିଶା ଭେଟେରିନାରି କଲେଜ ପରିସର(ଓୟୁଏଟି), ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ସନ୍ଥ ଗେଜ୍ ମିଶନ ପକ୍ଷରୁ ୭୦ତମ ମହାପରିନିର୍ବାଣ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସଟଲ୍ ସ୍ମାଶର୍ସ-୨୦୨୫, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ୩୩ତମ ଡିଷ୍ଟ୍ରିକ୍ଟ କ୍ୟାମ୍ପୋରି ୨୦୨୫-୨୬, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ:ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର,ସମୟ:ସକାଳ ୮ଟା।
- ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ , ସ୍ଥାନ:ଆଞ୍ଚଳିକ ସରକାରୀ ହାଇସ୍କୁଲ, ପାଖରସାଉଁ, ବାଲେଶ୍ୱର, ସମୟ:ସକାଳ ୮ଟା ୩୦।
- ଜେଜେବାପା ଜେଜେମା ସମ୍ମିଳନୀ, ସ୍ଥାନ:ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖଇରା, ସମୟ:ସକାଳ ୯ଟା।
- ଏକ୍ସଆଇଏକ୍ସ ଏମ୍‌ପିଏସ୍ ଏଡୁ ଏକ୍ସପୋ, ସ୍ଥାନ:ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ, ମେଘଡ଼ମ୍ବରୁ କ୍ୟାମ୍ପସ, ବାଲେଶ୍ୱର, ସମୟ:ସକାଳ୯ଟା।
- ରକ୍ତଦାନ ଶିବିର, ସ୍ଥାନ:କଚେରୀ ପରିସର, ବାଲେଶ୍ୱର, ସମୟ-ପୂର୍ବାହ୍ନ ୧୦ଟା।
- ନୋସି ଏକ୍ସପୋ ମେଳାର ଦ୍ୱିତୀୟ ଦିବସ, ସ୍ଥାନ:ନୋସି ବିଜିନେସ ପାର୍କ ପରିସର, ବାମପଦା, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ:ପିଏମ୍‌ଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ, ବାଲିଆପାଳ, ସମୟ:ପୂର୍ବାହ୍ନ ୧୧ଟା।
- ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ:କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ:ଅପରାହ୍ନ ୨ଟା।
- ସ୍ୟାଣ୍ଡ ଫେଷ୍ଟ-୨୦୨୫ ଉଦ୍‌ଘାଟନୀ, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ:ସନ୍ଧ୍ୟା ୫ଟା ୩୦।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ:ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା୬ଟା।
- ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ:ସନ୍ଧ୍ୟା୬ଟା।

## ଭଦ୍ରକ
- ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ପିରିପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ସଙ୍କୁଳ କ୍ରୀଡ଼ା,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ,ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ମ୍ୟାଚ,ସ୍ଥାନ:ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ଉତ୍ସବ,ସ୍ଥାନ:ବ୍ରହ୍ମ ମନ୍ଦିର, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗୋସାଣୀ ନୂଆଗାଁ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।

## ଗଞ୍ଜାମ
- ଶିକ୍ଷକ ଅଭିଭାବକ ବୈଠକ, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜନଗର ଚକାଡୋଲା ରିସର୍ଟ, ସମୟ: ଅପରାହ୍ନ ୪ ଟା।

## କନ୍ଧମାଳ
- ପ୍ରାକ୍ ଖ୍ରୀଷ୍ଟ ଜୟନ୍ତୀ ମହୋତ୍ସବ, ସ୍ଥାନ: ବ୍ରାହ୍ମଣୀଗାଁ ସ୍ଥିତ କ୍ୟାଥଲିକ ଦେବାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି
- ପିଏମଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ଏସଏସଡି ସରକାରୀ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ଅନୁଗୋଳ
- ଜେଜେବାପା, ଜେଜେମା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପରିସର ନୁଆବଜାର ପାରାଦୀପ, ସମୟ: ସକାଳ ୮ଟା।
- ବେଟି ବଚାଓ ବେଟି ପଢ଼ାଓ ଉପରେ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ନିମାଇଁ ଭବନ, ଟାଉନ ହଲ୍, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଖେଳପଡ଼ିଆ, ବାଲିଝରା, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀ ମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଯାଜପୁର ଯଜ୍ଞ ବରାହ ଜୀଉଙ୍କ ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ଯାଜପୁର ବରାହ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଯାଜପୁର ରୋଡ୍ ଜେମ୍ସ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଜ୍ଞାନ ମେଳା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ମୁଗୁପାଳ ସରକାର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଲଣ ପଡ଼ିଆ। ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ବ୍ୟାସନଗର ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୪ ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ : ଅପରାହ୍ନ ୪ଟା।
- ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ପ୍ରବଚନ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଯାଜପୁର ସଦର ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମିଉଜିକାଲ୍ ନାଇଟ୍, ସ୍ଥାନ: କବିରପୁର ଦଶହରା ପଡ଼ିଆ, ସମୟ: ସନ୍ଧ୍ୟା ୭ ଟା।

## ନୟାଗଡ଼
- ଘୋଡଲାଗି ପର୍ବର ୨୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦ ।
- ଦେଶୀୟ ବିହନ ମେଳା, ସ୍ଥାନ: ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ କନ୍ଧଖାଲମଡା,ସମୟ: ପୂର୍ବାହ୍ନ ୧୦ ଟା।
- ଶୁଭମ୍ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୪ର୍ଥ ଦିବସରେ ପ୍ରଥମ ସେମି ଫାଇନାଲ ଲେଙ୍କୁଡିପଡା ବନାମ ଦୁର୍ଗାପ୍ରସାଦ, ସ୍ଥାନ: ନୟାଗଡ ଦକ୍ଷିଣକାଳୀ ପଡିଆ, ସମୟ: ସନ୍ଧ୍ୟା ୫ଟା ୩୦ ।
- ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିରଠାରୁ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଦେଇ ଗୋଳେଇ ଟ୍ରାଫିକ ଛକ, ସମୟ:ସନ୍ଧ୍ୟା ୬ଟା ।
- ଶୁଭମ୍ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୪ର୍ଥ ଦିବସରେ ମା ଦକ୍ଷିଣକାଳୀ ଭଲି କ୍ଲବ ନୟାଗଡ଼ ପୁରୁଣା ସହର ବନାମ ସନରାଇଜର୍ସ ଝୁମ୍ପୁରି ,ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ପଡିଆ, ସମୟ: ସନ୍ଧ୍ୟା ୭ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଘରର ଅସଜଡା ପରିସ୍ଥିତିକୁ ସଜାଡ଼ିବାକୁ ଯାଇ ମାନସିକ ସ୍ଥିତି ବିକ୍ଷିପ୍ତ ରହିବ। ଦ୍ୱିଜା ନକ୍ଷତ୍ରର ଗତକାଲିର ଟେନ୍‌ସନ ଆଜି କମିଯାଇପାରେ। ଜମିଜମା, ପୁରାତନ ଗାଡ଼ି ପ୍ରଭୃତି କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ** ଆପଣଙ୍କ ଉତ୍ତମ ଚିନ୍ତାଧାରା ଓ ସୁସଂଯତ କାର୍ଯ୍ୟଶୈଳୀ ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ନିକଟରେ ମନର ଦୁଃଖକୁ ଲୁଚାଇ ହସି ହସି କଥା କହିବାକୁ ବାଧ ହେବେ। ଗତକାଲିଠାରୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ମୃଗଶିରା ନକ୍ଷତ୍ର ପରିବହନ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ପୃଷ୍ଠପୋଷକତା ଲାଭକରି ଅଭିଳାଷ ପୂରଣ କରିପାରିବେ। ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କ୍ଷେତ୍ରରେ ପରିସ୍ଥିତି ଆପଣଙ୍କୁ ଯେସାକୁ ତେସା ନୀତିରେ କାମ କରିବାକୁ ବାଧ କରିପାରେ। ପୁନର୍ବସୁ ନକ୍ଷତ୍ରକୁ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ମଧ ଦେଇ ଚଳିବାକୁ ପଡ଼ିବ।

**କର୍କଟ** ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ପରିଶ୍ରମଜନିତ ସ୍ୱାସ୍ଥ୍ୟ ହାନି ଘଟିପାରେ। ପାରିବାରିକ ସ୍ଥିତି ଭଲ ରହିବା ସହ ସାମାଜିକ ସ୍ତରରେ ଆଦର ପାଇବେ। ଆଲୋଚନା ସମୟରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟକୃତି ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ରହିବାରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିବାର ଶୁଭସୂଚନା ରହିଛି। ଉତ୍ତରାଫାଲଗୁନୀ ନକ୍ଷତ୍ର ଭୁଲ୍‌ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ହସ୍ତା ନକ୍ଷତ୍ରର ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସମସ୍ୟା ନିୟନ୍ତ୍ରିତ ରହିପାରେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ କାମ ବେଳକୁ ଦେଖାଦେବେ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହେବ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ତୁଳା** ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଲକ୍ଷ୍ୟ କରିପାରନ୍ତି। ବିଶାଖା ନକ୍ଷତ୍ର ସଭାସମିତିରେ ବନ୍ଧୁ ଗହଣରେ ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିବେ। ଇଚ୍ଛା ନଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଆନନ୍ଦ ମିଳିବ।

**ବିଛା** ସମୟୋଚିତ ପଦକ୍ଷେପ ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ନିଜ ପରିସରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** ପୂର୍ବାପେକ୍ଷା ମାନସିକ ଶାନ୍ତିର ଅଭାବ ପରିଲକ୍ଷିତ ହେବ। କର୍ମ ଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ଆଶଙ୍କା ରହିଛି। ପୂର୍ବାଷାଢ଼ା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସରକାରୀ କାମ ଓ କଚେରି ମାମଲାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

**ମକର** ମନ ଚାହୁଁଥିଲେ ହେଁ ଆନ୍ତରିକ ଚେଷ୍ଟାର ଅଭାବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରିବ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ପରିବାରରେ, ବନ୍ଧୁମେଳରେ ତଥା କର୍ମକ୍ଷେତ୍ରରେ ଶ୍ରବଣା କୃତକାର୍ଯ୍ୟ ହେବେ। ଧନିଷ୍ଠା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରି ମୂଳ ଲକ୍ଷ୍ୟକୁ ପାସୋରି ଦେଇପାରନ୍ତି।

**କୁମ୍ଭ** ଅନୁକୂଳ ଗ୍ରହ ପ୍ରଭାବରେ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସାମାନ୍ୟ ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ଆଶଙ୍କା ରହିଛି। ଖଳ ଲୋକଙ୍କ କାନକୁହା କଥାକୁ ବିଶ୍ୱାସ କରି ପାରିବାରିକ ଜୀବନରେ ସମସ୍ୟା ଆସିବ। ଉତ୍ତରଭାଦ୍ର ନକ୍ଷତ୍ର ନିରୁଦ୍ଦିଷ୍ଟ ବ୍ୟକ୍ତି କିମ୍ବା ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଡିସେମ୍ବର ୨୦ ତାରିଖ, ଶନିବାର, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ସକାଳ ଘ.୦୭।୧୩ ମି. ଗତେ ପୌଷ ଶୁକ୍ଳ ପ୍ରତିପଦା, ରାଶିନକ୍ଷତ୍ର-ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୬ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୦୫ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୯।୦୨ ଗତେ ଘ.୦୧।୨୩ ମଧ୍ୟେ ରାହୁ କାଳ।

## ହାତୀ ପାଇଁ ୧୦ ...

ବେଳେ ଅନ୍ୟ ଏକ ଦନ୍ତାହାତୀ କଳମଚୁଆ ପ୍ରବେଶ କରିବା ପରେ ସେଠାରୁ ଗ୍ରାମବାସୀ ଘଉଡାଇବାରୁ ହାତୀଟି ପଟ୍ଟାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀ ଦେଇ ଖଇରା ଅଞ୍ଚଳକୁ ପ୍ରବେଶ କରିଥିଲା। ସକାଳ ହେବା ବେଳକୁ ହାତୀ ନଟାପଡା, ଶାଳବଣି, ବଟେଶ୍ୱର ଦେଇ କଣ୍ଡାପଡା ଶାସନରେ ପହଞ୍ଚିଥିଲା। ସେଠାରୁ ସୋର-କୁପାରୀ ରାସ୍ତାରେ ପ୍ରବଳ ଜନଗହଳି ଯୋଗୁ ହାତୀ ଅଣନିଃଶ୍ୱାସୀ ହୋଇ ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲା। ସୁଣ୍ଡିରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ସୁଣ୍ଡିରା ପଞ୍ଚାୟତ ସମ୍ମୁଖରେ ହାତୀ ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡି ମାରି ଦେଇଥିଲା ଓ ଅନ୍ୟ ୨ଜଣଙ୍କୁ ଆହତ କରିଥିଲା। ହାତୀର ଗତିବିଧିକୁ ଲକ୍ଷ୍ୟ କରି ମହତୀପୁର ଓ ସୁଣ୍ଡିରା ପଞ୍ଚାୟତର ସମସ୍ତ ୧୦ଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଥିଲା। ସୁଣ୍ଡିରାରେ ବିଭୀଷିକା ଘଟାଇ ହାତୀଟି ନୂଆସାହି, ଅଣ୍ଡାଇଲୋ ଗ୍ରାମଦେଇ ନନ୍ଧୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶିଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ବାହାରି ନ ଥିଲା। ବିଭାଗ ନିଆଁ ଜାଳିବା ସହ ବାଣ ଫୁଟାଇ ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛି।

## ଆହୁରି ୭ଦିନ ...

ପର୍ଯ୍ୟନ୍ତ ଏପରି ଥଣ୍ଡା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି। ଆସନ୍ତା ଦୁଇଦିନ ଅର୍ଥାତ୍ ଶନିବାର ଓ ରବିବାର ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର ଏବଂ କନ୍ଧମାଳ ଜିଲାରେ ପ୍ରବଳ ଥଣ୍ଡା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କୋରାପୁଟ, କନ୍ଧମାଳ ଏବଂ କଳାହାଣ୍ଡି ଜିଲାରେ ଘନ କୁହୁଡି ନେଇ ସତର୍କ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆହାର ଛାଟ
ଜଗି ନ ରହିଲେ ଯମର ଭେଟ।**

ଆହାର ବା ଖାଦ୍ୟ ଶରୀର ନିର୍ବାହ ପାଇଁ ଆବଶ୍ୟକ। ଏହା ଦେହକୁ କ୍ରିୟାଶୀଳ କରି କାର୍ଯ୍ୟ କରିବାକୁ ଶକ୍ତି ଯୋଗାଏ। ସାଧାରଣତଃ ଲୋକମାନେ ଜିହ୍ୱା ଲାଳସାରେ ଅନେକ ପ୍ରକାର ଖାଦ୍ୟ ଖାଇଦିଅନ୍ତି। ଖାଦ୍ୟର ଉପକାରୀ ଗୁଣ ସହ ଅପକାରୀ ଗୁଣ ମଧ୍ୟ ରହିଛି। ଖାଦ୍ୟର ଗୁଣ, ତତ୍ତ୍ୱ ଓ ପରିମାଣ ବିଚାର ନ କଲେ ଶରୀର ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପଡ଼ିବାର ମଧ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ନ ବୁଝି ପଛେ ଭାଳ,
ପଛେ ଦେଖିବୁ କୁଟା ପାଳ।**

ବୁଝି ବିଚାରି କାମ ନ କଲେ ପଛରେ ଅନୁତାପ କରିବା ହିଁ ସାର ହୋଇଥାଏ। ନେଡ଼ିଗୁଡ଼ କହୁଣି କୁ ବୋହିଯିବା ଭଳି ପଛରେ ଭାଳି ହେଲେ ଆଉ କିଛି ଲାଭ ମିଳି ନ ଥାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତା'ର ଭଲ ମନ୍ଦ ଦିଗ ପ୍ରତି ଧ୍ୟାନ ଦିଆଯିବା ଉଚିତ୍ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବାଂଲାଦେଶରେ ଭାରତ ...

ପ୍ରତିଶ୍ରୁତି ଦେଇଛନ୍ତି। ବାହାରରୁ ଆସିଥିବା ତତ୍ତ୍ୱ ଦେଶରେ ଭିଡ଼ହିଂସା ଭିଆଉଥିବା ଦର୍ଶାଇ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ୟୁନୁସ୍ ଏକ ଟେଲିଭିଜନ୍ ବାର୍ତ୍ତାରେ କହିଛନ୍ତି।

ଏହି ଘଟଣା ପରେ ୧୭୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଥିବାବେଳେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ଗୁରୁବାର ରାତିରେ ମିମେସିଂ ସହରରେ ଉତ୍ତ୍ୟକ୍ତ ଲୋକେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ବିକ୍ଷୋଭକାରୀମାନେ ରାଜଶାହିସ୍ଥିତ ଭାରତୀୟ ମିଶନକୁ ଶୋଭାଯାତ୍ରା କରି ଟେକାମାଡ଼ ଓ ଭଙ୍ଗାରୁଜା କରିବାରୁ ସେଠାରେ ଥିବା ୨ଟି ଭିଜା ଆପ୍ଲିକେଶନ୍ ସେଣ୍ଟରରେ ଅପରେଶନ୍ ବନ୍ଦ କରିଦିଆଯାଇଛି। କାରୱା ବାଜାରସ୍ଥିତ ପ୍ରଥମ ଆଲୋ ଏବଂ ଡେଲି ଷ୍ଟାର ନାମକୁ ୨ଟି ଖବରକାଗଜ ଅଫିସରରେ ନିଆଁ ଲଗାଇ ଦେଇଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ବାଂଲାଦେଶ ସେନା, ସଶସ୍ତ୍ର ବଳ ବାଟାଲିୟନ୍ (ଏଏଫ୍‌ବି) ଏବଂ ପୋଲିସ ମୁତୟନ କରାଯାଇଛି।

## ପ୍ରତିଦିନ ଓଡ଼ିଶାରୁ ...

ଅନୁମୋଦନଠାରୁ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିବା ସହ ସେହି ଅନୁସାରେ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ଦେବା ପରିବର୍ତ୍ତେ ଏହା ବିରୋଧରେ ହାଇକୋର୍ଟରେ ରିଟ୍ ପିଟିଶନ ଦାୟର କରିଛନ୍ତି। ଫଳରେ କୋର୍ଟରେ ମାମଲା ଥିବାବେଳେ ଏହି କେତୋଟି କମ୍ପାନୀଠାରୁ ଓଡ଼ିଶା ସରକାର ପାଇବାକୁ ଥିବା ଷ୍ଟାମ୍ପ ଡ୍ୟୁଟି ବାବଦକୁ ୨୩୪ କୋଟି ୫୧ ଲକ୍ଷ ୧୩ ହଜାର ୪୧୭ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି' ବାବଦ ୯୩ କୋଟି ୮୦ ଲକ୍ଷ ୪୫ ହଜାର ୩୬୭ ଟଙ୍କା ଏହିପରି ମୋଟ୍ ୩୨୮ କୋଟି ୩୧ ଲକ୍ଷ ୫୮ ହଜାର ୭୮୪ ଟଙ୍କା ହରାଇଛନ୍ତି। କେବେ ଏ ସମ୍ପର୍କିତ ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ଏବଂ କେବେ ସରକାର ତାଙ୍କ ନ୍ୟାଯ୍ୟ ରାଜସ୍ୱ ବାବଦ ଅର୍ଥ ପାଇବେ ତାକୁ ନେଇ ସନ୍ଦେହ ଦେଖାଦେଇଛି। ଏହି ହାତଗଣତି କେତୋଟି କମ୍ପାନୀ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଖଣି ଉତ୍ତୋଳନକରି କୋର୍ଟକୁ ଯିବା ପରେ ସେହି ବାହାନାରେ ରାଜ୍ୟରେ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ଆହୁରି ବହୁ କମ୍ପାନୀକୁ ଏହା ସୁହାଇଯାଇଛି। କାରଣ ସେମାନେ ମଧ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନକରି ସେ ସମ୍ବନ୍ଧିତ ଅଧିକ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେଶନ ଫି' ନ ଦେଇ ମାମଲା କୋର୍ଟରେ ଥିବା କହି ରାଜ୍ୟକୁ ମିଳିବାକୁ ଥିବା ରାଜସ୍ୱ ଫାଙ୍କି ସେହି ଟଙ୍କା ସବୁ ନିଜ ପକେଟରେ ପୂରାଇବାରେ ଲାଗିଛନ୍ତି। ଜଣେ ବରିଷ୍ଠ ଖଣି ଅଧିକାରୀଙ୍କ ସୂଚନା ମୁତାବକ, ମାମଲା କୋର୍ଟରେ ଥିବାବେଳେ ବାସ୍ତବରେ ଏବେ ଖଣି ପଟ୍ଟାଧାରୀମାନେ ଦୈନିକ କେତେ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଛନ୍ତି ତା'ର ଠିକ୍ ତଥ୍ୟ ମଧ ବର୍ତ୍ତମାନ ସରକାର ରଖିବାରେ ବିଫଳ ହେଉଛନ୍ତି। ଫଳରେ ଅନେକ ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ରାଜ୍ୟରୁ ଏହି ବାଟରେ ପ୍ରତିଦିନ ଚୋରି ହେବାରେ ଲାଗିଛି।

ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗତ ୪ ତାରିଖରେ ବିଧାନସଭାରେ ରଖିଥିବା ଉତ୍ତର ଅନୁଯାୟୀ, ଯୋଡ଼ା ଇଷ୍ଟ ଆଇରନ ମାଇନ୍ସରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ବାବଦରେ ଟାଟା ଷ୍ଟିଲ୍ ଲିମିଟେଡ୍ ୪୯ କୋଟି ୪୦ ଲକ୍ଷ ୧୭ ହଜାର ୫୦୦ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଏବଂ ୧୯ କୋଟି ୭୬ ଲକ୍ଷ ୦୭ ହଜାର ଟଙ୍କାର ରେଜିଷ୍ଟ୍ରେଶନ ଫି' ବାବଦ ଅର୍ଥ ବକେୟା ରଖିଛି। ସେହିପରି କଟାମାଟି ଆଇରନ ମାଇନ୍ସରୁ ଟାଟା ଷ୍ଟିଲ୍ ଲିମିଟେଡ୍ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୬୧ କୋଟି ୪୮ ହଜାର ୨୭ ଲକ୍ଷ ୫୮୮ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି ୨୪ କୋଟି ୫୯ ଲକ୍ଷ ୩୧ ହଜାର ୦୩୫ ଟଙ୍କା, ଇନ୍ଦ୍ରାଣୀ ପଟ୍ଟନାୟକ ଷ୍ଟାମ୍ପ ଡ୍ୟୁଟି ୩୯ କୋଟି ୦୩ ଲକ୍ଷ ୨୮ ହଜାର ୩୬୫ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି ୧୫ କୋଟି ୬୧ ଲକ୍ଷ ୩୧ ହଜାର ୩୪୬ ଟଙ୍କା, ଟାଟା ଷ୍ଟିଲ୍ ତିରିଙ୍ଗ ପାହାର ମାଇନିଂ ବାବଦରେ ଷ୍ଟାମ୍ପ ଡ୍ୟୁଟି ୩ କୋଟି ୨୬ ଲକ୍ଷ ୫୮ ହଜାର, ୮୧୮ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୧ କୋଟି ୩୦ ଲକ୍ଷ ୬୩ ହଜାର ୫୨୮ ଟଙ୍କା, ବାମେବାରୀ ମାଇନିଂ ବାବଦରେ ଟାଟା ଷ୍ଟିଲ୍ ଷ୍ଟାମ୍ପ ଡ୍ୟୁଟି ୩ କୋଟି ୭୮ ଲକ୍ଷ ୩୬ ହଜାର ୨୨୩ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୧ କୋଟି ୫୧ ଲକ୍ଷ ୩୪ ହଜାର ୪୮୯ ଟଙ୍କା, ଖଣ୍ଡାବନ୍ଧ ମାଇନିଂ ବାବଦକୁ ଟାଟା ଷ୍ଟିଲ୍ ଷ୍ଟାମ୍ପ ଡ୍ୟୁଟି ୬୭ କୋଟି ୮୪ ଲକ୍ଷ ୫୦ ହଜାର ୭୦୦ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୨୭ କୋଟି ୧୩ ଲକ୍ଷ ୮୦ ହଜାର ୨୮୦ ଟଙ୍କା, ଯୋଡ଼ା ୱେଷ୍ଟ ମାଇନିଂ ବାବଦରେ ଟାଟା ଷ୍ଟିଲ୍ ଲିମିଟେଡ୍ ଷ୍ଟାମ୍ପ ଡ୍ୟୁଟି ୯ କୋଟି ୬୯ ଲକ୍ଷ ୯୪ ହଜାର ୨୨୩ ଟଙ୍କା ଓ ରେଜିଷ୍ଟ୍ରେଶନ ଫି' ୩ କୋଟି ୮୭ ଲକ୍ଷ ୯୭ ହଜାର ୬୮୯ ଟଙ୍କା ସରକାରଙ୍କୁ ଦେବାକୁ ରହିଛି। ଏହି କେତୋଟି ସଂସ୍ଥା କୋର୍ଟରେ ମାମଲା କରିଥିବା ନେଇ ସରକାର ବିଧାନସଭାରେ ତଥ୍ୟ ରଖିଛନ୍ତି, ହେଲେ ଏମାନଙ୍କ ବାଟରେ ଆଉ କେତେ ଖଣି କମ୍ପାନୀ ଏପରି ରାଜସ୍ୱ ଟଙ୍କା ବକେୟା ରଖି କୋର୍ଟ ନିଷ୍ପତ୍ତି ଆସିବା ଅପେକ୍ଷାରେ ସରକାରଙ୍କୁ ଠକି ଚାଲିଛନ୍ତି ସେକଥା ସାମ୍ନାକୁ ଅଣାଯାଉ ନାହିଁ। ରାଜ୍ୟ ଆଡଭୋକେଟ୍ ଜେନେରାଲ ଅଫିସ୍ ଏହି ମାମଲାକୁ ନେଇ ଯେମିତି କୋର୍ଟରେ ଲଢ଼ିବା କଥା ଜାଣିଶୁଣି ତାହା ନ କରି ଆନ୍ତରିକତାର ଅଭାବ ଦେଖାଉଛନ୍ତି, ଯେଉଁଥିଲାଗି ପ୍ରତିଦିନ ରାଜ୍ୟ ରାଜକୋଷର କ୍ଷତି ହୋଇଚାଲିଛି।

ସୂଚନାଯୋଗ୍ୟ, ରାଜ୍ୟରେ ଅଦ୍ୟାବଧି ୩୮୭ଟି ଖଣି ଅବଧି ଏବେ ବଳବତ୍ତର ରହିଛି। ସେଥିମଧ୍ୟରୁ ୨୦୪ଟି ଖଣି କାର୍ଯ୍ୟକ୍ଷମ ଥିବାବେଳେ ବିଭିନ୍ନ କାରଣ ଯୋଗୁ ୧୮୩ଟି କାର୍ଯ୍ୟକ୍ଷମ ନାହିଁ। ଖଣି ପଟ୍ଟାଧାରୀମାନେ ସେମାନଙ୍କ ଖଣିରୁ ଖଣିଜ ପଦାର୍ଥ ଉତ୍ତୋଳନକରିବା ସହ ଖଣି ଓ ଖଣିଜ ଅଧିନିୟମ ୨୦୧୬ ଅନୁଯାୟୀ ଖଣି ଅଞ୍ଚଳରେ ସର୍ବେକ୍ଷଣ ଅନୁସନ୍ଧାନ କରିବାର ବିଧି ରହିଛି। ଲିଜ୍‌ଧାରୀମାନେ ତାଙ୍କର ଖଣି ଅଞ୍ଚଳର ମାଇନିଂ ପ୍ଲାନ୍ ଏବଂ ସ୍କିମ୍‌ରେ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଚାହିଁଲେ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍)ଙ୍କ ଠାରୁ ଅନୁମୋଦନ ନେବା ଜରୁରୀ। ମାତ୍ର ତାହା ମଧ ସେମାନେ ଠିକ୍ ଭାବେ କରୁ ନ ଥିବା ଜଣାପଡ଼ିଛି।

## ଶାସନ, ସେବାକୁ ...

କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲର ଲୋକାର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ କହିଲେ, ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଏଆଇର ମଡ୍ୟୁଲ ଟୁଲ୍ ବ୍ୟବହାର କରାଯିବ। ଏବେ ଏହାକୁ ସୁଭଦ୍ରା ଯୋଜନା ଓ ଧାନକିଣାରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ସୁଭଦ୍ରା ଯୋଜନାରେ ମିଳିଥିବା ଅର୍ଥ କେଉଁ କ୍ଷେତ୍ରରେ ବ୍ୟବହାର କରାଯିବ, କେମିତି ମନିଟର ହେବ, କେଉଁ ବୟସର କେତେ ହିତାଧିକାରୀ ରହିଛନ୍ତି ଏହାର ତଥ୍ୟ ମିଳିପାରିବ। ଏଥିସହ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଓ ତୃଣମୂଳସ୍ତରରେ ଯୋଜନା କାର୍ଯ୍ୟକାରୀ କରିବାରେ ଏଆଇର ସହାୟତା ନିଆଯିବ। ସ୍କୁଲ ପାଠ୍ୟକ୍ରମରେ ଏଆଇ ଉପରେ ସ୍ୱତନ୍ତ୍ର ଚାପ୍ଟର ରଖିବାକୁ ଯୋଜନା କରାଯାଉଛି। ରାଜ୍ୟ ସରକାରଙ୍କ ୪୧ଟି ବିଭାଗରେ ଏଆଇକୁ କାର୍ଯ୍ୟକାରୀ କରାଯିବ। ପ୍ରାରମ୍ଭିକ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ସଂସଦୀୟ ବ୍ୟାପାର ବିଭାଗରେ ଏହାକୁ ବ୍ୟବହାର କରାଯିବ। ଭାରତ ଏଆଇ ଇମ୍ପାକ୍ଟ ଶିଖରର ନୀତି -୩ ସୂତ୍ର ଏବଂ ୭ ଚକ୍ର ସହିତ ସମ୍ମିଳନୀର ସମନ୍ୱୟ ଉପରେ ମନ୍ତ୍ରୀ ଆଲୋକପାତ କରି କହିଲେ, ଏହି ନୀତିଗୁଡ଼ିକୁ ମାନବ ପୁଞ୍ଜି, ଅନ୍ତର୍ଭୁକ୍ତି, ବିଶ୍ୱାସ, ସ୍ଥିରତା, ବିଜ୍ଞାନ, ସମ୍ବଳ ଏବଂ ସାମାଜିକ ମଙ୍ଗଳକୁ ନେଇ ବହୁପାକ୍ଷିକ କାର୍ଯ୍ୟର ଦୃଢ଼ତା କ୍ଷେତ୍ରରେ ପରିଣତ କରିଥାଏ। ଏପରି ଆଞ୍ଚଳିକ ଏଆଇ ସମ୍ମିଳନୀ ଓଡିଶା ସହ ଅନ୍ୟ ୭ଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

ମୁଖ୍ୟ ସଚିବ ମନୋଜ ଆହୁଜା କହିଲେ, ନୀତିଗତ ଏବଂ ଉତ୍ତରଦାୟୀ ଭାବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅଧିକ ଆବଶ୍ୟକ। ଆମକୁ ଏଆଇ କର୍ମଶାଳାରୁ କାର୍ଯ୍ୟ ପ୍ରତି ଧ୍ୟାନ ଦେବାକୁ ପଡିବ। ଫଳରେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା ନିଶ୍ଚିତ ରୂପେ ସାର୍ବଜନୀନ ଭିତ୍ତିଭୂମି ସହିତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବ ବୋଲି ସେ କହିଥିଲେ । ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ କହିଲେ, ଏଆଇଚାଳିତ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଓଡ଼ିଶା ପ୍ରତିବଦ୍ଧ। ଏଥିସହ ସେ ଏଆଇ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଭାରତ ସରକାରଙ୍କ ଏମ୍‌ଇଟିୱାଇର ଯୁଗ୍ମ ସଚିବ ସୁଦୀପ ଶ୍ରୀବାସ୍ତବ, ଇଜିପ୍ଟର ଏଆଇ ଶାସନ ବିଶେଷଜ୍ଞ ଡ. ଅହମ୍ମଦ ହେଫନାୱି ଏବଂ ନୀତି ଫ୍ରଣ୍ଟିୟର୍ ଟେକ୍ ହବ୍‌ର ମୁଖ୍ୟ ସ୍ଥପତି ଦେବଯାନୀ ଘୋଷ ପ୍ରମୁଖ ଯୋଗଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୧୪ ଲକ୍ଷର ଗାଡ଼ିରେ ...

ଦିଗକୁ ଟିକିନିଖି ଅନୁଧାନ କରାଯିବ ସେଥିପ୍ରତି ଦୃଷ୍ଟିଦେବାକୁ ମନ୍ତ୍ରୀ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ଜଣେ ପ୍ରମୁଖ ସଦସ୍ୟଙ୍କ ସୂଚନା ଅନୁଯାୟୀ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଦୁଇଟି କମ୍ପାନୀର ତିନି ପ୍ରକାର ଗାଡ଼ି କିଣାଯାଇଛି। ସେଥିରେ ତିନୋଟି ମଡେଲର ୧୪୧ ଗାଡ଼ି ରହିଛି। ଏହି ଗାଡ଼ି ଯେଉଁ ଦରରେ ବିଭାଗ ପକ୍ଷରୁ କିଣାଯାଇଛି, ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରିମଡେଲିଂ କରାଯାଇଛି। ଛ'ଟଙ୍କାର ଘୋଡାକୁ ନ' ଟଙ୍କାର ଦାନା ନ୍ୟାୟରେ ଗାଡ଼ି ଗୋଟାକ ୧୪ଲକ୍ଷ ଟଙ୍କାରେ କିଣାଯାଇଥିବା ବେଳେ ଏଥିରେ ୧୦ଲକ୍ଷ ଟଙ୍କାର ସାଜସଜ୍ଜା ଖର୍ଚ୍ଚ ଯୋଡ଼ା ଯାଇଛି। ତେବେ କଥାଟା କେବଳ ଗାଡ଼ି କିଣିବା କିମ୍ବା ମଡେଲିଂରେ ରହିନାହିଁ। ବିଭାଗୀୟ ଅଧିକାରୀମାନେ ଗାଡ଼ି କିଣିବା ବେଳେ ଚତୁରତାର ସହ 'ସ୍ଲଟ୍ ନୀତି'ରେ ଗାଡ଼ି କିଣିଛନ୍ତି। ଗାଡ଼ି କିଣା ବାବଦକୁ ୨୮କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଏହାକୁ ତିନୋଟି ପର୍ଯ୍ୟାୟରେ କିଣାଯାଇଛି। ଏହାବାଦ୍ ଗାଡ଼ି ସଂଗ୍ରହ ସମୟରେ କମ୍ପାନୀ ପକ୍ଷରୁ 'ସ୍ୱତନ୍ତ୍ର ଅଫର' ରହିଥିଲା । ତେଣୁ ଏହି ଫାଇଲ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦ୍ରବ୍ୟ ସଂଗ୍ରହ ନୀତି ତଥା ସରକାରଙ୍କ ନିୟମ ଅନୁଯାୟୀ, ୧୦ କୋଟି ଟଙ୍କାରୁ ଅଧିକ କାର୍ଯ୍ୟରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମତି ଆବଶ୍ୟକ। ମାତ୍ର ଏହିସବୁ ଗାଡ଼ି କିଣାବେଳେ ସେସବୁକୁ ଗୁରୁତ୍ୱ ଦିଆଯାଇ ନାହିଁ। ତେବେ ଏତେଦିନ ପରେ କଥା ଲୋକଲୋଚନକୁ ଆସିବାର କାରଣ ହେଲା, ବିଭାଗ ପକ୍ଷରୁ ଏତେ ସଂଖ୍ୟକ ଗାଡ଼ି କିଣାଯାଇଥିଲେ ହେଁ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିନାହାନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ନ୍ୟାୟରେ ଏବେ ଏହାର ଟିକିନିଖି ତଦନ୍ତ ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଧାନସଭାର ପ୍ରମୁଖ ସଦସ୍ୟ ଜଣକ ଅଭିଯୋଗରେ କହିଛନ୍ତି। ତେବେ ବିଭାଗରେ ଦୁର୍ନୀତି ଅଭିଯୋଗକୁ ବରଦାସ୍ତ ନ କରି ମନ୍ତ୍ରୀ ଯେଉଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ତାହା କି ପ୍ରକାର ନିର୍ଯାସ ଆଣୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପ୍ରତି ବ୍ଲକ୍‌ରେ ଖୋଲିବ ୨ କଲେଜ

ଭୁବନେଶ୍ୱର,୧୯।୧୨ (ସୁଚିସ୍ମିତା ସାହୁ)

ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ରେ ୪ଟି ପ୍ରମୁଖ ମାନଦଣ୍ଡକୁ ସ୍ଥାନିତ କରାଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୩୬ ମସିହା ସୁଦ୍ଧା ୫୦% ଓ ୨୦୪୭ ସୁଦ୍ଧା ୬୦% ସାମଗ୍ରିକ ଶିକ୍ଷା ଅନୁପାତକୁ ସୁନିଶ୍ଚିତ କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଲିଙ୍ଗଗତ ସମାନତା ଓ ପଛୁଆ ବର୍ଗରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଅନ୍ତର୍ଭୁକ୍ତୀକରଣ ଉପରେ ପ୍ରାଧାନ୍ୟ ଦିଆଯିବ। ସ୍ନାତକ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରତି ବ୍ଲକରେ ୨ଟି ଉଚ୍ଚଶିକ୍ଷାନୁଷ୍ଠାନ (କଲେଜ) ଏବଂ ପ୍ରତି ଜିଲାରେ ଅନ୍ତତଃ ଗୋଟିଏ ବୈଷୟିକ ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ୨୦୩୬ ମସିହା ସୁଦ୍ଧା ରାଜ୍ୟର ୨ଟି ଶିକ୍ଷାନୁଷ୍ଠାନକୁ ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

## ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ



କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭାଗର ଅଧିକାରୀମାନେ।

ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା)କୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପାଇଁ ଶୁକ୍ରବାର ଏକ କର୍ମଶାଳା କୃଷି ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂରଜ ଯୋଗଦେଇ ବିକଶିତ ଓଡ଼ିଶା ଭିଜନର ଲକ୍ଷ୍ୟ ସାଧନରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକର ଭୂମିକା ସମ୍ପର୍କରେ କହିଥିଲେ। ସେ କହିଲେ, ଉଚ୍ଚଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏଥିସହ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକକ ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡ଼ର ସଂରକ୍ଷଣ) ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ ମିଳିଛି। ବିଦେଶ ଶିକ୍ଷାବୃତ୍ତି ଯୋଜନା ମାଧ୍ୟମରେ ୧୨ଲକ୍ଷରୁ କମ୍ ଆୟ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାରର ଛାତ୍ରୀଛାତ୍ରଙ୍କୁ ବିଦେଶରେ ପାଠ ପଢିବା ପାଇଁ ବାର୍ଷିକ ସର୍ବାଧିକ ୨୫ ଲକ୍ଷ ଓ ୨ ବର୍ଷରେ ସର୍ବାଧିକ ୫୦ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରିବାର ପ୍ରାବଧାନ ରହିଛି। 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ହେଉଛି ଆମର ଲକ୍ଷ୍ୟ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣରେ ଆମ ଶୈକ୍ଷିକ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଥିଲେ।

ଉଚ୍ଚଶିକ୍ଷା ବିଭାଗର କମିଶନର ଅରବିନ୍ଦ ଅଗ୍ରୱାଲ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଭିଜନରେ ଉଚ୍ଚଶିକ୍ଷାର ବିକାଶ ଲକ୍ଷ୍ୟକୁ କିପରି ଭାବେ ହାସଲ କରାଯାଇପାରିବ ସେ ସମ୍ବନ୍ଧରେ କୁଳପତି ଓ ଅଧ୍ୟକ୍ଷମାନଙ୍କୁ କହିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ର ନାଥ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ବଲପୁର ବନ୍ଦକଲେ ଚାଷୀ

ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)

ଟୋକନ ସମସ୍ୟାକୁ ନେଇ ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ବଲପୁର ବନ୍ଦ ପାଳନ କରାଯାଇଥିଲା। ସମ୍ବଲପୁର ସହରରେ ସମସ୍ତ ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ବୀମା, ଡାକଘର, କଚେରି, ପେଟ୍ରୋଲଟାଙ୍କି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାତ୍ରୀବାହୀ ବସ୍ ଓ ଅଟୋ ଚଳାଚଳ ବନ୍ଦ ରହିଥିଲା। ପୂର୍ବରୁ ଚାଷୀମାନେ ୨ଥର ଜାତୀୟ ରାଜପଥ ଅବରୋଧ ସହ ଆନ୍ଦୋଳନ କରିଥିଲେ। ତେଣୁ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସହ ଟ୍ରେନ୍‌ଯାତ୍ରା ମଧ୍ୟ ସ୍ୱାଭାବିକ ରହିଥିଲା। ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ଚାଷୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ବହୁ ସଂଖ୍ୟାରେ ଚାଷୀ ସକାଳ ୬ଟାରୁ ସହରର ଲକ୍ଷ୍ମୀ ଟକିଜ୍ ଛକ, ଅଇଁଠାପାଲିଛକ, କଚେରି ଛକ ଆଦି ସ୍ଥାନରେ ପିକେଟିଂକରି ଖୋଲାଥିବା ଅଳ୍ପ କିଛି ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନକୁ ବନ୍ଦ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ବାଇକ୍ ରାଲିରେ ସହର ପରିକ୍ରମା କରି ଆସି କଚେରୀ ଛକରେ ଚାଷୀଙ୍କ ସହିତ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ପୋଲିସ ସୁରକ୍ଷାରେ ବିଚାରପତିମାନେ ଆସିବାରୁ ମୁତୟନ ସୁରକ୍ଷା କର୍ମୀ ରଶିରେ କର୍ଡନ କରି ବିଚାରପତିମାନଙ୍କୁ ଅଦାଲତ ପର୍ଯ୍ୟନ୍ତ କଢ଼େଇ ନେଇଥିଲେ। ତେବେ ଏହି ସମୟରେ ବିଜେଡି ଜିଲା ସଭାପତି ଇଂ. ପୂଜାରୀ, ବରିଷ୍ଠ ନେତା ବିଜୟ ମହାନ୍ତି, ସଞ୍ଜିତ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ଗୋକୁଳ ମେହେର ପ୍ରମୁଖଙ୍କ ସହିତ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନର ଆବାହକ ଅଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ଜିଲା ସଭପତି ବ୍ୟୋମକେଶ ଠାକୁର, ଉମେଶ ମିଶ୍ର, ଶ୍ରମିକ ନେତା ମହେଶ୍ୱର ଷଣ୍ଢ ପ୍ରମୁଖ ବିଚାରପତିଙ୍କ ବାଟ ଓଗାଳି ଚାଷୀଙ୍କ ସମର୍ଥନରେ କାର୍ଯ୍ୟରେ ଯୋଗ ନ ଦେବାକୁ ହାତଯୋଡ଼ି ନିବେଦନ କରିଥିଲେ। ସମ୍ବଲପୁର ସହର ସହ ସହର ଉପକଣ୍ଠସ୍ଥ ସିନ୍ଦୂରପଙ୍କ ତଥା ଜିଲାର କୁଚିଣ୍ଡା, ରେଢ଼ାଖୋଲ, ଜମନକିରା, ପଡ଼ିଆବାହାଲ, ଗୋଶାଳା ଅଞ୍ଚଳକୁ ମଧ୍ୟ ଚାଷୀମାନେ ବନ୍ଦ କରିଥିଲେ।




ଚାଷୀଙ୍କ ସମ୍ବଲପୁର ବନ୍ଦ ଡାକରା ସମର୍ଥନରେ ଶ୍ରମିକ ସଙ୍ଗଠନର ପିକେଟିଂ।

# ଏକତା, ସହଯୋଗକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ମାନବ ସଂହତି ଦିବସ



ଲୋକଙ୍କ ମଧ୍ୟରେ ଏକତା ଏବଂ ସହଯୋଗର ଗୁରୁତ୍ୱକୁ ପ୍ରତିଭାତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ସଂହତି ଦିବସ ପାଳିତ ହୋଇଆସୁଛି। ଏହି ଦିବସ ବ୍ୟକ୍ତି, ସମ୍ପ୍ରଦାୟ ଓ ରାଷ୍ଟ୍ରଗୁଡ଼ିକୁ ସାମାଜିକ ଓ ଆର୍ଥିକ ପ୍ରଗତି, ଅସମାନତା ହ୍ରାସ ଏବଂ ମାନବ ମର୍ଯ୍ୟାଦା ବୃଦ୍ଧି ପାଇଁ ଏକାଠି କାମ କରିବାକୁ ଉତ୍ସାହିତ କରେ। ତେବେ ସହସ୍ରାବ୍ଦ ଘୋଷଣାନାମା ଗ୍ରହଣ ପରେ ୨୦୦୫ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଅନ୍ତର୍ଜାତୀୟ ମାନବ ସଂହତି ଦିବସ ଘୋଷଣା କରାଯାଇଥିଲା। ଜାତିସଂଘ ସଂହତିକୁ ଲୋକ, ସମାଜ ଏବଂ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ପର୍କ ପାଇଁ ମୌଳିକ ଭାବରେ ବିବେଚନା କରେ, ଏହାକୁ ବିଶ୍ୱ ଶାନ୍ତି ଏବଂ ବିକାଶର ଲକ୍ଷ୍ୟରେ ଏକ ପ୍ରମୁଖ ମୂଲ୍ୟ ଭାବରେ ଚିହ୍ନିତ କରେ। ଯଦିଓ ଚଳିତ ବର୍ଷ ଉକ୍ତ ଦିବସ ପାଇଁ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ବିଷୟବସ୍ତୁ ଘୋଷଣା କରାଯାଇ ନାହିଁ, ତେବେ ପ୍ରମୁଖ ସୂତ୍ରଗୁଡ଼ିକ ସୂଚାଉଛନ୍ତି ଯେ ଏହା 'ନିରନ୍ତର ବିକାଶ ପାଇଁ ଏକତା: ଏକ ଅଂଶୀଦାର ଭବିଷ୍ୟତ ପାଇଁ ସମ୍ପ୍ରଦାୟକୁ ଏକତା' ଉପରେ ଧ୍ୟାନ ଦେବ। ଏଥିସହ ଦାରିଦ୍ର୍ୟ, ଅସମାନତା ଦୂର ଓ ସାମୂହିକ କାର୍ଯ୍ୟ ଏବଂ ସହଯୋଗ ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଏକତା ଉପରେ ଗୁରୁତ୍ୱ ଦେବ।

# ମା'ଙ୍କ ଦ୍ୱାଦଶାହରେ ପୁଅଙ୍କ ମୃତ୍ୟୁ

ଦିଗପହଣ୍ଡି,୧୯।୧୨
(ଅଶେଷ ନାଥ ମିଶ୍ର)

ମା'ଙ୍କ ଦ୍ୱାଦଶାହରେ ପୁଅଙ୍କ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦାୟକ ଘଟଣା ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ତିତିଖଣ୍ଡି ଗ୍ରାମରେ ଘଟିଛି। ମୃତକ ହେଲେ ପି. କୈଳାସ ପାତ୍ର (୫୨)। ତାଙ୍କ ପୈତୃକ ଘର ଗୌତମୀ ଗ୍ରାମରେ। ତିତିଖଣ୍ଡି ଗ୍ରାମରେ ରହୁଥିବା ଅଜା ଏନ.ରଘୁନାଥ ନିଃସନ୍ତାନ ଥିବାରୁ ନାତି କୈଳାସଙ୍କୁ ସେ ପୋଷ୍ୟପୁତ୍ର କରିଥିଲେ। କୈଳାସ ମହାରାଷ୍ଟ୍ରର ମୁମ୍ବାଇରେ ପରିବାର ସହ ରହି ସେଠାରେ କାମ କରୁଥିବା ବେଳେ ଗାଁରେ ରହୁଥିବା ମା' ପି.ସରୋଜିନୀ(୭୫)ଙ୍କ ମୃତ୍ୟୁଖବର ପାଇ ଗାଁକୁ ଫେରିଥିଲେ। ସେ ଅସୁସ୍ଥ ଥାଇ ମଧ୍ୟ ମା'ଙ୍କ ଶୁଦ୍ଧିକ୍ରିୟା କରିଥିଲେ। ଗୁରୁବାର ଶୁଦ୍ଧିକ୍ରିୟା ଭୋଜି ସରିଥିଲା। କୈଳାସଙ୍କ ସ୍ତ୍ରୀ ଓ ୨ ଝିଅ, ପୁଅ ଅପରାହ୍ନରେ ଟ୍ରେନ ଯୋଗେ ମୁମ୍ବାଇ ଫେରୁଥିଲେ। ଅସୁସ୍ଥତା କାରଣରୁ ସେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ମୁମ୍ବାଇ ଫେରିବେ ବୋଲି ସ୍ତ୍ରୀଙ୍କୁ କହିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ କୈଳାସ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କୈଳାସଙ୍କ ସ୍ତ୍ରୀ, ଝିଅ, ପୁଅ ଆନ୍ଧ୍ରପ୍ରଦେଶ ପଲାସା ରେଳଷ୍ଟେଶନରୁ ଗାଁକୁ ଫେରିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସତ୍କାର କରାଯାଇଛି।






"ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ। କିନ୍ତୁ ତା'ସହିତ ତାକୁ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଂହତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ଚାଲିବାକୁ ହେବ। ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ



# ବାହ୍ୟ ସୁରକ୍ଷାର ପୁନର୍ବିଚାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାହୁଲ ରାସଗୋତ୍ରାଙ୍କୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଭାବରେ ପୋର୍ଟ ଲୁଇସ୍ (ମରିସସ୍ ରାଜଧାନୀ)କୁ ପଠାଇବା ଏକ ନିୟମିତ ଘୋଷଣା ନ ଥିଲା, ବରଂ ଥିଲା ଏକ ଯୋଜନାବଦ୍ଧ ସଙ୍କେତ। ଅନେକ ବର୍ଷ ହେଲା ମରିସସ୍ ଏନ୍‌ଏସ୍‌ଏ ପଦବୀ ସାଧାରଣତଃ ଏକ ଦୃଢ଼ ବାହ୍ୟ ଗୁପ୍ତଚର କିମ୍ବା ସାମରିକ ପୃଷ୍ଠଭୂମି ଥିବା ଅଧିକାରୀମାନଙ୍କୁ ଦିଆଯାଇଆସିଛି। କିନ୍ତୁ ରାସଗୋତ୍ରାଙ୍କ କ୍ଷେତ୍ରରେ ଏହା ଭିନ୍ନ । ସେ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ, ଯାହାଙ୍କ କ୍ୟାରିୟର ଘରୋଇ ଗୁପ୍ତଚର, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ସୀମା ପରିଚାଳନା ସହ ଜଡ଼ିତ। ପ୍ରଥମେ ଇଣ୍ଟେଲିଜେନ୍ସ ବ୍ୟୁରୋରେ ଏବଂ ପରେ ଆଇଟିବିପିର ମହାନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି। ମରିସସ୍ ଏବେ ଇତିହାସ ଏବଂ ପ୍ରବାସୀ ସମ୍ପର୍କ ଦୃଷ୍ଟିରୁ ଭାରତ ପାଇଁ କେବଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱୀପ ନ ହୋଇ ଭାରତ ମହାସାଗର ଅଞ୍ଚଳରେ ରଣନୈତିକ ପ୍ରବେଶ ପଥ ଭାବେ ଉଭା ହୋଇଛି। ଏହା ସାମୁଦ୍ରିକ ସୁରକ୍ଷା, ସାଇବର ନେଟୱର୍କ, ଆର୍ଥିକ ଗୁପ୍ତଚର ଏବଂ ମୌଳବାଦ ବିରୋଧୀ ଶକ୍ତିର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମୟରେ, ମରିସସ୍‌ରେ ଗୁପ୍ତରେ ଚାଇନା ପ୍ରଭାବ ବିସ୍ତାର କରୁଛି। ଏଭଳି ସ୍ଥିତିରେ, ଭାବନାର ମୂଲ୍ୟ କିଛି ନାହିଁ ବରଂ ପରିସ୍ଥିତିକୁ ଦେଖି ସଚେତନ ହୋଇ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଭାରତ 'ବାହ୍ୟ' ସୁରକ୍ଷାର କିଭଳି ପୁନର୍ବିଚାର କରୁଛି ତାହା ରାସଗୋତ୍ରାଙ୍କ ନିଯୁକ୍ତି ସୂଚାଇ ଦିଏ । ଏବକାର ଅନେକ ବିପଦ ଯଥା ଡିଜିଟାଲ କ୍ଷେତ୍ରରେ ସାଇବର ଅପରାଧର ପ୍ରବେଶ, ଆର୍ଥିକ ଅପରାଧ, ଆତଙ୍କବାଦୀ ନେଟୱର୍କ ଭଳି ବିପଦ କାର୍ଯ୍ୟକୁ ପ୍ରଭାବିତ କରୁଛି। ଏହି ଦୃଷ୍ଟିରୁ ଦେଖିଲେ, ରାସଗୋତ୍ରାଙ୍କ ନିଯୁକ୍ତି ଭବିଷ୍ୟତ ପାଇଁ ଭଲ।

### ଭିଆର୍‌ଏସ୍ ଲହରି

ଏବେ ଉତ୍ତର ପ୍ରଦେଶର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନଗୁଡ଼ିକ ନେଇ ଅସ୍ଥିରତା ଦେଖାଦେଇଛି। ଅଭିଜ୍ଞ ବାବୁମାନେ କ୍ୟାରିୟର ମଝିରୁ ଛାଡ଼ି ଚାଲିଯିବା ଧାରା ଆରମ୍ଭ ହୋଇଥିବା ମନେହେଉଛି। ଆନୁଷ୍ଠାନିକ ଭାବରେ ଏହା ପଛର କାରଣ ସ୍ୱାସ୍ଥ୍ୟ, ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ଥିବା କୁହାଯାଉଥିଲେ ମଧ ଅଣଆନୁଷ୍ଠାନିକ ଭାବରେ କ୍ୟାରିୟରରେ ବାଧା, ଅଟକି ରହିଥିବା ନିଯୁକ୍ତି ତାଲିକା, କେନ୍ଦ୍ରୀୟ ଡେପୁଟେଶନ ବନ୍ଦ ହେବା ଏବଂ ବୃତ୍ତିଗତ କଣ୍ଠରୋଧ ବୋଲି କୁହାଯାଉଛି। ଅନେକେ ଭାବୁଛନ୍ତି ଏବେ ଦକ୍ଷତା କିମ୍ବା ଅଭିଜ୍ଞତାର ଗୁରୁତ୍ୱ ନାହିଁ ବରଂ ପାଖ ଓ ଚିହ୍ନା ମୁହଁକୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ଆପଣ ଠିକ୍ ସମୟରେ ଠିକ୍ ଜାଗାରେ ନ ରହନ୍ତି ତେବେ କ୍ୟାରିୟରର ଅଧୋଗତି ଶୀଘ୍ର ହୋଇଥାଏ। ସମୟକ୍ରମେ ଏଥିରେ ବିଚ୍ଛିନ୍ନତା ଦେଖାଦିଏ ଏବଂ ସେବାରେ ଅଧୋଗତି ଘଟେ। ଉଲ୍ଲେଖନୀୟ, ଏଭଳି ଘଟଣାରେ ୟୁପି ଆଇଏଏସ୍ ଆସୋସିଏଶନ ପ୍ରାୟ ନୀରବ। ଏହା ଏକଦା ସାମୂହିକ ଆତ୍ମନିରୀକ୍ଷଣ ଏବଂ ସମସ୍ୟା ସମାଧାନର ମଞ୍ଚ ଥିଲା। ବର୍ତ୍ତମାନ ପ୍ରାୟତଃ କେବଳ ଲୋକଦେଖାଣିଆ ଭାବେ ରହିଛି। ଅଧିକାରୀମାନେ ଆଭ୍ୟନ୍ତରୀଣ ସମସ୍ୟା ଉପରେ ସ୍ୱର ଉଠାଉ ନାହାନ୍ତି । ଏଥିରୁ ବୁଝାପଡ଼େ, ସେମାନେ କଥା କହିବା ଦ୍ୱାରା କିଛି ହାସଲ ହୋଇପାରୁନାହିଁ ବୋଲି ସେମାନେ ନିଶ୍ଚିତ ହୋଇଯାଇଛନ୍ତି। ଉତ୍ତର ପ୍ରଦେଶ ଏହାର ଆକାର, ମହତ୍ତ୍ୱାକାଂକ୍ଷା ଏବଂ ଶାସନ ସଂସ୍କାରକୁ ନେଇ ଗର୍ବ କରେ। ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞ ବ୍ୟକ୍ତି ଆବଶ୍ୟକ। ଯେତେବେଳେ ବରିଷ୍ଠ ବାବୁମାନେ ଧୈର୍ଯ୍ୟ ଧରି ରହିବା ଅପେକ୍ଷା ଛାଡ଼ି ଚାଲିଯିବାକୁ ପସନ୍ଦ କରୁଛନ୍ତି, ସେତେବେଳେ ରାଜ୍ୟରେ ଅଧିକାରୀଙ୍କ ସଂଖ୍ୟା କମିବା ସହ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସାଂଗଠନିକ ଅଭିଜ୍ଞତା, ପ୍ରଶାସନିକ ସହଯୋଗ ଏବଂ ପରାମର୍ଶ ପାଇପାରିବ ନାହିଁ।

### କଠୋର ପଦକ୍ଷେପ

ମଧ୍ୟପ୍ରଦେଶରେ ଆଇଏଏସ୍ ଅଧିକାରୀ ସନ୍ତୋଷ ବର୍ମାଙ୍କୁ ବହିଷ୍କାର ସୁପାରିସ୍ ଏକ ବିରଳ ପଦକ୍ଷେପ । ସେ ଦେଇଥିବା ଗମ୍ଭୀର ତଥା ଆପତ୍ତିଜନକ ଜାତିଗତ ମନ୍ତବ୍ୟର ଭିଡିଓ ଭାଇରାଲ ହୋଇଥିଲା। ଏହା ସହ ତାଙ୍କ ନିଜ ପଦୋନ୍ନତି ସମ୍ପର୍କିତ ଜାଲ୍ କାଗଜପତ୍ରକୁ ନେଇ ପ୍ରଶ୍ନ ମଧ ଉଠିଥିଲା। ଏହି ସମୟରେ ରାଜ୍ୟ ସରକାର ସରଳରେ ବଦଳି କରାଯାଇ ଏହାକୁ ସମାଧାନ କରାଯାଇପାରିବ ନାହିଁ ବୋଲି ଭାବି ବହିଷ୍କାର ପାଇଁ ସୁପାରିସ କରିବାକୁ ନିଷ୍ପତ୍ତି ନେଇଥିଲେ। ସଂରକ୍ଷଣ ଏବଂ ଆନ୍ତଃଜାତି ବିବାହ ଉପରେ ବର୍ମାଙ୍କର ଏହା ଏକ ନିନ୍ଦନୀୟ ଓ ଉତ୍ତେଜକ ମନ୍ତବ୍ୟ ଥିଲା । ଏହିସବୁ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ତାଙ୍କ ପଦବୀରେ ରହିବା ପାଇଁ ମଧ ଯୋଗ୍ୟ ହୋଇ ନ ପାରନ୍ତି। ଏହା ପଛକୁ ରହିଛି ଜାଲ୍ କାଗଜପତ୍ର ଏବଂ ଏକ ସନ୍ଦେହଜନକ ସଚ୍ଚୋଟତା ପ୍ରମାଣପତ୍ର। ଗୋଟିଏ ପଟେ କ୍ୟାମେରା ସମ୍ମୁଖରେ ପକ୍ଷପାତ ମନ୍ତବ୍ୟ ଏବଂ କାଗଜପତ୍ରରେ ପ୍ରକ୍ରିୟାଗତ ତ୍ରୁଟି ଭଳି ଘଟଣା ଅତ୍ୟନ୍ତ କ୍ଷତିକାରକ। ସରକାରଙ୍କର ଚାକିରିରୁ ବହିଷ୍କାର ପାଇଁ ସୁପାରିସ୍ କରିବା ନିଷ୍ପତ୍ତି ପ୍ରକୃତରେ ସେବା ଆଇନରେ ଏକ କଠୋର ବିକଳ୍ପ। ଏହା ସୂଚାଇ ଦିଏ ଯେ ଏହି ମାମଲା ଅତ୍ୟନ୍ତ କ୍ଷତିକାରକ। ଆଇଏଏସ୍ କେବଳ ଏକ ଚାକିରି ନୁହେଁ; ଏହା ନୈତିକ ଅଧିକାର ଉପରେ ପର୍ଯ୍ୟବସିତ। ଯେତେବେଳେ ଜଣେ ଅଧିକାରୀ ଭାଷଣ ଏବଂ ବ୍ୟବସ୍ଥା ଉଭୟର ଅପବ୍ୟବହାର କରୁଥିବା ଦେଖାଯାଏ, ସେତେବେଳେ ଏହାର ନକାରାତ୍ମକ ପରିଣାମ ବ୍ୟକ୍ତିଙ୍କୁ ନୁହେଁ ବରଂ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ନିଶ୍ଚିତ ଭାବରେ, ବର୍ମା କୋର୍ଟର ଆଶ୍ରୟ ନେଇପାରନ୍ତି ଏବଂ ପ୍ରକ୍ରିୟା ତା' ବାଟରେ ଯିବ। କିନ୍ତୁ ବଡ଼ ପ୍ରଶ୍ନଟି ହେଉଛି କିପରି ଏତେ ଦୂର ପର୍ଯ୍ୟନ୍ତ ଘଟଣା ଗଲା ? ସମସ୍ତେ ଆଖିବୁଜି ଦେଇଥିଲେ ନା ଅସୁବିଧାଜନକ ତଥ୍ୟକୁ ଅଣଦେଖା କରାଯାଇଥିଲା ?

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | 3 | | | |
| 7 | | | 2 | | | 5 | | |
| | | | | | | | 1 | |
| | | | 3 | 6 | | | 2 | |
| 1 | | 4 | | | | | | |
| | | | 1 | 8 | | 6 | | |
| 6 | 3 | | | | 7 | 8 | | 9 |
| | | 8 | | | | 3 | | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 9 | 7 | 5 | 8 | 1 | 2 |
| 5 | 2 | 8 | 1 | 3 | 6 | 7 | 9 | 4 |
| 1 | 9 | 7 | 8 | 4 | 2 | 3 | 5 | 6 |
| 6 | 4 | 1 | 7 | 5 | 8 | 2 | 3 | 9 |
| 2 | 5 | 9 | 3 | 6 | 4 | 1 | 7 | 8 |
| 8 | 7 | 3 | 2 | 1 | 9 | 6 | 4 | 5 |
| 9 | 1 | 5 | 6 | 2 | 7 | 4 | 8 | 3 |
| 7 | 8 | 2 | 4 | 9 | 3 | 5 | 6 | 1 |
| 3 | 6 | 4 | 5 | 8 | 1 | 9 | 2 | 7 |

ଗତକାଲିର ଉତ୍ତର

# ଆଶା ନିରାଶାର ଖେଳ



ବୈକୁଣ୍ଠନାଥ ମିଶ୍ର

ଆଶା ଭବିଷ୍ୟତର ସୂଚକ। ଆଶାର ଅନାଗତ ସ୍ୱରୂପ ମଣିଷର ପରିକଳ୍ପନା ମାତ୍ର। ସେହି ଆଶାର ସାମୟିକ ଝଲକ ତାକୁ ବର୍ତ୍ତମାନର କର୍ମ ସମ୍ପାଦନ ପାଇଁ ଉତ୍ସାହିତ ଓ ଉତ୍‌ପ୍ରେରିତ କରେ। ଆଶା ହିଁ ଏକ ମାତ୍ର ମହୌଷଧି ଯାହା ବର୍ତ୍ତମାନର ଅନ୍ଧକାରକୁ ଦୂରେଇ ଦେଇ ଭବିଷ୍ୟତ ସୁଖର ଆଲୋକ ବର୍ତ୍ତିକା ସାଜେ। ଆଶାଶୂନ୍ୟ ହେଲେ ମଣିଷର ମନୋବଳ ଭାଙ୍ଗିଯାଏ ଓ ନିରାଶାର କଳାବାଦଲ ତା' ହୃଦୟ ଆକାଶକୁ ଆଚ୍ଛାଦିତ କରେ।

ଦିବ୍ୟଜନନୀ ଶ୍ରୀମା'ଙ୍କର 'ଦି କରେଜ' ପ୍ରବନ୍ଧର କଥାବସ୍ତୁ ଅନୁସାରେ ବିଭୀଷଣ ଭ୍ରାତା ରାବଣଙ୍କୁ ଯେତେବେଳେ ଉପଦେଶ ଦେଲେ ଯେ ସେ ପରମ ସାଧ୍ୱୀ ଜଗଜ୍ଜନନୀ ମାତା ଜାନକୀଙ୍କୁ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରି ପ୍ରଭୁଙ୍କର ଶରଣାପନ୍ନ ହୁଅନ୍ତୁ ସେତେବେଳେ ସେ ଆଶା କରିଥିଲେ ଯେ, ରାବଣ ତାଙ୍କ ଉପଦେଶ ଗ୍ରହଣ କରିବେ। ଅବଶ୍ୟ ବିଭୀଷଣଙ୍କର ଆଶା ଅମୂଳକ ନ ଥିଲା କାରଣ ସ୍ୱର୍ଣ୍ଣଲଙ୍କାକୁ ରକ୍ଷା କରିବାର ଏହା ଥିଲା ଏକମାତ୍ର ବିକଳ୍ପ। ବିଚିତ୍ର ରାମାୟଣରେ କବି ବିଶ୍ୱାନାଥ ଖୁଣ୍ଟିଆଙ୍କର ବର୍ଣ୍ଣନା ଅନୁସାରେ ସୀତାଙ୍କୁ ହରଣ କଲା ଦିନରୁ ହିଁ ରାବଣ ନିଧନ ଓ ଲଙ୍କା ବିନାଶର ପଥ ସୁଗମ ହୋଇଥିଲା। କବିଙ୍କ ଭାଷାରେ 'ବୋଲେ ବିଶି ସୀତା ହରିଲା ଦିନରୁ ଦଇବ ତାହାକୁ ଛାଡିଲା'। ବିଭୀଷଣଙ୍କର ସକଳ ଆଶା ମଉଳିଗଲା ଯେତେବେଳେ ରାବଣ ତାଙ୍କୁ ପଦାଘାତ କରି ଲଙ୍କାରୁ ବହିଷ୍କୃତ କଲେ। ବର୍ତ୍ତମାନ ବିଭୀଷଣଙ୍କ ପାଖରେ ଦୁଇଟି ବିକଳ୍ପ ଯଥା ରାବଣଙ୍କୁ କ୍ଷମା ଯାଚନା କରିବା କିମ୍ବା ନିର୍ବିବାଦରେ ଲଙ୍କା ତ୍ୟାଗକରି ଶ୍ରୀରାମଙ୍କର ଶରଣାପନ୍ନ ହେବା। ବିଭୀଷଣ ତାହା ହିଁ କଲେ ଯାହା ଜଣେ ସଦାଚାରୀ ହିଁ କରିଥାଏ।

ଏଠାରେ ଏକ ସତ୍ୟ ଘଟଣାର ଅବତାରଣା ପ୍ରାସଙ୍ଗିକ ମନେହୁଏ। ଆମେରିକାର ଏକ ସାଧାରଣ ଗରିବ ପରିବାରରେ ଜନ୍ମ ନେଇଥିଲେ ପ୍ରଖ୍ୟାତ ଗଣିତଜ୍ଞ 'ଚାର୍ଲସ୍ ଡି ଫୋଷ୍ଟ'। ପିଲାଦିନୁ ଗଣିତ ବିଦ୍ୟା ଥିଲା ତାଙ୍କର ଅସାଧାରଣ ପ୍ରତିଭାର ପ୍ରତୀକ। ସେ ଆଶା କରିଥିଲେ ଜଣେ ଶ୍ରେଷ୍ଠ ଗଣିତଜ୍ଞ ହେବେ। କିନ୍ତୁ ତାଙ୍କ ଆଶାର ଜୁଆରରେ ଭଟ୍ଟା ଆସିଗଲା ଯେତେବେଳେ ବାଲ୍ୟ ଅବସ୍ଥାରେ ପିତାଙ୍କୁ ହରାଇଲେ। ପରିବାର ପ୍ରତିପୋଷଣର ଅନ୍ୟ ମାର୍ଗ ନ ଥିବାରୁ ସେ ଜୋତା ମରାମତି କରି ଅର୍ଥ ରୋଜଗାର କଲେ। ହେଲେ ତାଙ୍କ ଆଶାର ମୃତ୍ୟୁ ଘଟି ନ ଥିଲା। ନିଜ ଭିତରେ ଏକ ଗଭୀର ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା। ସେ ସଞ୍ଚିତ ଅର୍ଥରେ କିଛି ବହିକିଣି ଅବସର ସମୟରେ ପଢିବାକୁ ଲାଗିଲେ। ସଞ୍ଚିତ ଅର୍ଥରେ ବିଦ୍ୟାଳୟରେ ନାମ ଲେଖାଇ



ପୁନଃ ଆନୁଷ୍ଠାନିକ ଶିକ୍ଷା ଲାଭ କଲେ। ଛୁଟିଦିନ ଓ ବିଦ୍ୟାଳୟ ଛୁଟି ପରେ ସେ ଜୋତା ମରାମତି କରି ଅର୍ଥ ଉପାର୍ଜନ ମଧ୍ୟ କଲେ। ଶେଷରେ ତାଙ୍କ ଆଶା ଫଳବତୀ ହେଲା। ସେ ସାମାନ୍ୟ ଜୋତା ମରାମତି କରୁଥିବା ବାଳକରୁ ଦିନେ ଆମେରିକାର ଜଣେ ଶ୍ରେଷ୍ଠ ଗଣିତଜ୍ଞ ହୋଇପାରିଲେ। ଆର୍ଥିକ ସ୍ୱଚ୍ଛଳତା ନୁହେଁ, ଦୃଢ଼ ଇଚ୍ଛାଶକ୍ତି ଓ ସକାରାତ୍ମକ ଆଶା ହିଁ ତାଙ୍କୁ କରିଥିଲା ଏତେବଡ଼ ଗୌରବର ଅଧିକାରୀ। କେବଳ କୌଣସି ଆଶା ମଣିଷକୁ ସାଫଲ୍ୟମଣ୍ଡିତ କରିପାରିବ ନାହିଁ। ଆଶା ସହିତ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି। ଇଂଲିଶରେ ଗୋଟିଏ ପ୍ରବାଦ ଅଛି 'ଇଫ୍ ଉଇସେସ୍ ଓ୍ୱାର ହର୍ସେସ୍ ବେଗର୍ସ ମାଇଟ୍ ରାଇଡ୍' ଅର୍ଥାତ୍ ମଣିଷର ସମସ୍ତ ଇଚ୍ଛା ଯଦି ପୂରଣ ହୋଇଯାଏ, ତେବେ ପୃଥିବୀରେ ଦରିଦ୍ରତମ ଭିକାରିଟି ମଧ୍ୟ ଘୋଡ଼ା ଚଢ଼ି ବୁଲନ୍ତା।

ସରକାର ପରେ ସରକାର କ୍ଷମତାକୁ ଆସନ୍ତି। କ୍ଷମତା ଦଖଲ ପୂର୍ବରୁ ଜନତାଙ୍କ ମନରେ କେତେ ଆଶା ସଂଚାର କରନ୍ତି। ଭୋଟ ବିନିମୟରେ ଭୋଟଦାତା ଆଶା କରେ ଯେ ସରକାର ଦେଶର ବା ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦିଅନ୍ତୁ। ଆଶା କରୁଥିବା ବ୍ୟକ୍ତିଟି ସମ୍ପୂର୍ଣ୍ଣ ଆତ୍ମକୈନ୍ଦ୍ରିକ ହୋଇଥିଲେ, ତା' ଆଶାଗୁଡିକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥାଏ। ମାତ୍ର ମତଦାତା ବିଶାଳ ହୃଦୟବିଶିଷ୍ଟ ହୋଇଥିଲେ ସେ ଆଶାକରେ ସରକାର ସମୂହ ବିକାଶକୁ ପ୍ରାଧାନ୍ୟ ଦେଇ ଦେଶ ତଥା ରାଜ୍ୟର ସର୍ବାଙ୍ଗୀନ ବିକାଶ ସାଧନରେ ବ୍ରତୀ ହୁଅନ୍ତୁ। ସାଧାରଣ ଜନତାର ହାଣ୍ଡିଶାଳକୁ ଯେଉଁ ସବୁ ଜିନିଷର ସର୍ବନିମ୍ନ ଆବଶ୍ୟକତା ରହିଛି ତା'ର ସୁଲଭତା, ବଜାର ଦର ନିୟନ୍ତ୍ରଣ କରିବା, ବିଶେଷକରି ଦେଶରୁ ବେରୋଜଗାର ହଟାଇବା ଇତ୍ୟାଦି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରିବା ଆବଶ୍ୟକ। କିନ୍ତୁ ବାସ୍ତବ ଦୃଶ୍ୟପଟ ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି। କ୍ରମବର୍ଦ୍ଧମାନ ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ସାଙ୍ଗକୁ ସରକାର କର୍ମ ସଂସ୍ଥାନ ଯୋଗାଇବାରେ ବିଫଳ ହେଉଛନ୍ତି। ଉତ୍ତର ପ୍ରଦେଶର ୩୦୮ ପିଅନ ଚାକିରି ପାଇଁ ଆବେଦନକାରୀଙ୍କ ସଂଖ୍ୟା ଥିଲା ୨୩ଲକ୍ଷ; ଯେଉଁମାନଙ୍କ ମଧ୍ୟରେ ଥିଲେ ହଜାର ହଜାର ବି.ଟେକ୍, ଏମ୍.ଏସ୍‌ସି. ଏମ୍.ଏ. ଓ ଏମ୍.କମ୍. ଛାତ୍ର। ଆଶ୍ଚର୍ଯ୍ୟର କଥା ହେଲା ସେମାନଙ୍କ ଭିତରେ ଥିଲେ ୨୫୫ ଜଣ ପିଏଚ୍.ଡି.ଧାରୀ। ସେହିପରି ଛତିଶଗଡ଼ ସରକାରଙ୍କର ୩୦ଟି ପିଅନ ପୋଷ୍ଟ ପାଇଁ ଆବେଦନକାରୀ ଥିଲେ ୭୫ହଜାର ଯୁବତୀ ଯୁବକ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ କିମ୍ବା ଯୁକ୍ତ୨ ଆବଶ୍ୟକ ଥିବାବେଳେ ଉଚ୍ଚଶିକ୍ଷିତମାନେ ଯେଉଁ ଭଳି ପିଅନ ଚାକିରି ଖଣ୍ଡେ ପାଇଁ ଆତୁର ହୋଇ ଉଠୁଛନ୍ତି ସେଥିରେ ବେଶ୍ ଅନୁମେୟ ଯେ ଆଶାୟୀଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି ଓ ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ସରକାରଙ୍କ ପକ୍ଷରେ ଏକ ବିରାଟ ଆହ୍ୱାନ।

ଅଧିକ ଲାଭ ପାଇବା ଆଶାରେ ଆଶାୟୀମାନେ ବ୍ୟାଙ୍କରେ ଅର୍ଥ ଜମା ନ କରି ମଧ୍ୟସ୍ଥମାନଙ୍କର ମନ ଭୁଲାଣିଆ କଥାରେ ନିଜର କଷ୍ଟାର୍ଜିତ ଧନକୁ ଚିଟ୍‌ଫଣ୍ଡରେ ଜମାକରି ଶେଷରେ ନିରାଶା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେହିପରି ସାହାରା ଇଣ୍ଡିଆ ଭଳି ପ୍ରତିଷ୍ଠିତ ସଂସ୍ଥା ଜମାକାରୀଙ୍କର କୋଟି କୋଟି ଜମା ଅର୍ଥକୁ ଫେରସ୍ତ ନ ଦେଇ କମ୍ପାନୀ ବନ୍ଦ ହୋଇଯାଇଛି। ସଂସ୍ଥା ଚାଲୁଥିବାବେଳେ ଲୋକେ ଟଙ୍କା ଜମାକରୁଥିଲେ ଓ ଏକଥା ସରକାର ମଧ୍ୟ ଭଲଭାବେ ଜାଣିଥିଲେ। ସରକାରଙ୍କ ଅଜ୍ଞାତରେ ଯେ ଏହିସବୁ ସଂସ୍ଥାମାନେ ତାଙ୍କ ବ୍ୟବସାୟ ଚାଲୁ ରଖୁଥିଲେ ଏକଥା ନୁହେଁ। ସରକାର ଏହିସବୁ ଜମାକାରୀଙ୍କ କାରାବାର ବିଷୟରେ ବେଶ୍ ଅବଗତ ଥିଲେ। ସରକାର ପ୍ରଥମରୁ କମ୍ପାନୀଙ୍କ ଉପରେ ନିୟନ୍ତ୍ରଣ ଜାହିର କରିବାର ଆବଶ୍ୟକତା ଥିଲା। ଏବେ ଯେତେବେଳେ ଜମାକାରୀମାନେ ଜମାଟଙ୍କା ହରାଇ ନିରାଶାର କରାଳଗର୍ଭକୁ ଠେଲି ହୋଇଯାଇଛନ୍ତି ସେତେବେଳେ କମ୍ପାନୀ କିମ୍ବା ସରକାର କୌଣସି ପଦକ୍ଷେପ ନ ନେବା ଘୋର ପରିତାପର ବିଷୟ। ସର୍ବତ୍ର ନିରାଶ ହୋଇ ଜମାକାରୀଟି ବିଚରା ଆଶଙ୍କିତ ଚିତ୍ତରେ ଦିନକାଟୁଛି।

ଆଶା ନିରାଶାର ଦୋଛକିରେ ଠିଆ ହୋଇଛି ମଣିଷ। ଆଶା ପୂରଣ ହେଲେ ତାକୁ ଗଡ଼ ଜିଣିଲା ପରି ଲାଗେ ଓ ଆଶା ନିରାଶାରେ ପରିବର୍ତ୍ତିତ ହେଲେ ଜୀବନ ଦୁର୍ବିଷହ ହୋଇଯାଏ। ଚାଲ୍‌ସ ଡି ଫୋଷ୍ଟଙ୍କ ପରି ବହୁ କମ୍ ଭାଗ୍ୟଶାଳୀ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଆଶା ଫଳବତୀ ହୁଏ। କାହାର ଭାଗ୍ୟରେ ଆଶାର ଆଲୋକ ଝଲମଲ ହୁଏ ତ କିଏ ପୁଣି ନିରାଶାର ଗଭୀର ଅନ୍ଧକାର ଗହ୍ୱରକୁ ଠେଲି ହୋଇଯାଏ। ଆଶା ନିରାଶାର ଖେଳ ମଧ୍ୟରେ ଗତିଶୀଳ ଏ ଜୀବନ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# କେଉଁ ଗଛ ଲଗାଇବା



ଡ. ପ୍ରମୋଦ କୁମାର ପଣ୍ଡା

ପରିବେଶ ଉପରେ ବୃକ୍ଷହାନିର ପ୍ରତିକୂଳ ପ୍ରଭାବକୁ ଦୂର କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର କେଉଁ ସ୍ଥାନ ବା ସିଚୁଏଶନରେ କେଉଁ ବୃକ୍ଷ ଲଗାଇବା ଦ୍ୱାରା ମାତ୍ରାଧିକ ଲାଭପ୍ରାପ୍ତି ହେବ, ସେ ବିଷୟରେ ଧ୍ୟାନକେନ୍ଦ୍ରିତ ନ କରି ଆମେ ମନଇଚ୍ଛା ବୃକ୍ଷ ରୋପଣ କରୁଥିବାରୁ ସେ ସବୁ କାର୍ଯ୍ୟରୁ ଯେତେ ଲାଭ ମିଳିବା କଥା ତାହା ମିଳିପାରୁନାହିଁ।

ବର୍ତ୍ତମାନ ବୃକ୍ଷ ରୋପଣର ବିଭିନ୍ନ ଆଧାର ରହିଛି। କିଛି ଲୋକ ଭାବୁଛନ୍ତି ଜଗନ୍ନାଥ ନିମ୍ବ କାଠରେ ତିଆରି, ଆମକୁ ନିମ୍ବ ଗଛ ଲଗାଇବାର ଅଛି। ଆଉ କିଛି ଭାବୁଛନ୍ତି ଦେବଦାରୁ ଭଲ ଦିଶିବ ତେଣୁ ତାକୁ ଲଗାଇବା। ଆଉ କିଛି ଲୋକ ଇଉକାଲିପଟାସକୁ ପସନ୍ଦ କରି ଲଗାଉଥିବା ବେଳେ କିଛି ଲୋକ ବିଦେଶରୁ କେବଳ ପତ୍ର ଥିବା ଶୋ'ଗଛ ଆମଦାନୀ କରି ପାର୍କରେ ଲଗାଇଲେଣି। ଅନେକେ ରାସ୍ତାର ଦୁଇ ପାର୍ଶ୍ୱରେ ଚାକୁଣ୍ଡା ଗଛ ଲଗାଇବାକୁ ପସନ୍ଦ କରୁଛନ୍ତି। ମାତ୍ର ବୃକ୍ଷରୋପଣ ଧାର୍ମିକ ଓ ମନଗତ ପସନ୍ଦ ନ ହୋଇ ବୈଜ୍ଞାନିକ ଆଧାରରେ ହେବା ଆବଶ୍ୟକ। ବୃକ୍ଷ ଚୟନ ପାଇଁ ନିମ୍ନଲିଖିତ ଆଧାରକୁ ବିଚାରକୁ ନେବା ଉଚିତ। ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେଉଁ ବୃକ୍ଷଟିକୁ ଚୟନ କରୁଛନ୍ତି, ସେ ଯେମିତି ଆମ ମାଟି, ପାଣି ଏବଂ ଜୈବ ବିବିଧତାକୁ ନଷ୍ଟ ନ କରି ସୁରକ୍ଷା ପ୍ରଦାନ କରୁଥିବ। ପ୍ରଥମ କଥା ହେଲା ଗଛଟି ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରୁଥିବା ଆବଶ୍ୟକ। ଦ୍ୱିତୀୟ କଥା ହେଲା ଏଥିରେ ପ୍ରଚୁର ଫୁଲ ଫଳ ଫୁଟି ଏହା ଉଭୟ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଆବଶ୍ୟକତା ପୂରଣ କରୁଥିବ। ତୃତୀୟ କଥା ହେଲା ବୃକ୍ଷଟିର ଚେର ମାଟିର ଗଭୀର ଅଂଶକୁ ଯାଉଥିବ। ଏହା ମଧ ପର୍ଯ୍ୟାପ୍ତ ଛାୟା ପ୍ରଦାନ କରୁଥିବ। ଏହାର ପତ୍ର ଖୁବ୍ କମ୍ ସମୟରେ ପଡିଯାଇ ଖତରେ ପରିଣତ ହୋଇ ଯାଉଥିବ। ଏହାର ଚେର କିମ୍ବା ଡାଳପତ୍ର ମାଟିରେ କୌଣସି ପ୍ରକାର ବୃକ୍ଷ ବୃଦ୍ଧି ବିରୋଧୀ ତତ୍ତ୍ୱ କିମ୍ବା ଆଲିଲୋକେମିକାଲ ଛାଡୁ ନ ଥିବେ। ଏହା ଆମକୁ ଗୃହ ଉପଯୋଗୀ କାଠ ପ୍ରଦାନ କରୁଥିଲେ ଭଲ ଏବଂ ଭୂଜଳକୁ ଖୁବ୍ ଶୀଘ୍ର ସାରୁ ନ ଥିବ ଇତ୍ୟାଦି ଇତ୍ୟାଦି।

କହିବାକୁ ଗଲେ ବୃକ୍ଷଗୁଡିକ ଜୈବ ବିବିଧତା ସୁରକ୍ଷାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭାଗୀଦାରି ଥିବେ। ଅଧିକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷ ଯଥା ବରଗଛ, ଓସ୍ତ ଗଛ, ନିମ୍ବଗଛ, ଆମ୍ବ ଗଛ, ଅର୍ଜ୍ଜୁନ ଗଛ, ଅଶୋକ ଗଛକୁ ଲଗାଇବା କଥା। ଖାଦ୍ୟ ପ୍ରଦାନକାରୀ ଗଛ ଯଥା ଆମ୍ବ, ବେଲ, ଜାମୁ, ବଉଳ, ତେନ୍ତୁଳି, କରମଙ୍ଗା, ଆମ୍ବଡା, କଇଥ, ମହୁଲ, ପଣସ ଇତ୍ୟାଦି ଗଛକୁ ମଧ ପ୍ରାଧାନ୍ୟ ଦେବା। କରଞ୍ଜ, ସାଆଡା ପ୍ରଭୃତି ଗଛକୁ ମଧ ଲଗାଇବା ଜରୁରୀ। ସାଆଡା ଫଳକୁ ହଳଦୀବସନ୍ତ ଖାଇ ବଞ୍ଚିଥାନ୍ତି। ମାତ୍ର ସାଆଡା ବୃକ୍ଷ ଅଭାବରୁ ହଳଦୀବସନ୍ତ ବଂଶ ଲୋପ ପାଇବାକୁ ବସିଲାଣି। ଆଜିକାଲି କିଛି ଲୋକଙ୍କର ପସନ୍ଦ ଇଉକାଲିପଟାସ ଓ ଝାଉଁ ଗଛ। ଉଭୟ ଗଛ ପତ୍ର ଛେଦରେ ଅଧିକ ବାଷ୍ପୀକରଣ କରିଥାନ୍ତି ଓ ମୃତ୍ତିକାର ଜଳସବୁ



ସାରିଦେଇଥାନ୍ତି। ତେଣୁ ରାସ୍ତା କଡ, ଡିପ ଜମି ଓ ମଧ୍ୟମ କିସମ ଜମିରେ ଏହାକୁ ନ ଲଗାଇ କେବଳ ଜଳୀୟ ଓ ଜଳାଶ୍ରୟ ସ୍ଥାନରେ ଲଗାଇଲ ଭଲ। ଇଉକାଲିପଟାସର ଆଉ ଏକ ନକାରାତ୍ମକ ଦିଗ ହେଉଛି ଏହା ମୃତ୍ତିକାକୁ ଆଲିଲୋକେମିକାଲ ଛାଡିଥାଏ, ଯଦ୍ୱାରା ସେ ଜମିରେ ଅନ୍ୟାନ୍ୟ ବୃକ୍ଷ ବଢିପାରେ ନାହିଁ। ଆମ ରାଜ୍ୟ ବାତ୍ୟାପ୍ରବଣ ରାଜ୍ୟ। ଆମେ ଏମିତି ଗଛ ଲଗାଇବା ଉଚିତ ଯେଉଁମାନଙ୍କର ଚେର ଗଭୀର ମାଟିକୁ ପ୍ରବେଶ କରେ ଏବଂ ବାତ୍ୟାରେ ଉପୁଡେ ନାହିଁ। ପ୍ରାୟ ଦେଶୀ ଗଛ ସବୁର ଚେର ମାଟି ଭିତରକୁ ଯାଏ। ସେଗୁଡିକ ଭଲ। ଧାର୍ମିକ ଦୃଷ୍ଟିକୋଣରୁ ହେଉ କିମ୍ବା ସୌନ୍ଦର୍ଯ୍ୟ ପାଇଁ ହେଉ, ଜନସାଧାରଣ ଗୋଟିଏ ଜାତିର ଗଛକୁ ବହୁ ସଂଖ୍ୟାରେ ଲଗାଇବାକୁ ପସନ୍ଦ କରନ୍ତି; ଯଥା ନିମ୍ବ, ଚାକୁଣ୍ଡା, ଦେବଦାରୁ ଇତ୍ୟାଦି।

ଆମେ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ବଞ୍ଚୁଛେ। ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି, ଥଣ୍ଡାର ମାତ୍ରା ବୃଦ୍ଧି ହ୍ରାସ, ରୋଗପୋକର ଆବିର୍ଭାବ ଏକପ୍ରକାର ବୃକ୍ଷକୁ ସମ୍ପୂର୍ଣ୍ଣ ନଷ୍ଟକରିଦିଅନ୍ତି। ସେପରି ସ୍ଥଳେ ମିଶ୍ରିତ ବୃକ୍ଷଜାତି ରୋପଣ କରିଥିଲେ ଗୋଟେ ଜାତି ବୃକ୍ଷର ମୃତ୍ୟୁ ହେଲେ ଅନ୍ୟଗୁଡିକ ପ୍ରଭାବ ମୁକ୍ତ ହୋଇ ବଞ୍ଚନ୍ତି। ତା' ଛଡା ବିଭିନ୍ନ ପ୍ରକାର ବୃକ୍ଷ ବିଭିନ୍ନ ପ୍ରକାର ପଶୁପକ୍ଷୀ, କୀଟ ପତଙ୍ଗର ଖାଦ୍ୟ ଓ ବାସସ୍ଥଳୀ ଭାବେ କାମରେ ଲାଗିଥାଏ। ଆମେ ମିଶ୍ରିତ ବୃକ୍ଷ ରୋପଣ କଲେ ଏହା ସବୁଠୁ ଭଲ। କିଛି ଜଙ୍ଗଲ କର୍ମଚାରୀ ଭାବନ୍ତି ଜଙ୍ଗଲ ଅର୍ଥ ଶାଳ, ପିଆଶାଳ, ଶାଗୁଆନ, ଶିଶୁ, ଗମ୍ଭାରୀ ଇତ୍ୟାଦି ଓ ସେଗୁଡିକୁ ଲଗାନ୍ତି। ମାତ୍ର ସେମାନେ ଭାବିବା ଉଚିତ ଯେ ଜଙ୍ଗଲରେ ହାତୀ, ମାଙ୍କଡ, ଭାଲୁ, ଅନ୍ୟାନ୍ୟ ଜୀବଜନ୍ତୁ, ପକ୍ଷୀ, କୀଟପତଙ୍ଗ, ସରୀସୃପ ମଧ ବାସ କରନ୍ତି। ଯଦି ସେମାନଙ୍କ ଖାଦ୍ୟ ବୃକ୍ଷ ବାଉଁଶ, ଆମ୍ବ, ପଣସ, ତେନ୍ତୁଳି, ପିଜୁଳି, କଦଳୀ, ଧାନ, କଇଥ, ବେଲ ଇତ୍ୟାଦି ଆମେ ଜଙ୍ଗଲରେ ନ ଲଗାନ୍ତି, ସେମାନେ ନିଶ୍ଚୟ ଖାଦ୍ୟ ପାଇଁ ଜନବସତିମୁହାଁ ହେବେ। ତେଣୁ ଆଜି ହାତୀ ହେଉ କିମ୍ବା ମାଙ୍କଡ, ସବୁ ଗାଁକୁ ପଳାଇଆସି କୃଷକର ଫସଲ ନଷ୍ଟ କରୁଛନ୍ତି। ବୃକ୍ଷରୋପଣ କଲାବେଳେ ଖାଦ୍ୟଜାତୀୟ ବୃକ୍ଷରୋପଣ କଲେ ଆମେ ସେଥିରୁ ରାଜସ୍ୱ ପାଇପାରିବା ଓ ପରିବେଶ ସୁରକ୍ଷା କରିପାରିବା। ବିଶେଷକରି ସରକାରୀ ଜମିରେ ଅର୍ଥକରୀ ବୃକ୍ଷ ଯଥା କାଜୁ, ସପେଟା, ଆତ, ଆମ୍ବ, ପଣସ, ଲିଚୁ, ତେନ୍ତୁଳି, ନଡିଆ ପ୍ରଭୃତି ଗଛ ଲଗାଇଲେ, ଏହା ଆମ ପଞ୍ଚାୟତ କିମ୍ବା ଜିଲା କିମ୍ବା ରାଜ୍ୟ ଓ ଦେଶର ଆର୍ଥିକ ସ୍ଥିତି ମଜଭୁତ କରିବାରେ ସହାୟକ ହୋଇଥାଏ। ଆଜିକାଲି ବଜ୍ରପାତ ଓ ବିଜୁଳି ସ୍ପର୍ଶରେ ଅନେକ ଧନଜୀବନ ନଷ୍ଟ ହେଉଛି। ତେଣୁ ବିଲ ହୁଡା, ଗାଁ ଗଣ୍ଡାରେ ତାଳ ଓ ନଡିଆ ଗଛ ଲଗାଇଲେ ଆମେ ସେ ସମସ୍ୟାରୁ ମୁକ୍ତ ହେବା। ସମୁଦ୍ରକୂଳ ଅଞ୍ଚଳରେ ଝାଉଁ ଓ ହେନ୍ତାଳ, ସମୁଦ୍ରକୂଳ ଗାଁମାନଙ୍କରେ ନଡିଆ ବୃକ୍ଷ ଆଦି ଲଗାଇବାକୁ ହେବ। ମୋଟାମୋଟି ସ୍ଥାନର ପ୍ରକାରଭେଦ, ବୃକ୍ଷର ମୃତ୍ତିକା ଜଳବାୟୁ ପସନ୍ଦ ଓ ଆମର ନାନାବିଧ ଆବଶ୍ୟକତାକୁ ବିଚାରକୁ ନେଇ ଆମେ କେଉଁ ସ୍ଥାନରେ କେଉଁ ବୃକ୍ଷ ରୋପଣ କରିବା ତା'ର ଖସଡା ପ୍ରସ୍ତୁତି କରି ତାକୁ କାର୍ଯ୍ୟକାରୀ କରିବା ଉଚିତ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

କରଣ କୁମାରଙ୍କ ବୟସ ଏବେ ୨୦। କଲେଜରେ ପଢ଼ୁଛନ୍ତି। ଦିଲ୍ଲୀର ଏହି ଯୁବକ ବର୍ଜ୍ୟ ରିସାଇକ୍ଲିଂ କରି ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ସେ 'ଫିନୋବାଦ' କମ୍ପାନୀ ଗଠନ କରି ତା'ମାଧ୍ୟମରେ ୪୫୦ ଟନ୍ ବର୍ଜ୍ୟ ରିସାଇକ୍ଲିଂ କରିସାରିଲେଣି। ବର୍ଜ୍ୟ ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ ପ୍ରାପ୍ୟ ଦେଉଛନ୍ତି। ଏହା ସହ ବିଭିନ୍ନ ବର୍ଜ୍ୟକୁ ଅଲଗା କରି ରିସାଇକ୍ଲିଂକୁ ପଠାଇବା କାର୍ଯ୍ୟରେ ସେ ମହିଳାମାନଙ୍କୁ ନିଯୁକ୍ତ କରିଛନ୍ତି। ସେ ୭୦ ଜଣ ବର୍ଜ୍ୟ ସଂଗ୍ରହକାରୀଙ୍କୁ ରୋଜଗାର ଦେଇଛନ୍ତି। କରଣଙ୍କ ଜନ୍ମ ବିହାର ସମସ୍ତିପୁରରେ। ୧୯୯୦ ଦଶନ୍ଧିରେ ସେ ତାଙ୍କ ପରିବାର ସହ ଦିଲ୍ଲୀ ଆସିଥିଲେ। ସେ ସ୍କୁଲରେ ତାଙ୍କ ସାଙ୍ଗଙ୍କ ସହ ମିଶି ବିଶେଷକରି ପଡ଼ୋଶୀଙ୍କଠାରୁ ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଏକ ୱେବସାଇଟ ଓ ଆପ୍ ମାଧ୍ୟମରେ କବାଡିବାଲାଙ୍କୁ ତାଙ୍କ ସହ ଯୋଡ଼ିଥିଲେ। ୨୦୨୪ରେ ଫିନୋବାଦ ପଞ୍ଜୀକୃତ କରି ସେ ଆଗକୁ ବଢ଼ିଥିଲେ। ଏହି କାର୍ଯ୍ୟରେ ଆରମ୍ଭରୁ ତାଙ୍କ ସାନ ଭାଇ ଅପୂର୍ବ ସହଯୋଗ କରିଆସୁଛନ୍ତି। ବଡ଼ କଥା ହେଉଛି, ପ୍ରତ୍ୟେକ ୧୦୦ କେ.ଜି. ବର୍ଜ୍ୟ ରିସାଇକ୍ଲିଂ ହେବା ପରେ ଫନୋବାଦ ପକ୍ଷରୁ ଗୋଟିଏ ଗଛ ଲଗାଯାଉଛି। ଏବେ ସୁଦ୍ଧା ୩୩୨୦ ଗଛ ଲଗାଯାଇସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୭୬

- ଇଣ୍ଡିଆନ ଏୟାରଲାଇନ୍ସ ପକ୍ଷରୁ ନାଇଜେରିଆ ଓ ଘାନାକୁ ପ୍ରଥମ କରି ବିମାନ ଚଳାଚଳ ଆରମ୍ଭ ହୋଇଛି।
- ଭାରତ ସରକାର ମହୀଶୂର ହିନ୍ଦୀ ପ୍ରଚାର ପରିଷଦ ହିନ୍ଦୀ 'ରତ୍ନ' ଉପାଧିକୁ ସ୍ନାତକ ଉପାଧି ସହ ସମାନ ବୋଲି ସ୍ୱୀକୃତି ଦେଇଛନ୍ତି।

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ !
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅକୁହା ଅଜଣା,
ଚମକିଲା ଛାତିକେତେ ଯେ ବରଷା
ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀ ଜଳ ବିବାଦର ସମାଧାନ କେବେ

ମହାଶୟ,

ଏକଦା କାବେରୀ ଜଳ ବିବାଦ ଜାତୀୟ ସ୍ତରରେ ଚର୍ଚ୍ଚିତ ଖବର ହୋଇଥିଲା ଓ ପରେ ନର୍ମଦା ବଞ୍ଚାଅ ଆନ୍ଦୋଳନ ମଧ ଅନୁରୂପ ଖବର ପାଲଟିଥିଲା। ତେବେ ଦିନେ ମହାନଦୀ ଜଳ ବିବାଦ ଓଡ଼ିଶାବାସୀଙ୍କ ମୁଣ୍ଡବିନ୍ଧାର କାରଣ ସାଜି ରାଜନୈତିକ ନାଟକବାଜିରେ ରୂପାନ୍ତରିତ ହେବ ବୋଲି କିଏ ଭାବିଥିଲା ? ଗୋଟିଏ ଦୀର୍ଘକାଳୀନ କ୍ଷମତାସୀନ ସରକାର ଏଥିପାଇଁ ନେଇଥିବା ପଦକ୍ଷେପ କେବଳ ପତ୍ରଲିଖନରେ ସୀମିତ ଥିବା ସ୍ଥଳେ ଓଡ଼ିଆ ଅସ୍ମିତା ଦ୍ୱାହି ଦେଇ ସଂପ୍ରତି କ୍ଷମତା ମଧୁ ଚାଖିଥିବା ରାଜନୈତିକ ଦଳ ମଧ ସେହି ବାଟ ଧରିଲାଣି। କେବଳ କମିଟିରେ ଗୋଟିଏ/ଦୁଇଟି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଧାୟକଙ୍କୁ ରଖି ଓ ସଦସ୍ୟ ଚୟନରେ ତାହାକୁ ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ଗଠିତ ହୋଇଯିବାର ବାହାଦୁରି ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଗଲାଣି। ଏହାଦୃଶ ରାଜନୈତିକ ଆଖଡ଼ା ଆଉ କେତେଦିନ।

-ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମାଉଜର ଦେଖାଇ ଯୁବକଙ୍କୁ ଆକ୍ରମଣ**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଦର ଥାନା ଅନ୍ତର୍ଗତ ଅଲାରିଗଡଠାରେ ଥିବା ଏକ କୁକୁଡା ଫାର୍ମରେ ଜଣେ ଯୁବକଙ୍କୁ ମାଉଜର ଦେଖାଇ ଭୟଭୀତ କରିବା ପରେ ଖଣ୍ଡା ଓ କାତିରେ ଆକ୍ରମଣ ହୋଇଛି । ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଲାରିଗଡର ଟୁଲୁ ଜେନା ନିଜର ୨ ସହଯୋଗୀଙ୍କ ସହ କୁକୁଡା ଫାର୍ମରେ ନିଜ ବ୍ୟବସାୟ ସମ୍ପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ ଲିପୁନ ବିଷୋୟୀ ଓ ତାଙ୍କର ୩/୪ ସହଯୋଗୀ କୁକୁଡା ଫାର୍ମରେ ପହଞ୍ଚି ଟୁଲୁଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ କାତି ଓ ଛଡରେ ଆକ୍ରମଣ କରିଥିଲେ। ସହଯୋଗୀମାନେ ଟୁଲୁଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ ।

# ଯୁବପିଢ଼ି ଜୀବନରେ ଆସୁଥିବା କଠିନ ସମୟର ସାମ୍ନା କରିବା ଉଚିତ : ରାଜ୍ୟପାଳ

## ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ




ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରୁଛନ୍ତି ରାଜ୍ୟପାଳ ।

**ଗୋପାଳପୁର,୧୯।୧୨(ନବୀନ ରାଜ୍ ଆଚାରୀ)**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟବକ୍ତା ଭାବେ କେନ୍ଦ୍ର ସରକାରଙ୍କ ଏଆଇସିଟିଇ ଉପାଧ୍ୟକ୍ଷ ଶିକ୍ଷା ମନ୍ତ୍ରଣାଳୟର ଡ. ଅଭୟ ଜେରା ଯୋଗଦେଇ ଏକାଡେମିକ ଓ ପ୍ରଶାସନିକ କୋଠାକୁ ଶିଳାନ୍ୟାସ କରିଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଅତି କମ୍ ସମୟରେ ଅଗ୍ରଣୀ ସ୍ଥାନ ଅଧିକାର କରିଛି ବୋଲି ରାଜ୍ୟପାଳ ପ୍ରକାଶ କରିବା ସହ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯୁବପିଢ଼ି ନିଜ ଜୀବନରେ ଆସୁଥିବା କଠିନ ସମୟର ସାମ୍ନା କରିବା ଉଚିତ। ଭବିଷ୍ୟତ ପାଇଁ ନିଜକୁ ବୃତ୍ତିଗତ ଭାବେ ପ୍ରସ୍ତୁତ କରିବା ଲାଗି ସେ କହିଥିଲେ। ବୈଷୟିକ ଛାତ୍ରୀଛାତ୍ରମାନେ କ୍ୟାରିୟର ଗଠନ କରିବାରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଡ. ଗର୍ଦ୍ଧନଭାଇ ନାଥଲାଲ ପଟେଲ ଓ ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରିଥିଲେ। ୫ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ, ୩ ଜଣଙ୍କୁ ରୌପ୍ୟ ଓ ୩୩୫ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ସୁକାନ୍ତ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦକ୍ଷତା ନେଇ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରିୟଦର୍ଶିନୀ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟର ଗଭର୍ନିଂ ବଡି ଉପସଭାପତି ସଞ୍ଜିତା ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଡ. ପ୍ରତ୍ୟାଶ ବଂଶବାଲ ଏକାଡେମୀ ଡିନ୍ ପି. ରାଜେଶ କୁମାର, ଡ. ବିଷ୍ଣୁପ୍ରିୟା ନନ୍ଦ, ବିମଲ ମିଶ୍ର, ଇ. ଅରୁଣ ରଥ, ପ୍ରଭାକର ସ୍ୱାଇଁ, ସୁକାନ୍ତ କୁମାର ତ୍ରିପାଠୀ, ଡ. ସୀମାଞ୍ଚଳ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କୁଳସଚିବ ବିଷ୍ଣୁଙ୍କର ନାୟକ ସଭା ପରିଚାଳନା କରିଥିଲେ। ଡ.ପ୍ରୀତିରଞ୍ଜନ ସାହୁ, ଡ. ମାନସ ରଞ୍ଜନ ପାତ୍ର, ଡ. ସ୍ୱାଧୀନ ମିଶ୍ର, ଡ.ସସ୍ମିତା ପାଢ଼ୀ, ଡ. ହରିକୃଷ୍ଣ ଗନ୍ତାୟତ, ଡ. ଗାୟତ୍ରୀ ପଣ୍ଡା, ମିନାକ୍ଷୀ ଦାସ, ଡ. ସରିତା ସାହୁ, ପ୍ରଜ୍ଞା ସାମନ୍ତ, ଆକାଂକ୍ଷା ପଟ୍ଟନାୟକ, ସରୋଜ ପାଢ଼ୀ, ସନ୍ତୋଷ କୁମାର ନାୟକ, ସଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଆପାତକାଳୀନ ବୈଠକ

ଛତ୍ରପୁର,୧୯।୧୨(ଦିଲୀପ ସାମଲ): ଗଞ୍ଜାମ ଜିଲାରେ ଥିବା ସମସ୍ତ କମ୍ପାନୀରେ ସୁରକ୍ଷା ଏବଂ ଲୋକଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଶୁକ୍ରବାର ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜିଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଛି। କମ୍ପାନୀଗୁଡିକ ବର୍ଷକୁ ୨ଥର ମକଡ୍ରିଲ ସହିତ ଜିଲାସ୍ତରୀୟ ଅଧିକାରୀ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀ ସହିତ ଜନ ସାଧାରଣ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ସେ କହିଥିଲେ। ସୁରକ୍ଷା ନିମନ୍ତେ କ'ଣ ସବୁ ବ୍ୟବସ୍ଥା ରହିଛି ତାହାର ରିପୋର୍ଟ ଜିଲାସ୍ତରୀୟ କମିଟିକୁ ପଠାଇବାକୁ କୁହାଯାଇଛି। ଦୁର୍ଘଟଣା ଘଟିଲେ କେମିତି ମୁକାବିଲା କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। କେମିକାଲ ଟ୍ୟାଙ୍କରଗୁଡିକ ବିଭିନ୍ନ ଫ୍ୟାକ୍ଟ୍ରିକୁ ଯାତାୟତ କରୁଥିବାରୁ ତାହାର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କମ୍ପାନୀଗୁଡିକ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ବ୍ୟବସ୍ଥାର ତଦାରଖ କରିବା ନିମନ୍ତେ ଜିଲା ସ୍ତରୀୟ କମିଟି ଗଠନ ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଡେପୁଟି କଲେକ୍ଟର ( ଜରୁରୀ କାଳୀନ ) ଅଭିଷେକ ସାହୁ,ଫ୍ୟାକ୍ଟ୍ରି ଏଣ୍ଡ ବଏଲର ଆସିଷ୍ଟାଣ୍ଟ ଡାଇରେକ୍ଟର ରଞ୍ଜିତ ନାୟକ, ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା ଓ ମୁଖ୍ୟ ଜିଲା କୃଷି ଅଧିକାରୀ ଅଜୟ କୁମାର କରଙ୍କ ସମେତ ଫାୟାର, ଓଡ୍ରାଫ, ଏନଡିଆରଏଫର ଅଧିକାରୀ, ଜିଲା ସ୍ତରୀୟ କମିଟିର ସମସ୍ତ ସଭ୍ୟ ଏବଂ କମ୍ପାନୀଗୁଡିକର ବରିଷ୍ଠ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍-ଏଫ୍-୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ । **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍‌ଟି ସମେତ)। **ଇଏମ୍‌ଡି:** ₹୪,୧୬,୭୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୬।୦୧।୨୦୨୬ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ) । **(PR-976)**

## ବାୟୁସେନା ନିଯୁକ୍ତି ରାଲିରେ ପ୍ରଶାନ୍ତ, ଅଂଶୀତା ପ୍ରଥମ

### ସାମନ୍ତରାୟ ଏକାଡେମୀର ସଫଳତା

ବ୍ରହ୍ମପୁର,୧୯।୧୨(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁରସ୍ଥିତ ସାମନ୍ତରାୟ ଏକାଡେମୀର ଛାତ୍ର ପ୍ରଶାନ୍ତ ପ୍ରଧାନ ଓ ଛାତ୍ରୀ ଅଂଶୀତା ପ୍ରିୟଦର୍ଶିନୀ ବାରିପଦାରେ ହୋଇଥିବା ଭାରତୀୟ ବାୟୁସେନା ରାଲିରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅନୁଷ୍ଠାନର ୨୮ଜଣ ଛାତ୍ରୀଛାତ୍ର ଭାରତୀୟ ବାୟୁସେନାରେ ମନୋନୀତ ହୋଇଛନ୍ତି। ଏଥିସହ ୩୦ ଜଣ ଛାତ୍ର ଭାରତୀୟ ସ୍ଥଳସେନା ପାଇଁ ମନୋନୀତ ହୋଇଛନ୍ତି। ଶୁକ୍ରବାର ସାମନ୍ତରାୟ ଏକାଡେମୀରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ କୃତୀ ଛାତ୍ରଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଡା ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରୀଛାତ୍ରଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ମାତା ପିତା ଓ ଏକାଡେମୀର ନାଁ ରଖିବାକୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ଗୋକୁଳନନ୍ଦ ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ଅଂଶୀତା ପ୍ରିୟଦର୍ଶିନୀ।



ପ୍ରଶାନ୍ତ ପ୍ରଧାନ।

## କଳିଙ୍ଗା ଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଯାତ୍ରୀ




ଦୁର୍ଘଟଣାଗ୍ରସ୍ତ ବସ୍।

ଭଞ୍ଜନଗର/ଜି.ଉଦୟଗିରି,୧୯।୧୨(ବାବୁଲା ପ୍ରଧାନ/ଚିନ୍ମୟ କୁମାର ସେଠୀ): ଗଞ୍ଜାମ –କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘନ କୁହୁଡି ଯୋଗୁ ଚାଳକଙ୍କୁ ରାସ୍ତା ଜଣା ନ ପଡ଼ିବାରୁ ବସ୍‌ଟି ବାମ ପଟକୁ ଥିବା ଡ୍ରେନ୍‌ରେ ପଶି ଗାର୍ଡ ୱାଲ୍‌ରେ ପିଟି ହୋଇଛି। ସୌଭାଗ୍ୟବଶତଃ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଗୁରୁବାର ରାତିରେ ସାରଳା ନାମକ ଘରୋଇ ବସ୍ (ନଂ.ଓଡ଼ି ୦୨ଏଜେ ୬୧୯୯) ଭୁବନେଶ୍ୱରଠାରୁ ଦାରିଙ୍ଗବାଡ଼ି ଅଭିମୁଖେ ଯାଉଥିଲା। ବସ୍‌ରେ ୪୨ ଜଣ ଯାତ୍ରୀ ଥିଲେ। ରାତି ପ୍ରାୟ ୩ଟାରେ ବସ୍‌ଟି କଳିଙ୍ଗା ଘାଟି ଉଠୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ୨ ଜଣ ଡ୍ରାଇଭର ରହିବା କଥା। କିନ୍ତୁ ଉକ୍ତ ବସ୍‌ରେ ଜଣେ ଡ୍ରାଇଭର ଥିଲେ ବୋଲି ଜଣାପଡିଛି। ଭାରସାମ୍ୟ ହରାଇ ବସ୍‌ଟି ଘାଟିର ଡାହାଣ ପଟକୁ ଯାଇଥିଲେ ବହୁତ ବଡ଼ ଅଘଟଣ ଘଟିଥାନ୍ତା ବୋଲି ଅଞ୍ଚଳବାସୀ ଆଲୋଚନା କରୁଛନ୍ତି। ଘାଟିର ଉଭୟ ପାର୍ଶ୍ୱରେ ପର୍ଯ୍ୟାପ୍ତ ସୋଲାର ଲାଇଟ ବ୍ୟବସ୍ଥା ସହ ସମସ୍ତ ସରକାରୀ, ବେସରକାରୀ ବସରେ ୨ ଜଣ ଲେଖାଏ ଚାଳକ ରହିବା ବାଧ୍ୟତାମୂଳକ କରିବା ନିମନ୍ତେ ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କିରଣବାଳା ମିଶ୍ରଙ୍କ ପରଲୋକ



ବ୍ରହ୍ମପୁର,୧୯।୧୨(ସ୍ମୃତି ରଞ୍ଜନ ମହାଲିକ)

ଅଭିନେତ୍ରୀ, ନିର୍ଦ୍ଦେଶକ, ନାଟ୍ୟକାର ଏବଂ ସୁଲେଖିକା କିରଣବାଳା ମିଶ୍ରଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବ୍ରହ୍ମପୁର କଳାକାର ଏକତା ମଞ୍ଚ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସଭାପତି ଅନିଲ ପାତ୍ର ଓ ସମ୍ପାଦକ ରାଜଗୋପାଳ ପାଢ଼ୀ ତାଙ୍କ ବିୟୋଗ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ଏକାଧିକ ସାହିତ୍ୟ ଓ କଳା ସଂଗଠନ ସହ ଜଡିତ କିରଣବାଳା ବହୁ ସମ୍ମାନର ଅଧିକାରୀ ଥିଲେ। ଓଡିଶା ନାଟ୍ୟସଂଘର ଉପସଭାପତି ଭବାନୀ ଶଙ୍କର ମିଶ୍ର, ନାଟ୍ୟକାର ରାମେଶ ମହାରଣା, ମଦନ ମିଶ୍ର, ଏନ. ରାମବାବୁ, ସତ୍ୟ ମହାରଣା, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ରାମଚନ୍ଦ୍ର ସାସମଲ, ବିଚିତ୍ରାନନ୍ଦ ବେବର୍ତ୍ତା, କୈଳାସ ପାଣିଗ୍ରାହୀ, ଗୋକୁଳ ପଣ୍ଡା, ଲିଙ୍ଗରାଜ ନାହାକ, ସୁନିଲ ସ୍ୱାଇଁ ଓ ନବୀନ ହୋତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଆସିକା,୧୯।୧୨ (ସୁରେନ୍ଦ୍ର ନାଥ ସାହୁ ): ଆସିକା ଥାନା ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତର ସାହସପୁର ଗ୍ରାମ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟୁନା ବେହେରା (୪୫)। ଟୁନା ଶୁକ୍ରବାର ସନ୍ଧ୍ୟାରେ ଶୌଚ ପାଇଁ ଶୁଣ୍ଡିବନ୍ଧ ପୋଖରୀକୁ ଯାଇ ଫେରି ନ ଥିଲେ। ଖବରପାଇ ଅଗ୍ନିଶମ ଦଳ ପହଞ୍ଚି ପୋଖରୀରୁ ଟୁନାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନା କୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

**GOVERNMENT OF ODISHA** No.O-1816
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
**No. Tender Online RCK-24/25 Letter No.-4261 Date : 15.12.2025**

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer**
**Rural Works Circle, Kendrapara-Jajpur**
**OIPR-25129/11/0073/2526**

**IFCI LIMITED**
आई एफ सी आई लिमिटेड
(A Government of India Undertaking)
(भारत सरकार का उपक्रम)

ପଞ୍ଜୀକୃତ କାର୍ଯ୍ୟାଳୟ: ଆଇଏଫ୍‌ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍
ନୂଆଦିଲ୍ଲୀ – ୧୧୦୦୧୯
ଟେଲି: ୦୧୧-୪୧୭୯୨୮୦୦, ୪୧୭୩୨୦୦୦
ୱେବ୍‌ସାଇଟ୍: www.ifciltd.com
ସିଆଇଏନ୍: L74899DL1993GOI053677

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍‌ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ଜରିଆରେ **"ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ"** ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:-

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ-ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍‌ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ – ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫-୯-୧୩, ସୈଫାବାଦ୍, ହାଇଦ୍ରାବାଦ – ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ – ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା – ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି-୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ – ୫୬୦୦୦୫ (୪ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍‌ଏଫ୍‌ଏଚ୍‌ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ – ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍‌ଏଫ-୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍‌ଏଫ-୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ-୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ – ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ – ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ – ଦ୍ୱିତୀୟ ମହଲା | 0.45 | |

୧. ଇ-ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍‌ସିଆଇ ୱେବ୍‌ସାଇଟ୍ www.ifciltd.com ଏବଂ ଇ-ନିଲାମ ପୋର୍ଟାଲ https://eauction.auctiontiger.netରୁ ୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦ ଘଟିକା ପରଠାରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଇଏମ୍‌ଡି ଦାଖଲର ଶେଷ ତାରିଖ ହେଉଛି ୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା ।
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି:
ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍- ୦୧୧-୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି – ୦୧୧-୪୧୭୩୨୧୪୧/୯୫୯୯୫୦୨୬୬୩;
ଶ୍ରୀ ବରୁଣ ଖୋୱାଲା, ଏଜିଏମ୍- ୦୧୧-୪୧୭୩୨୨୮୨/୯୯୮୭୫୬୧୭୫୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍-୦୧୧-୪୧୭୩୨୧୭୪/୭୦୪୨୫୦୫୦୮୭ ।
୩. ସମସ୍ତ ଅପ୍‌ଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./-
ମହାପ୍ରବନ୍ଧକ (ଇଷ୍ଟେଟ୍ସ)
ଆଇଏଫ୍‌ସିଆଇ ଲିଃ.

**Fakir Mohan University**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OMBRIC/01/2025/9113 Date : 19.12.2025

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions **(Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

**Sd./- Registrar**

**କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼-୬୭୧୩୨୫

ନଂ. ସିୟୁକେ/ଆର୍‌ସି/ଏଫ୍‌ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି :
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୨/୨୦୨୫
୨) ଫାଇନାନ୍ସ ଅଫିସର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୧/୨୦୨୫
୩) ଲାଇବ୍ରେରିଆନ୍, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦-୨,୧୮,୨୦୦)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬–ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ –ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526 ରେଜିଷ୍ଟ୍ରାର

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**OFFICE OF THE SENIOR GENERAL MANAGER, (PROJECTS) - I**
**OPTCL TECH TOWER, JANPATH, SAHEED NAGAR, BHUBANESWAR-751007**

**NOTIFICATION**

**No. 876(6)** **Dated : 12.12.2025**

In accordance with section 164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 40 Crore Approx. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM(Project)-1, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), EHT (Projects) Division, Jajpur Road, as mentioned against the work, on any working day during office hours.

**Name of the Work:-** Construction of proposed 220kV LILO line in both circuits from 220kV TTPS-Joda DC line(existing Loc. No. 392) to proposed 400kV Sub-station at Basudevpur, Keonjhar (proposed 220kV Joda-Basudevpur line).

**Name of the Village in which the line will Pass :**
**Tahasil:** Keonjhar Sadar, **RI Circle:** Palaspanga, **Revenue Village:** Rengalbera, Dhanurjaypur, Tulasipur, kunjarbahal, Silisuan; **Tahasil:** Jhumpura, **(a)RI Circle:** Balibandha, **Revenue Village:** Dhaulipat, Fakirpur, Nahabeda, Ramachandrapur alias balabhadrapur, Kashipala; **(b)RI Circle:** Gumura, **Revenue Village:** Hirapur, Goda, Angulia, Pratapadhanrjayapura, Naradapur, Jagannathpur; **(c)RI Circle:** Ukhunda, **Revenue Village:** Manoharpur; **Tahasil:** Barbil, **RI Circle:** Chamakpur, **Revenue Village:** Ramachandrapur, Basudevpur.

**Perceived benefit that may accrue :** This will facilitate un-interrupted power supply to the domestic & industrial loads in & around Joda, Barbil, Champua & Jumpura command area in particular & overall development of Keonjhar district in general.

**ER. SUNIL KUMAR DANDSENA**
FIPR-70/2025-26 **Sr. General Manager (Projects- I)**
/optcl.odisha /optcl_odisha

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
**REQUIRED**
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
**MONDAY-SATURDAY - 10 A.M. TO 7 P.M.**
Address : JANPATH, BHUBANESWAR
**Contact : Rajiv Agarwal, M-9437006047**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/–
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: **7855040457**
Send CV:
**csgargsongroup@gmail.com**
**siddharth9909@gmail.com**

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
**csgargsongroup@gmail.com**
Cc to:
**siddharth9909@gmail.com**
**Call - +91 7855040457**

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

**This is to inform all concerned that the Tender Document of the Notice Inviting Quotation (NIQ) No. 08/2025-26, dated 17.12.2025, published vide PR No. 368771, dated 17.12.2025 for the "Supply of Press Palette Machine" can be downloaded from the website:**www.jharkhand.gov.in.**All other terms and conditions of the NIQ shall remain unchanged. Interested Bidders are hereby requested to submit their bids accordingly.**

Sd/-
**Director, Geology**
**Directorate of Geology,**
**Department of Mines & Geology,**
**Government of Jharkhand**

PR 369021 (Mines and Geology)25-26*D

**OFFICE OF THE EXECUTIVE ENGINEER**
**MINOR IRRIGATION DESIGN DIVISION,**
**DUMKA, CAMP-DEOGHAR**

**e-Procurement Tender Notice**
**Two Envelope System**
**Tender Reference No. :- WRD/M.I.D.D.D.C/DEOGHAR/B.D./S.L.I-03/2025-26 Dt:-19.12.2025**

| | | |
|---|---|---|
| 1. | Name of the work | Construction of Chief Minister Solar Based Lift Irrigation Scheme at**Chandna** under Block-Sarwan, District-Deoghar. |
| 2. | Estimated Cost (in Rs.) | Rs. **1,26,19,719.54** |
| 3. | Cost of Tender Document (in Rs.) | Rs. 10,000.00 only (non-refundable) |
| 4. | Earnest Money Deposit (in Rs.) | Rs. 1,27,000.00 only |
| 5. | Time of Completion | 11 Months |
| 6. | Mode of Submission of Tender | Online through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in) | Date: 24.12.2026, 11:00 A.M. |
| 8. | Last Date/ Time for downloading of bidding documents and submission of Tender on Website | Date: 08.01.2026, 05:00 P.M. |
| 9. | Submission of Tender Fee and EMD | Start Date: 24.12.2025, 11:00 A.M. Last Date: 08.01.2026, 05:00 P.M. |
| 10. | Technical Bid Opening Date | Date: 09.01.2026, 05:00 P.M. |
| 11. | Officer Inviting Bids | Executive Engineer, Minor Irrigation Design Division, Dumka, Camp-Deoghar. |
| 12. | Contact No. of Procurement Officer email of Procurement Officer | Mob. No.-7257990512 Email Id-eemdddum-cemd-jhr@nic.in |
| 13. | Help line No. of Procurement Cell | Mob. No.-8789032339 |

- **Note :- Estimated cost may increase or decrease.**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website **http://jharkhandtenders.gov.in.**

**Executive Engineer**
**Minor Irrigation Design Division ,**
**Dumka, Camp-Deoghar**
PR 369003 Water Resource(25-26)D



# ରେଳ ମାନଚିତ୍ରରେ ଯୋଡ଼ିହେଲା ବୌଦ୍ଧ

୨୦୨୫ରେ ବୌଦ୍ଧବାସୀଙ୍କ ଦୀର୍ଘଦିନର ଅପେକ୍ଷାର ଅନ୍ତ ହୋଇଛି। ରେଳ ମାନଚିତ୍ରରେ ଯୋଡ଼ିହୋଇଛି ବୌଦ୍ଧ ଜିଲା। ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ବୌଦ୍ଧ ଓ ପୁରୁଣାକଟକ ଷ୍ଟେଶନରୁ ଟ୍ରେନ୍ ଚଳାଚଳ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱରରୁ ଆଭାସି ମାଧ୍ୟମରେ ଦୁଇଟି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୋନପୁରଠାରୁ ବୌଦ୍ଧ ଜିଲାର ପୁରୁଣାକଟକ ପର୍ଯ୍ୟନ୍ତ ୧୩୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୩ କିଲୋମିଟର ରେଳପଥର ଶୁଭ ଉଦ୍‌ଘାଟନ ହୋଇଥିଲା।



## ୪ ଦଶନ୍ଧି ପରେ ଚୋରି ମୂର୍ତ୍ତି ଫେରିଲା

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ଅଷ୍ଟଧାତୁରେ ନିର୍ମିତ ବିରଳ ପ୍ରାଚୀନ ମୂର୍ତ୍ତି ୪ ଦଶନ୍ଧି ପରେ ଫେରିଛି। ୪୨ ବର୍ଷ ନ୍ୟାୟିକ ଲଢ଼େଇ ଓ ଜିଲା ପ୍ରଶାସନର ତତ୍ପରତା ପରେ ସୁବର୍ଣ୍ଣପୁରକୁ ଫେରିଛି ସମସ୍ତ ମୂର୍ତ୍ତି। ମନ୍ଦିରରେ ପୁନଃ ପ୍ରତିଷ୍ଠା କରାଯିବ। ୧୯୮୩ ମସିହାରେ ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ସୋନପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମୂର୍ତ୍ତି ଠାବ କରିପାରି ନ ଥିଲା କିମ୍ବା ଅଭିଯୁକ୍ତଙ୍କ ଟେର୍ ପାଇ ନ ଥିଲା। ଏହି ମୂର୍ତ୍ତିଗୁଡ଼ିକୁ ବିଦେଶକୁ ଚାଲାଣ ପାଇଁ କୋଟି କୋଟି ଟଙ୍କାର ଡିଲ୍ ହୋଇଥିଲା। ୧୯୯୩ରେ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବିଦେଶକୁ ଚାଲାଣ କରାଯାଉଥିଲା। ଦିଲ୍ଲୀ ସିବିଆଇ ଟିମ୍ ଚଢ଼ାଉ କରି ମୂର୍ତ୍ତିକୁ ଜବତ କରିଥିଲା। ମୂର୍ତ୍ତି ଚୋରଙ୍କୁ ଜେରା ପରେ ଓଡ଼ିଶାର ସୁବର୍ଣ୍ଣପୁରରୁ ୧୨ଟି ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଭୁବନେଶ୍ୱର ସିବିଆଇ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ସେହିଦିନଠାରୁ ଜବତ ମୂର୍ତ୍ତି ସିବିଆଇ ମାଲଖାନାରେ ଥିଲା।

ଆଉ କିଛିଦିନ ପରେ ବିଦାୟ ନେବ ୨୦୨୫। ଏହି ବର୍ଷ ପଶ୍ଚିମ ଓଡ଼ିଶା ପାଇଁ ଥିଲା ଅତ୍ୟନ୍ତ ଘଟଣା ବହୁଳ। ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ଆସିଥିଲା ଏହି ବର୍ଷ। ବଲାଙ୍ଗୀରରେ ଶିଶୁ ବିକ୍ରି, ଧର୍ମଗଡ଼ ଉପଜିଲାପାଳ ଭିଜିଲାନ୍ସ ହାତରେ ଧରାପଡ଼ିବା ଥିଲା ଚର୍ଚ୍ଚିତ ଘଟଣା। ହାତୀ-ମଣିଷ ଲଢ଼େଇ ବି ଚରମ ସୀମାରେ ପହଞ୍ଚିଥିଲା। ନୂତନ ଜ୍ଞାନକୌଶଳ ବିକଶିତ କରିବାରେ ସମ୍ଭାବନା ସୃଷ୍ଟି କରିଥିଲେ ରାଉରକେଲା ଏନ୍ଆଇଟି ଛାତ୍ରୀଛାତ୍ର। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ଓ ଉପନିର୍ବାଚନ, ରେଳ ମାନଚିତ୍ରରେ ବୌଦ୍ଧ ଜିଲା ସଂଯୋଗ, ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ଆୟୋଜନ, ଜାତୀୟ ପାରା-ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ବଲାଙ୍ଗୀର ଭିନ୍ନକ୍ଷମ ଝିଅ ପାୟଲ ଚାମ୍ପିୟନ ହେବା, ବରଗଡ଼ ଧନୁଯାତ୍ରା ପାଇଁ ନୂତନ କଂସ ଅଭିନେତା ଚୟନ ଏବଂ ସୋନପୁରରୁ ଚୋରି ପ୍ରାଚୀନ ବିରଳ ମୂର୍ତ୍ତି ୪୨ବର୍ଷ ପରେ ସିବିଆଇ ଲକରରୁ ମନ୍ଦିରକୁ ଫେରିବା ଆଦି ପଶ୍ଚିମ ଓଡ଼ିଶାର ପ୍ରମୁଖ ଖବର ପାଲଟିଥିଲା। ଏଭଳି କିଛି ଘଟଣା ପ୍ରବାହକୁ ନେଇ ଏଥର ବର୍ଷାନ୍ତ ଉପସ୍ଥାପନା।




# ପୁଞ୍ଜିଲାଲଙ୍କୁ ସଜା

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ଘଟଣା ଘଟିବାର ୭ ବର୍ଷ ୨ ମାସ ୪ ଦିନ ପରେ ମେ ୨୮ରେ ପ୍ରକାଶ ପାଇଥିଲା। ପାଟଣାଗଡ଼ ଏଡିଜେ ସୋନାଲି ପଟ୍ଟନାୟକ ଏହି ବହୁପ୍ରତୀକ୍ଷିତ ରାୟ ଶୁଣାଇ ମାମଲାର ଏକମାତ୍ର ଅଭିଯୁକ୍ତ ଭଇଁଷା କଲେଜର ତତ୍କାଳୀନ ଇଂଲିଶ୍ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ମାମଲାକୁ ଏକ ସଙ୍ଗିନ ମାମଲା ବୋଲି କୋର୍ଟ ବିବେଚନା କରିଥିଲେ ମଧ୍ୟ ଏହା ବିରଳରୁ ବିରଳତମ ନୁହେଁ ବୋଲି ଦର୍ଶାଇଥିଲେ। ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ଭଇଁଷା ଜ୍ୟୋତି ବିକାଶ କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ନବବିବାହିତ ପୁତ୍ର ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂଲିଶ୍ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପ୍ରାୟ ୨ ହଜାର ପୃଷ୍ଠାର ଚାର୍ଜସିଟ୍, ବୈଜ୍ଞାନିକ ପ୍ରମାଣ, ପାରିପାର୍ଶ୍ୱିକ ପ୍ରମାଣ, ଗୁରୁତ୍ୱପୂର୍ଣ୍ଣ ଭିଡିଓ ପ୍ରମାଣ, ୬୨ ଜଣଙ୍କ ସାକ୍ଷ୍ୟ ଓ ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଏଡିଜେ ଏହି ରାୟ ଶୁଣାଇଥିଲେ।

ପାର୍ସଲ ବୋମା ବିସ୍ଫୋରଣ ମାମଲା ରାୟ





## ୬୦ ହଜାର କୋଟିର ପ୍ରକଳ୍ପ ଶିଳାନ୍ୟାସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୨୭ରେ ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ଦେଶ ପାଇଁ ୬୦ ହଜାର କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହ ବିଏସ୍ଏନ୍ଏଲ୍ ସ୍ୱଦେଶୀ ୪-ଜି ସେବାର ସେ ଉଦ୍‌ଘାଟନ କରିଥିଲେ। ଏଥିସହ ବ୍ରହ୍ମପୁର-ସୁରଟ ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ।

## ନବ ଦାସ ହତ୍ୟା ଘଟଣା: ତଦନ୍ତ ପୁଣି ଆରମ୍ଭ କଲା କ୍ରାଇମବ୍ରାଞ୍ଚ

ରାଜ୍ୟରେ ଭାଜପା ସରକାର ଆସିବା ପରେ ପୂର୍ବତନ ମନ୍ତ୍ରୀ ନବକିଶୋର ଦାସ ହତ୍ୟା ଘଟଣାର ତଦନ୍ତକୁ ରିଓପନ କରିଥିଲା। ୨୦୨୫ ମାର୍ଚ୍ଚ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ସହ ୨ ଜଣିଆ ଟିମ୍ ଝାରସୁଗୁଡ଼ା ଯାଇ ନବଙ୍କ ସ୍ତ୍ରୀ ମିନତି ଦାସ, ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କୁ ପଚରାଉଚରା କରିଥିଲା। ସେହିପରି ନବଙ୍କୁ ଗୁଳି କରାଯାଇଥିବା ସ୍ଥାନ, ଏୟାରପୋର୍ଟ, ମୁଖ୍ୟ ଡାକ୍ତରଖାନାରେ ତଦନ୍ତ କରିବା ସହ ତଦନ୍ତକାରୀ ପୋଲିସ ଅଧିକାରୀଙ୍କୁ ପଚରାଉଚରା କରିଥିଲା। ଏଥିସହ ସମସ୍ତ ସାକ୍ଷୀଙ୍କ ବୟାନ ଆଧାରରେ ଝାରସୁଗୁଡ଼ା ଜିଲା କୋର୍ଟରେ ଦସ୍ତାବିଜ ଦାଖଲ କରିଥିଲା। ତେବେ ଏହି ଘଟଣାର ନିଷ୍କର୍ଷ କ'ଣ ହେଲା, ତାହା ଏବେ ବି ଅସ୍ପଷ୍ଟ ରହିଛି। ୨୦୨୩ ଜାନୁଆରୀ ୨୯ରେ ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀ ଛକଠାରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ତଦନ୍ତଭାର ନେଇଥିବା କ୍ରାଇମବ୍ରାଞ୍ଚ ଏଏସ୍ଆଇ ଗୋପାଳକୃଷ୍ଣ ଦାସଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ନବଙ୍କ ପରିବାର ଘଟଣାର ସିବିଆଇ ତଦନ୍ତ ଦାବି କରିଥିବାବେଳେ ଭାଜପା ସରକାର ଘଟଣାର ପୁନଃ କ୍ରାଇମବ୍ରାଞ୍ଚ ତଦନ୍ତ କରାଇଛି।



## ପରଲୋକରେ ପଦ୍ମଶ୍ରୀ ବିନୋଦ ପଶାୟତ

ବିଶିଷ୍ଟ ସମ୍ବଲପୁରୀ ସାହିତ୍ୟ ସାଧକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଅଗଷ୍ଟ ୨୦ରେ ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଥିଲା। ସାଧାରଣ ପରିବାରରେ ଜନ୍ମିତ ବିନୋଦ ଅସାଧାରଣ କୃତିତ୍ୱ ହାସଲ କରିପାରିଥିଲେ। ସେ ୧୯୫୯ ମସିହାରେ ଆକାଶବାଣୀ କଟକ ଓ ୧୯୬୫ ମସିହାରେ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଗୀତିକାର ଭାବେ ସ୍ୱୀକୃତି ଲାଭ କରିଥିଲେ। ଫକୀର ପଟ୍ଟନାୟକଙ୍କ ସହ ତାଙ୍କର ଯୋଡ଼ି ଦେଇଥିଲା ଗୋଟିଏ ପରେ ଗୋଟିଏ ସୁପରହିଟ୍ ସମ୍ବଲପୁର ସଙ୍ଗୀତ। ମା' ଠାନୁ ବଲି ବଡ଼ କିଏ ଅଛେ, ଏ ନନୀ ସୁଲଚନାଁ, ରଥ ଚକା ଚାଲେ ଘିଡ଼ିଘିଡ଼ି, ବୋଇଲେ ରାଧିକା ଶୁଣରେ ଦୂତିକା, ଗଲା ରାତି ଝୁମରା ସୁରେ ସୁପରହିଟ ଗୀତ ସହ ଉଖୀ, ମୁଇଁ ନାଇଁ ମରେ ଭଳି ୧୨ଟି ସୁପରହିଟ୍ ସମ୍ବଲପୁରୀ ନାଟକର ସେ ନାଟ୍ୟକାର ଥିଲେ।



## ଚରମସୀମାରେ ହାତୀ-ମଣିଷ ଲଢ଼େଇ

ହାତୀ-ମଣିଷ ଲଢ଼େଇର ଧାରା ଚଳିତ ବର୍ଷ ମଧ୍ୟ ପଶ୍ଚିମ ଓଡ଼ିଶାରେ ଅବ୍ୟାହତ ରହିଥିଲା। ହାତୀ ଆକ୍ରମଣରେ ମୋଟ ୫୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିଭିନ୍ନ କାରଣରୁ ମୋଟ ୧୪ ହାତୀଙ୍କ ଜୀବନ ଯାଇଛି। ଦେବଗଡ଼ ଜିଲାରେ ସର୍ବାଧିକ ୭ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନ୍ଦରଗଡ଼ରେ ୪, ସମ୍ବଲପୁର ୨, ସୁବର୍ଣ୍ଣପୁରରେ ୧ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ହାତୀ ଆକ୍ରମଣରେ ସୁନ୍ଦରଗଡ଼ ଜିଲାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦେବଗଡ଼ରେ ୧୪, ସମ୍ବଲପୁର ୯, କଳାହାଣ୍ଡି ୪, ଝାରସୁଗୁଡ଼ା ୧, ବରଗଡ଼ରେ ୨ ଓ ବଲାଙ୍ଗୀରରେ ୨ଜଣଙ୍କ ମୃତ୍ୟୁ ଘଟିଛି।



## ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍

ସମ୍ବଲପୁରରେ ଡିସେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅଧୀନରେ ଓଡ଼ିଶା ସାଇକ୍ଲିଂ ସଂଘ ଏବଂ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚାମ୍ପିୟନଶିପ୍‌ରେ ସାରା ଦେଶରୁ ୪ଶହ ମହିଳା ପ୍ରତିଯୋଗୀଙ୍କ ସହ ୮୫୦ ରାଇଡର୍ସ ଓ ୧୨୨ଜଣ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ରାଜସ୍ଥାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ହରିୟାଣା ଦ୍ୱିତୀୟ ଏବଂ ଓଡ଼ିଶା ୮ମ ସ୍ଥାନରେ ରହିଥିଲା।



## ବିଧାୟକଙ୍କ ମୃତ୍ୟୁ, ନୂଆପଡ଼ା ଉପନିର୍ବାଚନ





ନୂଆପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ସେପ୍ଟେମ୍ବର ୮ରେ ପରଲୋକ ପରେ ନଭେମ୍ବର ୧୧ରେ ଉପନିର୍ବାଚନ ହୋଇଥିଲା। ଏଥିରେ ଦିବଂଗତ ବିଧାୟକଙ୍କ ପୁଅ ଜୟ ଢୋଲକିଆ ଭାଜପାରୁ ପ୍ରାର୍ଥୀ ହୋଇ ଜିତାପଟା ହାସଲ କରିଥିଲେ। ବିଜେଡି ହାତରୁ ଖସିଯାଇଥିଲା ନୂଆପଡା ବିଧାନସଭା। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର ୪୦୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୪୦ ହଜାର ୧୨୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାଜପା ପ୍ରାର୍ଥୀ ଜୟଙ୍କୁ ମିଳିଥିଲା ୧ ଲକ୍ଷ ୨୩ ହଜାର ୮୬୯ ଭୋଟ। ରେକର୍ଡ ୮୩ ହଜାର ୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ସେ ନିକଟତମ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ବିଜୟୀ ହୋଇଥିଲେ। ୨୪ବର୍ଷର ବିଜେଡି ସରକାରକୁ ହଟାଇ ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ସରକାର ଆସିବା ପରେ ଏହି ନିର୍ବାଚନ ରାଜନୈତିକ ଦୃଷ୍ଟିକୋଣରୁ ଶାସକ ଓ ବିରୋଧୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇଥିଲା। ଚାରି ଥର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନର ଆବଶ୍ୟକତା ପଡିଥିଲା।

# ବଦଳିଲେ କଂସ ମହାରାଜା



ବୃହତ୍ ମୁକ୍ତାକାଶ ବରଗଡ଼ ଧନୁଯାତ୍ରା ମହୋତ୍ସବର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ୧୧ଦିନ ଧରି ଚାଲୁଥିବା ଏହି ମହୋତ୍ସବରେ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିଯାଏ। ସେହିପରି ବରଗଡ଼ ସହର ଏବଂ ଅମ୍ବାପାଲି ମଝିରେ ବହି ଯାଇଥିବା ଜିରାନଦୀ ଯମୁନା ହୁଏ। ଏହି ମହୋତ୍ସବରେ କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳୁଥିବା ବେଳେ କଂସ ମହାରାଜଙ୍କ ଅଭିନୟ ମହୋତ୍ସବର ଭିନ୍ନ ଏକ ଆକର୍ଷଣ। ପ୍ରତି ୩ ବର୍ଷରେ କଂସ ସମେତ ଅନ୍ୟ ପାର୍ଶ୍ୱ ଚରିତ୍ର ପାଇଁ କଳାକାର ଚୟନ କରାଯିବାର ପରମ୍ପରା ରହିଛି। ଏହି କ୍ରମରେ ଗତ ନଭେମ୍ବର ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ କଂସ ମହାରାଜ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ହୋଇଥିଲା ଏବଂ ନଭେମ୍ବର ୧୮ରେ କଳାକାରଙ୍କ ନାମ ଘୋଷଣା ହୋଇଥିଲା। ଏଥର ବରଗଡ଼ ଜିଲା ଚିଚିଣ୍ଡା ଗ୍ରାମର ସୁଶୀଲ କୁମାର ମେହେର କଂସ ମହାରାଜ ଚରିତ୍ର ପାଇଁ ମନୋନୀତ ହୋଇଛନ୍ତି। ବିଗତ ବର୍ଷରେ ହୋଇଥିବା ଚୟନ ପ୍ରକ୍ରିୟାରେ ମଧ୍ୟ ସୁଶୀଲ ଅଂଶଗ୍ରହଣ କରିଆସୁଥିଲେ, ମାତ୍ର ସେ ସଫଳ ହୋଇ ନ ଥିଲେ। କିନ୍ତୁ ଏଥର ସୁଶୀଲ ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ୪୩ଜଣଙ୍କୁ ପଛରେ ପକାଇ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି।

## ଶିଶୁ ବିକ୍ରି ପାଇଁ ହଇଚଇ

ଚଳିତ ବର୍ଷ ଏକାଧିକ ଶିଶୁ ବିକ୍ରି ପ୍ରସଙ୍ଗ ଥିଲା ଚର୍ଚ୍ଚିତ। ଏପ୍ରିଲ ୯ରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଜଣେ ନବଜାତ ଶିଶୁପୁତ୍ର ୨୦ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଖବର ହଇଚଇ ସୃଷ୍ଟି କରିଥିଲା। ବଲାଙ୍ଗୀର ସହର ମାଲପଡ଼ାଠାରେ ରହୁଥିବା ଜଣେ ମହିଳାଙ୍କ ନବଜାତ ଶିଶୁପୁତ୍ରକୁ ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ଭାବେ ବିକ୍ରି ପାଇଁ ନେଇଥିଲେ। ପରେ ଶିଶୁପୁତ୍ରଟି ଟିଟିଲାଗଡ଼ ନିକଟ ବଲାଙ୍ଗୀର-କଳାହାଣ୍ଡି ସୀମାରୁ ଉଦ୍ଧାର ହୋଇଥିଲା। ସେହି ଏପ୍ରିଲରେ ମୁରିବାହାଲ ଥାନା କର୍ଲା ଗାଁର ଏକ ନବଜାତ ଶିଶୁକନ୍ୟା ଛତିଶଗଡ଼ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ଜୁଲାଇରେ ଆଉ ଏକ ଶିଶୁ ବିକ୍ରି ଘଟଣା ହଇଚଇ ସୃଷ୍ଟି କରିଥିଲା। ଟିଟିଲାଗଡ଼ ଥାନା ବାଗଡେର ଗାଁରୁ ବିକ୍ରି ହୋଇଥିବା ଶିଶୁ ବରଗଡ଼ ଜିଲା ପାଇକମାଲଠାରୁ ଉଦ୍ଧାର ହୋଇଥିଲା। ନଭେମ୍ବରରେ ପୁଣି ଥରେ ଶିଶୁ ବିକ୍ରି ଅଭିଯୋଗ ହୋଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ଥାନା କନ୍ଧାଜୁରୀ ଗାଁର ଜଣେ ମହିଳା ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଯାଆଁଳା ଶିଶୁ ଜନ୍ମ ଦେବା ପରେ ଦୁଇ ଜଣ ବ୍ୟକ୍ତିଙ୍କୁ ବେଆଇନ ହସ୍ତାନ୍ତର କରିଥିଲେ।


## ଲାଞ୍ଚ ନେଇ ବଦନାମ ହେଲେ ଉପଜିଲାପାଳ



କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଆଇଏଏସ୍ ଅଫିସର ଧୀମାନ ଚକ୍‌ମା ଜୁନ୍ ୮ରେ ଜଣେ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ସରକାରୀ ବାସଭବନ ଛାନ୍‌ଭିନ୍ କଲାବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେ ଜେଲ ଯାଇଥିଲେ।

## ପିପ୍ପଳିରୁ କୋଲନ କ୍ୟାନ୍‌ସର ଚିକିତ୍ସା

ଚଳିତବର୍ଷ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି) ବିଭିନ୍ନ କ୍ଷେତ୍ରରେ ଗବେଷଣା କରି କୃତିତ୍ୱ ହାସଲ କରିଛି। ସେଥିମଧ୍ୟରୁ ଜମିଜମା ମାପିବା ପ୍ରଣାଳୀକୁ ସହଜ କରିବା ପାଇଁ ଏନ୍ଆଇଟି କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପ୍ରଥମ ସ୍ୱୟଂଚାଳିତ ଡ୍ରୋନ ସିଷ୍ଟମ ବିକଶିତ କରାଯାଇଥିଲା। ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସମ୍ବିତ ବକ୍ସିଙ୍କ ନେତୃତ୍ୱରେ ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ତନ୍ମୟ କୁମାର ବେହେରା, ଡ. ଦେବବ୍ରତ ଚୌଧୁରୀ ଏବଂ ରିସର୍ଚ୍ଚ ସ୍କଲାର୍ କାମେଲିଆ ରାୟ ପ୍ରମୁଖ ଏହାକୁ ବିକଶିତ କରିଥିଲେ। ସେହିପରି ଏନ୍ଆଇଟି ଜୀବ ବିଜ୍ଞାନ ବିଭାଗ ପକ୍ଷରୁ କୋଲନ କ୍ୟାନ୍‌ସର ବିରୋଧରେ ପିପ୍ପଳିରୁ ଏକ ପ୍ରଭାବଶାଳୀ ଏବଂ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଉପଶମ ବିକଶିତ କରାଯାଇଥିଲା। ଏନ୍ଆଇଟି ଜୀବ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ପ୍ରଫେସର ବିଜେଶ ବିଶ୍ୱାଳ, ରିସର୍ଚ୍ଚ ସ୍କଲାର ରାଜୀବ ସାହୁ, ସ୍ମୃତି ବିଶ୍ୱାଳ, ସମ୍ବିତ ପାତ୍ର ପ୍ରମୁଖ ଏହି ଗବେଷଣାରେ ପ୍ରମୁଖ ଭୂମିକା ତୁଲାଇଥିଲେ।




## ଋଣବୋଝରୁ ଜୀବନ ହାରିଲେ ୨ ଚାଷୀ





ବଲାଙ୍ଗୀର ଜିଲାର ଦୁଇଜଣ ଚାଷୀ ବିଷପାନ କରି ଆତ୍ମହତ୍ୟା କରିବା ଥିଲା ୨୦୨୫ର ଆଉ ଏକ ଦୁଃଖଦ ଅଧ୍ୟାୟ। ମୁରିବାହାଲ ବ୍ଲକ ଦନ୍ଦରା ଗାଁରେ ଅଗଷ୍ଟ ୧ ତାରିଖରେ କୀଟନାଶକ ପିଇ ଚାଷୀ ରାଜକୁମାର ପାତ୍ର ଆତ୍ମହତ୍ୟା କରିଥିଲେ। ବର୍ଷାଭାବରୁ ଚାଷହାନି ଏବଂ ଋଣବୋଝ ଚିନ୍ତାରେ ସେ କୀଟନାଶ ପିଇ ଜୀବନ ହାରିଥିବା ଅଭିଯୋଗ ହୋଇଥିଲା। ସେହିପରି ଅଗଷ୍ଟ ୧୩ରେ ଟିଟିଲାଗଡ ବ୍ଲକ କୁରସୁଡ଼ ପଞ୍ଚାୟତ ଅଧୀନ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ଲଟା ମାରିବାକୁଥିବା ବିଷ ପାନ କରି ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ଋଣ ବୋଝ ଚାପ ଏବଂ ଚାଷହାନି ଆଶଙ୍କାରେ ଅତିଷ୍ଠ ହୋଇ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଦୁଇ ଗୁରୁତର

ଭଞ୍ଜନଗର,୧୯।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଜଳଭଣ୍ଡାର ସେତୁ ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଯୁବକ ବାସୁଦେବ ଦାସ ଓ ସଞ୍ଜୟ ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଭଞ୍ଜନଗର ମରାଠୀ ସାହିରେ ଗ୍ରୀଲ ବ୍ୟବସାୟ କରୁଥିବା ବାସୁଦେବ ଓ ତାଙ୍କ ସାଙ୍ଗମାନେ ଶୁକ୍ରବାର ଭଞ୍ଜନଗର ବନ ବିହାରକୁ ଭୋଜି କରିବାକୁ ଯାଇଥିଲେ। ଅପରାହ୍ନରେ ବାସୁଦେବ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ସ୍ନେକ ହେଲପ ଲାଇନ କର୍ମଚାରୀ ସଞ୍ଜୟ କୁମାର ସ୍ୱାଇଁ ବଜାରରୁ ବନ ବିହାର ଅଭିମୁଖେ ବାଇକ୍‌ରେ ଯାଉଥିବା ବେଳେ ସେତୁ ନିକଟରେ ବାସୁଦେବଙ୍କ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଋଷିକୁଲ୍ୟାରୁ ଜବତ

ଧରାକୋଟ,୧୯।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ସୁନାପଲି ଗ୍ରାମର ନିଖୋଜ ଥିବା ପହଲି ସାହୁ (୫୦)ଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ଉଦୟ ସାହୁଙ୍କ ପୁଅ ପହଲି ଗତ ତିନି ଦିନ ହେଲା ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ଆଜି ସକାଳୁ ତାଙ୍କ ମୃତଦେହ ନିକଟସ୍ଥ ଋଷିକୁଲ୍ୟା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏ ନେଇ ଧରାକୋଟ ଥାନା ଓ ଦମକଳବାହିନୀ ଅବଗତ କରାଯିବା ପରେ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଟିମ୍ ସହ ପହଞ୍ଚି ନଦୀରୁ ପହଲିଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ନଂ.୧୨/୨୫ରେ ଏକ ମାମଲା ରୁଜୁ କରି ହୋଇ ଏହାର ତଦନ୍ତ ଜାରି ରହିଛି ।

### ମେଡିକାଲ କୋଠା କାର୍ଯ୍ୟ ତଦାରଖ କଲେ ସିସିଇ

କବିସୂର୍ଯ୍ୟନଗର,୧୯।୧୨(କୃପାସିନ୍ଧୁ ସ୍ୱାଇଁ)

ନିର୍ମାଣ ଚାଲିଥିବା ୩୦ ଶଯ୍ୟା ବିଶିଷ୍ଟ ମେଡିକାଲ କୋଠାର ମୁଖ୍ୟ ଫାଟକ ପରିବର୍ତ୍ତନ ପାଇଁ ଚାଲିଥିବା ମସୁଧା ଫସର ଫାଟିଛି । ସିସିଇ ନିହାର ରଞ୍ଜନ ବେହେରା ଶୁକ୍ରବାର ମେଡିକାଲ କୋଠା ପରିଦର୍ଶନରେ କାର୍ଯ୍ୟର ଅଗ୍ରଗତି ତଦାରଖ କରିଛନ୍ତି। ସେ ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ଗ୍ରହଣ କରି ଏହାକୁ ଯଥା ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ମାଷ୍ଟର ପ୍ଲାନ ଏକ ପ୍ଲାନିଂ ମ୍ୟାପର ଫ୍ଲେକ୍ସ ମେଡିକାଲ ପରିସରରେ ଲଗାଇବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ଦାବିକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରାଯିବା ସହ ପାର୍କିଂ ଆଗରେ ରଖିବାକୁ ସିସିଇ ବେହେରା ନିଶ୍ଚିତ କରିଥିଲେ । ତାଙ୍କ ସହ ଜେଇ ଜ୍ୟୋତ୍ସ୍ନାରାଣୀ ଦେହୁରୀ, ଏସଇ ସତ୍ୟରଞ୍ଜନ ପରିଡା ଥିଲେ ।

# ପ୍ରଶ୍ନ ଉଠାଇଲା କଂଗ୍ରେସ, କାହା ଚାପରେ ଚୁପ ରହିଛି ପ୍ରଶାସନ

## ସବ୍‌ରେଜିଷ୍ଟ୍ରାର ଅଫିସରେ ଜମିଦୁର୍ନୀତି ପ୍ରସଙ୍ଗ

ପୁରୁଷୋତ୍ତମପୁର, ୧୯।୧୨(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସବ୍‌ରେଜିଷ୍ଟ୍ରାର ଅଫିସରେ ଜମିଦୁର୍ନୀତି ପ୍ରସଙ୍ଗକୁ ନେଇ ଏବେ କଂଗ୍ରେସ ପ୍ରଶ୍ନ ଉଠାଇଛି। କାହା ଚାପରେ ପ୍ରଶାସନ ପଦକ୍ଷେପ ଗ୍ରହଣ ନ କରି ନୀରବ ରହିଛି ବୋଲି ପଚାରିଛି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। କଂଗେସର ଚିତ୍ରସେନ ବେହେରା, ନଗର କଂଗ୍ରେସ ସଭାପତି ମନୋରଞ୍ଜନ ଦାଶଙ୍କ ସମେତ ବହୁକର୍ମୀ ସବରେଜିଷ୍ଟ୍ରାର ଅଫିସକୁ ଆସି ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଜମିର ପ୍ରକୃତ ମାଲିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ବ୍ୟକ୍ତି ନିଜକୁ ଜମିମାଲିକ ଦର୍ଶାଇ ଜାଲ ଆଧାରକାର୍ଡ ପ୍ରସ୍ତୁତ କରି ସମ୍ପୃକ୍ତ ଜମିକୁ



ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କୁ କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

ବିକ୍ରି କରିଦେଇଛନ୍ତି। ଏହି ଘଟଣା ଏକମାସ ହେଲା ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଶୁକ୍ରବାର ଏହାକୁ ନେଇ କଂଗ୍ରେସ ପ୍ରତିବାଦ ଜଣାଇ ମୁହଁ ଖୋଲିଛି। କଂଗ୍ରେସ ନେତାମାନେ ସରକାର ଓ ପ୍ରଶାସନକୁ ସମାଲୋଚନା କରି କାହା ଚାପରେ ପ୍ରଶାସନ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ ରହିଛି ବୋଲି ପ୍ରଶ୍ନ ଉଠାଇ ଏହାର ଜବାବ ମାଗିଛି। କଂଗ୍ରେସର ଅଭିଯୋଗକୁ ନେଇ ଅତିରିକ୍ତ ଜିଲାପାଳ ପଣ୍ଡା କହିଛନ୍ତି, ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ନୂତନଭାବେ ଯୋଗଦେଇଥିବା ସବ୍‌ରେଜିଷ୍ଟ୍ରାର ପ୍ରଫୁଲ୍ଲ କୁମାର ଛୁରାଙ୍କୁ ନିର୍ଦ୍ଦେଶ ଦେଇଛି। ଦରକାର ପଡିଲେ ଜିଲା ପ୍ରଶାସନ ସ୍ତରରୁ ମଧ୍ୟ ତଦନ୍ତ ହେବ। ତଦନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ ରାଣିଗାଁ ମୌଜାରେ ବଡବରଗାଁର ଦଣ୍ଡପାଟ ବାଉରିଦୋରା ପିତା ଦଣ୍ଡପାଟ କ୍ରିଷ୍ଣାମା ଦୋରାଙ୍କ ନାମରେ ଖାତା ନଂ. ୩୯୦ରେ ରହିଥିବା ୨ଟି ପ୍ଲଟରେ ଥିବା ବିଲ ପ୍ଲଟ ନଂ. ୩୦୬୨ ଓ ପ୍ଲଟ ନଂ. ୩୦୬୩ ରହିଛି। ବାଉରିଦୋରା ଗତ ୨୦୧୦ ଡିସେମ୍ବର ମାସରୁ ମୃତ୍ୟୁବରଣ କରିସାରିଛନ୍ତି। ମାତ୍ର ତାଙ୍କର ଏହି ଜମିକୁ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୋଳାସିଙ୍ଗି ଗ୍ରାମର ପି.ମହେନ୍ଦ୍ର ଦୋରା ପିତା ପି.ରାମଚନ୍ଦ୍ର ଦୋରା ନିଜ ଆଧାର କାର୍ଡକୁ ଜାଲିଆତି କରି ବାଉରିଦୋରାଙ୍କ ନାମରେ ନକଲି ଆଧାରକାର୍ଡ ପ୍ରସ୍ତୁତ କରି ଉକ୍ତ ଜମି ଗତ ଜୁନ ମାସରେ ବିକ୍ରି କରି ଦେଇଛନ୍ତି। କବିସୂର୍ଯ୍ୟନଗର ଥାନା ବଡଖରିଡା ପଞ୍ଚାୟତ ବୀରଜଗନ୍ନାଥପୁର ଗ୍ରାମର ଭାଗ୍ୟଲତା ମହାପାତ୍ର ଉକ୍ତ ଜମି କିଣିଛନ୍ତି।

# ପୁଣି ତଳମୁହାଁ ପାରଦ, ଥରୁଛି ଜି.ଉଦୟଗିରି



ଜି.ଉଦୟଗିରି,୧୯।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଜି.ଉଦୟଗିରିରେ ସବୁଠାରୁ ଅଧିକ ଶୀତ ଅନୁଭୂତ ହେଉଛି। ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ହେବ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ତଳେ ରହୁଥିବା ବେଳେ ପ୍ରବଳ ଥଣ୍ଡାରେ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁସାରେ ଶୁକ୍ରବାର ସକାଳ ୮ ଟା ସୁଦ୍ଧା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀ, ଫୁଲବାଣୀ ୬.୫ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଚଳିତ ସପ୍ତାହ ବୁଧବାର ଜି.ଉଦୟଗିରିରେ ତାପମାତ୍ରା ୬.୬ ରହିଥିଲା ଗୁରୁବାର ତାପମାତ୍ରା ୧.୬ ଡିଗ୍ରୀ ତାପମାତ୍ରା ତଳକୁ ଖସି ୫ ଡିଗ୍ରୀ ରେକର୍ଡ କରାଯାଇଛି। ଯାହା ଫଳରେ ପ୍ରବଳ ଶୀତରେ ଦେହ କାଲ ମାରୁଛି। ସକାଳ ୧୦ ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟ ହେଉଛି। ଲୋକେ ନିଆଁର ସାହାରା ନେଉଛନ୍ତି। ଏପଟେ ବର୍ଷ ଶେଷ ହେବାକୁ ଯାଉଥିବା ବେଳେ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ଆଗମନ ସହ ଅଞ୍ଚଳରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ସୋସିଆଲ ମିଡ଼ିଆ ପାଇଁ ଯୁବପିଢ଼ି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଦୃଶ୍ୟ ସହ ଫୋଟ, ଭିଡିଓ ଉଠେଇ ରିଲ୍ସ ବନଉଥିବା ସହ ଶୀତର ମଜା ନେଉଥିବା ଦେଖିବାକୁ ମିଳିଛି।

# କୃଷକ ଉତ୍ପାଦକ ସଂଘର ତାଲିମ ଶିବିର




ସଭାରେ ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର,୧୯।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ଜିଲାର ଅଗ୍ରଣୀ ଚାଷୀ ଏବଂ କୃଷକ ଉତ୍ପାଦକ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି ଶିବିର ହୋଇଥିଲା। ଶିବିରରେ ଜିଲାର ୧୦ଟି କୃଷକ ଉତ୍ପାଦକ ସଂଘର ୨୫ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲାରେ କୃଷକ ଉତ୍ପାଦକ ସଂଘଗୁଡିକର କୃଷିଭିତ୍ତିକ ଦକ୍ଷତା ବୃଦ୍ଧି କରିବା, ସଂଘବଦ୍ଧ ବଜାର, ଋଣ ରଣନୀତି ପ୍ରସ୍ତୁତି କରିବା, ବଜାର ସଂଯୋଗ କରିବା ଓ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା ନେଇ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଘର ପରିଚାଳନା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ମାର୍କେଟ ରିସର୍ଚ୍ଚ ଆଦି ବିଷୟବସ୍ତୁ ଉପରେ ତାଲିମ ଦିଆଯାଇଥିଲା। ସଂଘବଦ୍ଧ ରଣନୀତି ଓ ସିଧା ବଜାର ସଂଯୋଗ କରି କିପରି ଅଧିକ ଲାଭବାନ ହେବେ ସେ ବିଷୟରେ ଅତିଥିମାନେ ତାଲିମ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା କୃଷି ଉତ୍ପାଦକ ସଂଘର ନିର୍ଦ୍ଦେଶକମାନେ ନିଜର ବିପଣନ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶେଷଜ୍ଞ ଯଥା ସୁଚେତା ପାତ୍ର, ମଣ୍ଡଳ କୃଷି ଅଧିକାରୀ, ବେଲଗୁଣ୍ଠା, ଶୁଭଶ୍ରୀ ଅଙ୍କିତା ପ୍ରଧାନ, ସହକାରୀ ଉଦ୍ୟାନ ଅଧିକାରୀ ଜଗନ୍ନାଥପ୍ରସାଦ, ବି-ମାସର ଦାଶରଥି ଓ ଅସିତ୍ ଚାନ୍ଦ ସାହୁ ପ୍ରମୁଖ କୃଷକ ଉତ୍ପାଦକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହ କିପରି ଆର୍ଥିକ ସୁବିଧା ପାଇପାରିବେ ଏବଂ ବ୍ୟବସାୟ ବଢ଼ାଇପାରିବେ ସେ ବିଷୟରେ ସବିଶେଷ ବିବରଣୀ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୁତନୁ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକ ଉତ୍ପାଦକ ସଂଗଠନଗୁଡିକ କିପରି ବ୍ୟବସାୟକୁ ଆଗକୁ ବଢ଼ାଇବେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ବୈଜ୍ଞାନିକ ଡ. ସନ୍ତୋଷ କୁମାର ସାମନ୍ତରାୟ, ଅନିତା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

### ମୋବାଇଲ ଦୋକାନରୁ ଚୋରି

ଖଜୁରିପଡ଼ା, ୧୯।୧୨ (ବିଦୁର ବେହେରା)

ଖଜୁରିପଡ଼ା ବଜାରରେ ଥିବା ଡେହେଙ୍ଗୀ ଗ୍ରାମର ଆଲୋକ ନାୟକଙ୍କ ମୋବାଇଲ ଦୋକାନରୁ ଗୁରୁବାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ୨୮୭/୨୫ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ସୂଚନା ଦେଇଛନ୍ତି।

### ବଡ଼ଦିନ ପାଳନ ପାଇଁ ଶାନ୍ତି କମିଟି ବୈଠକ

ଖଜୁରିପଡ଼ା,୧୯।୧୨ ( ବିଦୁର ବେହେରା)

ଖଜୁରିପଡ଼ା ଅଞ୍ଚଳରେ ବଡ଼ଦିନ ପାଳନରେ ଶାନ୍ତି ବଜାୟ ରଖିବା ପାଇଁ ବ୍ଲକ୍ କାର୍ଯ୍ୟାଳୟ ସଭା ଗୃହରେ ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଚାପଧାରି ପ୍ରଧାନ, ଅଧ୍ୟକ୍ଷା ଅନିମା କହଁର, ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟିଙ୍କ ସହ ଅନୁଷ୍ଠାନର ସଭାପତି, ସରପଞ୍ଚ, ସମିତି ସଭ୍ୟମାନେ ଯୋଗଦେଇ ଉପସ୍ଥିତ ଖ୍ରୀଷ୍ଟ ସମ୍ପ୍ରଦାୟଙ୍କ ସହ ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ଜନସାଧାରଣଙ୍କୁ ଶାନ୍ତିଶୃଙ୍ଖଳାର ସହ ବଡଦିନ ପାଳନ ପାଇଁ ପରାମର୍ଶ ଦେଇଥିଲେ। ଯଦି କୌଣସି ଅସୁବିଧା ହୁଏ ତେବେ ପୋଲିସକୁ ଖବର ଦେବାକୁ ଥାନା ଅଧିକାରୀ କହିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁ ବୈଠକ ପରିଚାଳନା କରିଥିଲେ।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ,୧୯।୧୨(ରାକେଶ କୁମାର ରାଉତ)

ଜଣେ ମହିଳାଙ୍କୁ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ସିଙ୍ଗିପୁର ଗ୍ରାମର ରାଜାରାମ ବିଷୋୟୀ। ମିଳିଥିବା ସୂଚନା ଅନୁସାରେ, ଉଭୟ ପୀଡିତା ଏବଂ ଅଭିଯୁକ୍ତ ଫୁଲବାଣୀ ସହରର ଏକ ହୋଟେଲରେ କାମ କରୁଥିଲେ। ଗତ ଏପ୍ରିଲ ୨୮ ତାରିଖରେ ପୀଡିତା ହୋଟେଲରେ କାମ ସାରି ରାତି ପ୍ରାୟ ୯ଟା ବେଳେ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ରାଜାରାମ ତାଙ୍କୁ ଘରେ ଛାଡିଦେବି କହି ସାଙ୍ଗରେ ନେଇଥିଲେ। ତେବେ ଘରକୁ ନେବା ବେଳେ ନାରାୟଣୀ ମନ୍ଦିର ରାସ୍ତାରେ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡିତା ପରଦିନ ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୬୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୩୦ ତାରିଖରେ ରାଜାରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ତତ୍ପରତା ପ୍ରକାଶ କରି ଟାଉନ ଥାନା ଅଧିକାରୀ ପି. ସ୍ୱରୂପ କିଶନ ମାତ୍ର ୩୨ ଦିନ ମଧ୍ୟରେ ଚାର୍ଜଶିଟ ଦାଖଲ କରିଥିଲେ।

# ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଧରାକୋଟ,୧୯।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟର ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ସଂଗ୍ରାମ କେଶରୀ ଜେନା, ମୁଖ୍ୟବକ୍ତା ଭାବେ ତହସିଲଦାର ଲମ୍ବୋଦର ମାର୍ଣ୍ଡି, ସମ୍ମାନିତ ଅତିଥି ରୂପେ ଧରାକୋଟ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ସୁଜିତ ପଣ୍ଡା,ଧରାକୋଟ କଲେଜ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ, ସମାଜିକ କର୍ମୀ ଆନନ୍ଦ ରାଓ ସୁବୁଦ୍ଧି, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୁର୍ଗା ପ୍ରସାଦ ଆଚାରି ଉପସ୍ଥିତ ଥିଲେ। ଶୃଙ୍ଖଳିତ, କର୍ତ୍ତବ୍ୟ ପରାୟଣ ଓ ପରିଶ୍ରମୀ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ବିଷୋୟୀ ବିବରଣୀ ପାଠ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ୨ ମାସ ଭିତରେ ସବୁ ସମସ୍ୟାର ସମାଧାନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପକ ଜଗନ୍ନାଥ ପଟ୍ଟନାୟକ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ରଞ୍ଜନ ପଟ୍ଟଯୋଶୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ରାଇକିଆ,୧୯।୧୨ (ପ୍ରଦୀପ ବେହେରା)

ରାଇକିଆ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରୀନା ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, ବିଡ଼ିଓ ସବ୍ୟସାଚୀ ସାହୁ, ବିଇଓ କେଶବ ମଲ୍ଲିକ, ଡବ୍ଲୁଇଓ ଉର୍ମିଳା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲା ପ୍ରଧାନ, ପୂର୍ବତନ କ୍ରୀଡ଼ା




ଶିକ୍ଷୟିତ୍ରୀ ସେବତୀ ପ୍ରଧାନ ଯୋଗଦେଇ ଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ପାଇଁ କଠିନ ପରିଶ୍ରମ, ସମୟ ଓ ବୁଦ୍ଧିର ଉପଯୋଗ କରି ସଫଳତା ହାସଲ କରି ହେବ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତା ଓ ଶ୍ରେଣୀରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସେଲ୍‌ଫି ପଏଣ୍ଟକୁ ମଧ୍ୟ ଅତିଥି ମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ।

# ଦେଶୀ ଚିକିତ୍ସା କରି ଜୀବନ ବଞ୍ଚିଛନ୍ତି ଗୁଞ୍ଜୀ

## ୬ ମାସରେ ୪ ଥର କାମୁଡ଼ିଛି ସାପ

ଦାରିଙ୍ଗବାଡ଼ି,୧୯।୧୨(ଅରୁଣ ସାହୁ)

୬ ମାସରେ ୪ ଥର ସାପ କାମୁଡ଼ିଲା ପରେ ଦେଶୀ ଚିକିତ୍ସା କରି ନିଜକୁ ବଞ୍ଚାଇବା କଥା ଶୁଣିଲା ପରେ ଅଡୁଆ ଲାଗୁଥିବ। କିନ୍ତୁ ଏହା ସତ୍ୟ ଓ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଦୁର୍ଗମ ବାଡ଼ାବାଙ୍ଗା ପଞ୍ଚାୟତ କଲୋନୀ ସାହିରେ। ବର୍ଷା ଦିନ ଆରମ୍ଭରେ ଗୁଞ୍ଜୀ ପ୍ରଧାନ ନିଜ ବାଡ଼ିରେ ଘାସ ଉପାଡୁଥିବା ସମୟରେ ସାପଟି ମହିଳାଙ୍କ ବାମ ହାତକୁ କାମୁଡି ଥିଲା। ଗୁରୁତର ଅବସ୍ଥାରେ ଏକ ଦେଶୀ ଚିକିତ୍ସକ ନିକଟକୁ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ପ୍ରଧାନ ନେଇଥିଲେ। ସେ ଚେର ମୂଳି ଖାଇ ସୁସ୍ଥ ହୋଇଥିଲେ। କିଛି ଦିନ ବ୍ୟବଧାନରେ ସେ ତାଙ୍କ ଘରେ ଲୁଗା ସଫା କରି ଶୁଖାଉଥିବା ସମୟରେ ପୁଣି ଥରେ ଆଉ ଏକ ସାପ କାମୁଡ଼ିଥିଲା। ସେ ସେହି ଦେଶୀ ଚିକିତ୍ସକ ନିକଟରେ



ଗୁଞ୍ଜୀ ପ୍ରଧାନ

ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ସେହିପରି ତୃତୀୟ ଥର ପୁଣି ଛେଳି ଗୁହାଳରେ କାର୍ଯ୍ୟ କରୁଥିବା ବେଳେ ସାପଟି ତାଙ୍କୁ ୨ ଥର କାମୁଡି ଥିଲା। ପୁଣି ଦେଶୀ ଚିକିତ୍ସା ବଳରେ ସେ ସୁସ୍ଥ ହେଉଥିବା ଗୁଞ୍ଜୀ କହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ତାଙ୍କ ବାମ ହାତରେ ହିଁ ସାପ ୪ ଥର କାମୁଡ଼ିଛି। ପରିବାରର ଅନ୍ୟମାନେ ଥାଉ ଥାଉ ତାଙ୍କୁ କାହିଁକି ବାରମ୍ବର ସାପ କାମୁଡୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହାକୁ ନେଇ ଗାଁରେ ଆଲୋଚନା ହେଉଛି। ତେବେ ଏଭଳି ଗୁଞ୍ଜୀଙ୍କ କ୍ଷେତ୍ରରେ ଘଟୁଛି ତାହାର କାରଣ ଅସ୍ପଷ୍ଟ ରହିଛି। ଛେଳି ଗୁହାଳରେ ସାପ କାମୁଡ଼ିବାରୁ ତାଙ୍କ ସ୍ୱାମୀ ଗୁହାଳକୁ ଭାଙ୍ଗି ଦେଇଛନ୍ତି। ସ୍ୱାମୀ ସରକାରୀ ଡାକ୍ତରଖାନା ନେଇ ଚିକିତ୍ସା କରାଇବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଇଛି। କିନ୍ତୁ ଏନେଇ ଗୁଞ୍ଜୀଙ୍କ ସ୍ୱାମୀଙ୍କୁ ପଚାରିବାରୁ ସେ ଚେର ମୂଳିରେ ସୁସ୍ଥ ହେଉଛନ୍ତି ବୋଲି କହିବା ସହ ସେ ଓ ତାଙ୍କ ସ୍ତ୍ରୀ ସାପ ଭୟରେ କୌଣସି କାମଧନ୍ଦାକୁ ଯାଉ ନ ଥିବା କହିଛନ୍ତି।

### ଗାଇବା ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

ଗୁମ୍ମା,୧୯।୧୨(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ରାତିରେ ଚୋରି ହୋଇଛି। ପାଚେରୀ ପଛ ପଟ ଏକ କୋଠାର ସିମେଣ୍ଟ ଝରକା ଭାଙ୍ଗି ୨ଟି କମ୍ପ୍ୟୁଟର, ପ୍ରିଣ୍ଟର, ଗଜଲ ମେସିନ, ରକ୍ତ ନମୁନା ପରୀକ୍ଷା ମେସିନ ଚୋରିକରି ନେଇଥିବା ସୂଚନା ମିଳିଛି। ପୂର୍ବରୁ ମଧ୍ୟ ଗତ ଜୁଲାଇ ମାସରେ ଥରେ ଚୋରି କରିବାପାଇଁ ପ୍ରୟାସ କରିଥିଲେ ସୁଦ୍ଧା ରାତ୍ର ଜଗୁଆଳି ଉପସ୍ଥିତ ଥିବାଯୋଗୁ ସମ୍ଭବ ହୋଇପାରିନଥିବା ହାଉସ କିପର ବିନୟ ଦାସ କହିଛନ୍ତି। ଏନେଇ ଗାଇବା ମେଡିକାଲ ଅଧିକାରୀ ଚିନ୍ମୟ ବିଶ୍ୱାଳଙ୍କୁ ପଚାରିବାରୁ ଏସମ୍ପର୍କରେ କିଛି କହିବା ପାଇଁ ମନା କରିଦେଇଥିଲେ। ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଗୁମ୍ମା ମେଡିକାଲ ଇନଚାର୍ଜ ଡ.ପାର୍ଥ ପ୍ରିତମ ପଣ୍ଡା ସୂଚନା ଦେଇଛନ୍ତି। ତୁରନ୍ତ ଗାଇବା ପୋଲିସ ଫାଣ୍ଡିରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ସୂଚନା ପାଇ ଫାଣ୍ଡି ଅଧିକାରୀ ରାମ କୃଷ୍ଣ ଦାସ ଘଟଣା ସ୍ଥଳରେ ତୁରନ୍ତ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

# ମାର୍କେଟ କମ୍ପ୍ଲେକ୍ସ ଗୃହ ଦାବିରେ ରାସ୍ତାରୋକୋ

ରମ୍ଭା,୧୯।୧୨(ବନବାସୀ ସେଠୀ)

ରମ୍ଭା ଏନ୍‌ଏସିରେ ମାର୍କେଟ କମ୍ପ୍ଲେକ୍ସ ଗୃହ ଦାବିରେ ମତ୍ସ୍ୟଜୀବୀମାନେ ଶୁକ୍ରବାର ସହରର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ମତ୍ସ୍ୟଜୀବୀ ମାଛ ଟ୍ରେ ରଖି ଆନ୍ଦୋଳନ ଚଳାଇଥିଲେ। ଖବରପାଇ ଖଲ୍ଲିକୋଟ ତହସିଲଦାର ଡ଼.ମଲେଶ୍ବ ପାତ୍ର, ଏକ୍‌ଜିକ୍ୟୁଟିଭ ଅଫିସର ଆଶାଲତା ରଚମାଳା ଓ ପୋଲିସ ସେମାନଙ୍କୁ ଆସି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ଗତ ୪ ବର୍ଷ ପୂର୍ବରୁ ମାଛ ମାର୍କେଟ ହୋଇଥିବା ସ୍ଥାନରେ ସହରର ୮ଟି ୱାର୍ଡର ମତ୍ସ୍ୟଜୀବୀ ପରିବାର ସମେତ ଆଖପାଖ ଗ୍ରାମର ମତ୍ସ୍ୟଜୀବୀମାନେ ଚିଲିକାରୁ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଆଣି ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ମାଛ ବ୍ୟବସାୟୀମାନେ ଏନଏସିକୁ ମଧ୍ୟ କର ଦେଇ ଆସୁଥିଲେ। ସେହି ସ୍ଥାନରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୩ କୋଟି ଟଙ୍କା ଅନୁମୋଦନ ହୋଇଥିଲା। ଫଳରେ



ରାସ୍ତାରୋକୋ କରିଥିବା ମାଛ ବ୍ୟବସାୟୀ।

ମାଛ ବ୍ୟବସାୟୀଙ୍କୁ ଉକ୍ତ ସ୍ଥାନ ଖାଲି କରିବା ପାଇଁ ଏନ୍‌ଏସି ପକ୍ଷରୁ ନୋଟିସ ଜାରି ହୋଇଥିଲା। କିନ୍ତୁ ମତ୍ସ୍ୟଜୀବୀ ବ୍ୟବସାୟୀମାନେ ଏନଏସି ସହିତ ଏକ ଚୁକ୍ତିନାମା କରିଥିଲେ। ଚୁକ୍ତିନାମା ଅନୁସାରେ ୨୦ ହଜାର ଟଙ୍କା ମଧ୍ୟ ଜମା କରିଥିଲେ। ମାତ୍ର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ଉଦଘାଟନ ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯାହାଦ୍ୱାରା ମାଛ ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ସହରର ବିଭିନ୍ନ ଜାଗାରେ ବ୍ୟବସାୟ କରିବା ଆରମ୍ଭ କଲେ। ଏନଏସି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବା ସହ ସେମାନଙ୍କୁ ଗୃହ ପ୍ରଦାନ ପାଇଁ ନିବେଦନ କରିଥିଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବାରୁ ସେମାନେ ରାସ୍ତାରୋକୋ କରିଥିଲେ। ମତ୍ସ୍ୟ ବ୍ୟବସାୟୀ ଅଜିତ ବେହେରା, ଶିବାଜୀ ବେହେରା, ଦୁଲଣା ଦାସ, ବଳମଣୀ ବେହେରା, ପ୍ରଶ୍ନ ବେହେରା, ଜୟ ଶଙ୍କର ବେହେରା, ଯମୁନା ବେହେରା, କାଳିଆ ବେହେରା ସମେତ ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଏଥିରେ ସାମିଲ ହୋଇଥିଲେ।

**କଂଗ୍ରେସ ଦଳର ମଶାଲ ଶୋଭାଯାତ୍ରା**

ଆସିକା,(ସୁରେନ୍ଦ୍ର ନାଥ ସାହୁ): ନ୍ୟାଶନାଲ ହେରଲ୍ଡ ମିଛ ମାମଲାରେ କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଗତ ୧୨ ବର୍ଷ ଧରି ଯନ୍ତ୍ରଣା ଦେବା ବିରୋଧରେ ଗଞ୍ଜାମ ଜିଲା (ପଶ୍ଚିମ) କଂଗ୍ରେସ କମିଟି କର୍ମୀ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଆସିକା ସହରରେ ମଶାଲ ଶୋଭାଯାତ୍ରା ହୋଇଥିଲା । କର୍ମୀମାନେ ଆସିକା ଖମ୍ବେଶ୍ୱରୀପାଟଣାସ୍ଥିତ ଦଳିୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ବିନାୟକ ବଜାର, ଲକ୍ଷ୍ମୀ ବଜାର ଦେଇ ବସଷ୍ଟାଣ୍ଡ ଛକ ଠାରେ ପହଞ୍ଚିଥିଲେ । କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରୀ ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ନାରାବାଜି କରିଥିଲେ ।

## ସଂକ୍ଷେପରେ

### ନୂତନ ଆଡିଶନାଲ ତହସିଲଦାରଙ୍କ ଯୋଗଦାନ

ଖଲ୍ଲିକୋଟ,୧୯।୧୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ତହସିଲରେ ଶୁକ୍ରବାର ନୂତନ ଅତିରିକ୍ତ ତହସିଲଦାର ମାନସ ବେହେରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଆଡିଶନାଲ ତହସିଲଦାର ଅଜୟ କୁମାର ସ୍ୱାଇଁ, ସିନିଅର କ୍ଲର୍କ ସଂଜୟ ସେଠୀ, ବିପ୍ର ଶବର, ସୁଭଦ୍ରା ଶବର ସମେତ ସମସ୍ତ ତହସିଲ କର୍ମଚାରୀ ସ୍ୱାଗତ ଜଣାଇଥିଲେ।

### ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

ଖଜୁରିପଡ଼ା, ୧୯।୧୨( ବିଦୁର ବେହେରା)

ଖଜୁରିପଡ଼ା ଥାନା ଅଞ୍ଚଳରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛ ଉପରେ ଚଢ଼ାଉ କରାଯାଉଛି। ଶୁକ୍ରବାର ଦଳପଡା ପଞ୍ଚାୟତର ଝାମ୍ପି, କାଳିପଦର ଏବଂ ଆର ନୂଆଗାଁ ପଞ୍ଚାୟତର ବାଲିସୁଗ୍ରୀ, ଗୁମାଗଡ଼, ଜଙ୍ଗଲରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛ କାଟି ଜାଳି ପୋଡ଼ି ନଷ୍ଟ କରିଛି। ଏନେଇ ଥାନାରେ ୨୮/୨୫ ମାମଲା ରୁଜୁ କରାଯାଇ ଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ସୂଚନା ଦେଇଛନ୍ତି ।

### ବଡ଼ଦିନ ପାଇଁ ଶାନ୍ତି କମିଟି ବୈଠକ

ଜି.ଉଦୟଗିରି,୧୯।୧୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମନ୍ତେ ସ୍ଥାନୀୟ ଏସଡିପିଓ ବିଜୟ ବିଶିଙ୍କ ଅଧ୍ୟକ୍ଷତାରେ ବ୍ଲକ ପ୍ରେକ୍ଷାଳୟ ଠାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ବାଘ, ଭଓ ଅଶୁତୋଷ ଗୌରବ କର, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଆଇଆଇସି ବିଜୟ ସ୍ୱାଇଁ, ଖବରଦାତା ଶିଶିର ପଟ୍ଟନାୟକ, ଏମ୍ପି ପ୍ରତିନିଧି ଦେବବ୍ରତ ସାହୁ, ମାନଗୋବିନ୍ଦ ପ୍ରଧାନ ମଞ୍ଚାସୀନ ହୋଇଥିବା ବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ, ଏନଏସି କାଉନସିଲର, ଖ୍ରୀଷ୍ଟ ସମ୍ପ୍ରଦାୟର ପ୍ରତିନିଧି ଆଚାର୍ଯ୍ୟ ସୁବୋଧ ପରିଛା, ପ୍ରଶାନ୍ତ କୁମାର ଦାସ, ଆମନ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଚଳିତ ବର୍ଷ ଡିସେମ୍ବର ୨୫ ବଡ଼ଦିନକୁ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା।

### ଗଜପତି ଉତ୍ସବ ଲାଗି ସ୍ମରଣିକା କମିଟି ବୈଠକ

ପାଳାଖେମୁଣ୍ଡି,୧୯।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଉତ୍ସବ ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସ୍ମରଣିକା କମିଟି ଅଧ୍ୟକ୍ଷ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମୟଭାପତିତ୍ୱରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗଜପତି ଜିଲାର ସଂସ୍କୃତି, ସାରସ୍ୱତ ସର୍ଜନା, ପରମ୍ପରା, ଆଧ୍ୟାତ୍ମିକ ଚେତନା, କୁଟୀର ଶିଳ୍ପ, କାରୁକାର୍ଯ୍ୟ, ରାଜକୀୟ ଅବଦାନ, ଇତିହାସ ସମ୍ପର୍କିତ ସ୍ୱରଚିତ ଅପ୍ରକାଶିତ ଲେଖା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଲେଖାଗୁଡିକ ଚଳିତ ମାସ ୨୮ତାରିଖ ସୁଦ୍ଧା କମିଟି ନିକଟରେ ପହଞ୍ଚାଇବାକୁ ନିବେଦନ କରାଯାଇଛି। ଅଧ୍ୟକ୍ଷ ମହାପାତ୍ର, ପ୍ରଦୀପ୍ତ ଗୁରୁମାୟି , ଡ. ବିଦ୍ୟୁତ ଶେଖର ମିଶ୍ର, ବିନୋଦ ଚନ୍ଦ୍ର ଜେନା, ଲୋକନାଥ ପଣ୍ଡା, ଡ.କଲ୍ୟାଣୀ ମିଶ୍ର, ଆଶାଲତା ପାଣିଗ୍ରାହୀ ଓ ବିଚିତ୍ରାନନ୍ଦ ବେବର୍ତ୍ତା ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଜିଲାସ୍ତରୀୟ ବିଜ୍ଞାନ ମେଳା

ଆର. ଉଦୟଗିରି ,୧୯।୧୨(ମନୋଜ ପାଢ଼ୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ୍ ଭାଲିଆସାହିସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଅଳ ଏବଂ ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନ ଏହି ମେଳା ହୋଇଥିଲା। ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଆର. ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଜିଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର, ଆର. ଉଦୟଗିରି ବିଇଓ ବୀରେନ୍ଦ୍ର ମଣ୍ଡଳ, ଏବିଇଓ ଶ୍ରୀନିବାସ ବେହେର୍ଦଲାଇ, ଟିକାମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଦାସ, ମୁକ୍ତିକାନ୍ତ ମଲ୍ଲିକ ଏବଂ ଭାଗିରଥି ପରିଡା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନମେଳାରେ ୭ଟିବ୍ଲକରୁ ୧୪୭ଟିପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତି ବିଭାଗରୁ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ରାଜ୍ୟସ୍ତରକୁ ମନୋନୀତ ହୋଇଛି। କେଏମ ଭାଲିଆ ସାହି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱୟଂପ୍ରଜ୍ଞା ପ୍ରଧାନଙ୍କ ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ଯୁଧିଷ୍ଠିରପାଇକମଞ୍ଚପରିଚାଳନାକରିଥିଲେ।

# ୭ ଦିନ ମଧ୍ୟରେ ଶୋରୁମ ହଟାଇବାକୁ ନିର୍ଦ୍ଦେଶ

**ଫୁଲବାଣୀ ପଣ୍ୟାଗାର ଗୋଦାମ ଗୃହ ଘଟଣା**

■ ତଦନ୍ତ କଲେ ଜୋନାଲ ମୁଖ୍ୟ

ଫୁଲବାଣୀ, ୧୯।୧୨ (ରାକେଶ କୁମାର ରାଉତ)

ଫୁଲବାଣୀ ପଣ୍ୟାଗାର(ୱେୟାର ହାଉସ) ଗୋଦାମ ଗୃହ ଘଟଣାକୁ ନେଇ ଶୁକ୍ରବାର ତଦନ୍ତ ହୋଇଛି । ରାଜ୍ୟ ପଣ୍ୟାଗାର ଜୋନାଲ ମୁଖ୍ୟ ପରିଚାଳକ ଜଗନ୍ନାଥ ମଲ୍ଲିକ ଆସି ଗୋଦାମ ଗୃହ ଭିତରେ ସରଜମିନ ତଦନ୍ତ କରିଛନ୍ତି । ୭ ଦିନ ମଧ୍ୟରେ ଶୋରୁମ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ସମୟ ମଧ୍ୟରେ ଶୋରୁମ ଭଙ୍ଗା ନ ଯାଏ, ତାହାଲେ ଗୋଦାମ ଗୃହକୁ ତାଲା ପକାଇ ଦିଆଯିବ ବୋଲି ସମ୍ପୃକ୍ତ ବ୍ୟବସାୟୀଙ୍କୁ କହିଛନ୍ତି ।

ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ଜୋନାଲ ମୁଖ୍ୟ ପରିଚାଳକ ମଲ୍ଲିକ, ଫୁଲବାଣୀ ପଣ୍ୟାଗାର ଦାୟିତ୍ୱରେ ଥିବା ସୁପରିନଟେଣ୍ଡେଣ୍ଟ ପ୍ରଶାନ୍ତ ନାୟକ ଆସି ଫୁଲବାଣୀ ପଣ୍ୟାଗାରରେ ପହଞ୍ଚ ଥିଲେ। ସେଠାରୁ ସେମାନେ ଗୋଦାମ ଗୃହ ଭିତରକୁ ଯାଇ ତଦାରଖ କରିଥିଲେ।



ପଣ୍ୟାଗାର ଜୋନାଲ ମୁଖ୍ୟ ପରିଚାଳକ ଗୋଦାମ ଗୃହ ଦେଖୁଛନ୍ତି।


ଗୋଦାମ ଗୃହ ଭିତରେ ଏକ ଟାଇଲ ଶୋରୁମ ଖୋଲା ଯାଇଥିବା ଦେଖିବାକୁ ପାଇଥିଲେ। ଚଞ୍ଚକତାର ସହ ଗୋଦାମ ନେଇଥିବା ବ୍ୟବସାୟୀ ଶୋରୁମର ମୁଖ୍ୟ ଗେଟକୁ ତାଲା ପକାଇ ରଖିଥିଲେ। ଯାହା ପ୍ରଥମେ ଜଣା ପଡ଼ି ନ ଥିଲା। ପରେ ଟିମ୍ ସବୁ ଜାଣିବା ପରେ ବ୍ୟବସାୟୀଙ୍କୁ କହିଥିଲେ କିଏ ଏଠାରେ ଶୋରୁମ ଖୋଲିବାକୁ କହିଥିଲା। ତାଙ୍କ ନାମ କହିବାକୁ କହିଥିଲେ। ହେଲେ ସେମାନେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଆମକୁ କୁହା ଯାଇଥିଲା ତୁମେ ଯାହା କରୁଛ କର, ଘର ଛାଡ଼ିଲା ବେଳେ ଭାଙ୍ଗି ଦେବ। ହେଲେ କିଏ କହିଥିଲା, ଆଦୌ ନାମ ପ୍ରକାଶ କରି ନ ଥିଲେ । ଏଥିରେ ଟିମ୍ ବିରକ୍ତ ହୋଇ ତୁମକୁ ଅଧିକ ସମୟ ଦେଇ ହେବନି। କାରଣ ଚୁକ୍ତି ସମୟ ସୀମା ଶେଷ ହୋଇଛି । ୭ ଦିନ ମଧ୍ୟରେ ଗୋଦାମ ଗୃହ ମଧ୍ୟରେ କରିଥିବା ଶୋରୁମକୁ ତୁରନ୍ତ ଭାଙ୍ଗ ବୋଲି କହିଥିଲେ । ଏ ସମ୍ପର୍କରେ ଜୋନାଲ ମୁଖ୍ୟ ପରିଚାଳକ ମଲ୍ଲିକଙ୍କୁ ପଚାରିବାରୁ ଆମେ ତଦନ୍ତ କରିବାକୁ ଆସିଥିଲୁ । ଗୋଦାମ ମଧ୍ୟରେ ଶୋରୁମ ହୋଇଛି । ତାଙ୍କୁ ୭ ଦିନ ମଧ୍ୟରେ ଏହା ଭାଙ୍ଗିବାକୁ ସମୟ ଦିଆ ଯାଇଛି । ଯଦି ସେ ନ ଭାଙ୍ଗିବେ, ଗୋଦାମ ଗୃହରେ ତାଲା ପଡିବ । ବାକି ଆଉ ଯାହା ନିଷ୍ପତ୍ତି ଉପରିସ୍ଥ ଅଧିକାରୀ ନେବେ ବୋଲି କହିଛନ୍ତି।

# କନ୍ଧମାଳରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର,୧୯।୧୨(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସ୍ଓଡିଏଲ ପକ୍ଷରୁ କନ୍ଧମାଳ ଜିଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ଜି. ଉଦୟଗିରିରୁ କେ. ନୂଆଗାଁ ପର୍ଯ୍ୟନ୍ତ ୩୩ କେଭି ଫିଡର ଲାଇନର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ଜିଲାର ପ୍ରାୟ ୮୨ ହଜାର ଉପଭୋକ୍ତାଙ୍କ ପାଇଁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହୋଇପାରିଛି। ଫଳରେ ବାଲିଗୁଡା, ଦାରିଙ୍ଗବାଡ଼ି, ତୁମୁଡ଼ିବନ୍ଧ, ରାଇକିଆ ଏବଂ ଆଖପାଖ ଅଞ୍ଚଳର ଅଧିବାସୀ ଉପକୃତ ହୋଇଛନ୍ତି। ଉନ୍ନତୀକରଣରେ ୫୧ କିଲୋମିଟର ଫିଡର ଲାଇନ ସାମିଲ ହୋଇଛି । ଯାହାକି ବହୁ ବର୍ଷର ଏବଂ ପୁରୁଣା କଣ୍ଡକ୍ଟର ଲାଇନ ତାରକୁ ବଦଳାଇବାର ଏକ ପ୍ରମୁଖ କାର୍ଯ୍ୟ । ଜି. ଉଦୟଗିରିରୁ ରାଇକିଆ ପର୍ଯ୍ୟନ୍ତ ୨୨ କିମି ଫିଡର ଲାଇନର ଉନ୍ନତୀକରଣ ସହିତ ରାଇକିଆରୁ କେ. ନୂଆଗାଁ ପର୍ଯ୍ୟନ୍ତ ଆଉ ୨୯ କିମି ଫିଡର ଲାଇନର ଉନ୍ନତୀକରଣ କରାଯାଇଛି । ପୂର୍ବରୁ ଥିବା ୩୫ ବର୍ଗ ମିମି କଣ୍ଡକ୍ଟରର ସୀମିତ କ୍ଷମତା ଯୋଗୁ ଭାରୀ ଲୋଡ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେଉଥିଲା। ବର୍ତ୍ତମାନ ଏଥିରେ ସୁଧାର ଆସିଛି। ସେହିପରି ନୂଆ କଣ୍ଡକ୍ଟର ଦ୍ୱାରା ବିଦ୍ୟୁତ ଯୋଗାଣ ଅଧିକ ସହଜ ଓ ସ୍ୱାଭାବିକ ହୋଇପାରିଛି। ଏହାଦ୍ୱାରା ଘରୋଇ ଉପଭୋକ୍ତାଙ୍କ ସମେତ କ୍ଷୁଦ୍ର ବ୍ୟବସାୟ ଓ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ମିଳିପାରିବ। ଏଥିସହ ଜିଉଦୟଗିରି-ରାଇକିଆ-କେ. ନୂଆଗାଁ ଫିଡରକୁ ସିଧାସଳଖ ଜି. ଉଦୟଗିରି ଗ୍ରୀଡ ସବଷ୍ଟେସନରୁ ପ୍ରାଥମିକ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରିବ। ସେହିପରି ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ନ ହେବା ପାଇଁ ବର୍ତ୍ତମାନ ଥିବା ଫୁଲବାଣୀ-ବାଲିଗୁଡ଼ା ୩୩ କେଭି ଲାଇନ ବ୍ୟାକ ଅପ ଭାବେ କାର୍ଯ୍ୟ କରିବ। ଯାହାଦ୍ୱାରା ଅଞ୍ଚଳରେ ନିରବିଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇପାରିବ। ୨ଟି ଲାଇନ କାର୍ଯ୍ୟକ୍ଷମ ହେବା ଫଳରେ ବିଦ୍ୟୁତ ଭିତ୍ତିଭୂମି ଆହୁରି ସୁଦୃଢ଼ ହୋଇପାରିବ । କନ୍ଧମାଳ ଜିଲାର ପର୍ଯ୍ୟଟନସ୍ଥଳ ଦାରିଙ୍ଗବାଡିରେ ଭୋଲଟେଜରେ ସ୍ଥିରତା ଆସିବା ସାଙ୍ଗକୁ ବାଧାପ୍ରାପ୍ତ ବିଦ୍ୟୁତ ସେବାର ପୁନଃସ୍ଥାପନ ଅବଧି ହ୍ରାସ ପାଇବ। ଯାହାକି ପର୍ଯ୍ୟଟକଙ୍କୁ ସହାୟକ ହେବ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି,ଏହି ପ୍ରକଳ୍ପ କମ୍ପାନୀର ସମଗ୍ର ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି । ଜି ଉଦୟଗିରି-ରାଇକିଆ ଫିଡରର ସୁଦୃଢ଼ୀକରଣ କେବଳ ଦୈନନ୍ଦିନ ଜୀବନର ବିଦ୍ୟୁତ ଆବଶ୍ୟକତାକୁ ପୂରା କରିବା ସହ ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ କନ୍ଧମାଳ ଜିଲାର ଏକ ଦୀର୍ଘକାଳୀନ ବିକାଶକୁ ସମର୍ଥନ କରିବ ବୋଲି କହିଛନ୍ତି।

# ୨ ଏଫଏଲ୍ଏନ୍ ମଡେଲ ସ୍କୁଲ ପରିଦର୍ଶନ କଲା ଆମେରିକାର ସ୍ୱତନ୍ତ୍ର ଦଳ



ସ୍କୁଲ ପରିଦର୍ଶନ କରୁଛନ୍ତି ଆମେରିକାର ଦୁଇଟି ସ୍ୱତନ୍ତ୍ର ଦଳ।

ଖଲ୍ଲିକୋଟ,୧୯।୧୨(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକରେ ୟୁନାଇଟେଡ଼ ଷ୍ଟେଟ୍ସ ଅଫ ଆମେରିକାରୁ ୨ଟି ସ୍ୱତନ୍ତ୍ର ପ୍ରତିନିଧି ଦଳ ସହ ନିପୁନ ସେଲ ସଦସ୍ୟ ଅର୍ମଜିତ ଆସି ଖଲ୍ଲିକୋଟ ବ୍ଲକର ୨ଟି ଏଫଏଲ୍ଏନ୍ ମଡେଲ ସ୍କୁଲ ପରିଦର୍ଶନ କରିଛନ୍ତି। ଗୋଟିଏ ଟିମ୍ ମାଣିକ୍ୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ଏଫଏଲ୍ଏନ୍ ଶିକ୍ଷାକୁ ଦେଖିବା ସହ ଛାତ୍ରୀଛାତ୍ରଙ୍କ ପଢିବା ବିକାଶକୁ ଦେଖି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଆଉ ଗୋଟିଏ ଟିମ୍ ପଣ୍ଡିତ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ଏଫଏଲ୍ଏନ୍ କୋଠରୀରେ ଶିକ୍ଷଣ ସାମଗ୍ରୀ ଦେଖିବା ସହ ଆସ ପଢିବା ଗଢିବା ଓଡ଼ିଶା ଉପରେ ପିଲାଙ୍କ ବିକାଶକୁ ପରିଲକ୍ଷିତ କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ଜାତୀୟ ଶିକ୍ଷାନୀତି କିଭଳି ପରିଚାଳିତ ହେଉଛି ତାହା ଅନୁଧ୍ୟାନ କରିଥିଲେ। ପରେ ଖଲ୍ଲିକୋଟ ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଏକ ବୈଠକରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

# ଭାଜପା ଗଜପତି ଜିଲା ପ୍ରଭାରୀଙ୍କ ଗସ୍ତ

ପାଳାଖେମୁଣ୍ଡି,୧୯।୧୨(ଗିରିଧାରୀ ପରିଚ୍ଛା): ଭାରତୀୟ ଜନତା ପାର୍ଟିର ସଦ୍ୟ ନିଯୁକ୍ତ ଗଜପତି ଜିଲା ପ୍ରଭାରୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡ୍ଡୁ ଶୁକ୍ରବାର ଗଜପତି ଜିଲା ଗସ୍ତ କରି ଫେରିଛନ୍ତି। ତାଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ବିଭିନ୍ନ ନେତୃବୃନ୍ଦ ସ୍ୱାଗତ କରିଥିଲେ। ଟୁଡୁ ତାଙ୍କର ଏହି ପ୍ରଥମ ଗସ୍ତରେ ଦଳୀୟ କାର୍ଯ୍ୟାଳୟଠାରେ ବୁଥସ୍ତରୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ଜିଲାର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ମଣ୍ଡଳର ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ରହି ନିଜ ବୁଥସ୍ତରୀୟ ଦଳୀୟ ସ୍ଥିତି ଓ ବିଭିନ୍ନ ସମସ୍ୟା ନେଇ ମତାମତ ରଖିଥିଲେ। ପ୍ରଭାରୀ ଟୁଡୁ ଆବଶ୍ୟକୀୟ ପରାମର୍ଶ ଦେଇ ଆଗାମୀ ଦିନରେ କିପରି ବୁଥ୍ ସ୍ତରଗୁଡିକ ଅଧିକ ସକ୍ରିୟ ଓ ସଶକ୍ତ ହେବ ସେନେଇ ବକ୍ତବ୍ୟ ରଖିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଏସଆଇଆର ଯୋଜନା ନେଇ ମଧ୍ୟ କିପରି ସାଧାରଣ ଜନତା ଏଥିରେ ସାମିଲ ହେବେ ସେନେଇ ସଚେତନତା ସୃଷ୍ଟି କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ଜିଲା ସଭାପତି ନବ କିଶୋର ଶବର, ପ୍ରଶାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଇ. ପ୍ରଶାନ୍ତ, ଯୁବ ମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁ, କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/97, ତା.16.12.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2025, ତା.11.12.2025ରିଖ

**ବିବରଣୀ :** [illegible]

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 39.37 ଲକ୍ଷ, EMD : ₹ 78,800/-

(2) ଟେଣ୍ଡର ସଂ. e-tender-CENTKUR-324-2025, ତା.11.12.2025ରିଖ

**ବିବରଣୀ :** [illegible] SPUR-7&8 ସହିତ ସାଇଡ ବଲ୍ଲାଷ୍ଟ (EX) ଠାରୁ ଭରତପୁର ୟାର୍ଡ ଏବଂ ଜଗନ୍ନାଥ ଭରତପୁର-କଳିଙ୍ଗ କନେକ୍ଟିଭିଟି (JNC/64 - JNC4/11))ର ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ବିବିଧ କାର୍ଯ୍ୟସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2310.45 ଲକ୍ଷ, EMD : ₹ 13,05,200/-

(3) ଟେଣ୍ଡର ସଂ. e-tender-NORTHKUR-325-2025, ତା.11.12.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧିନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ର ଗ୍ରୀସିଙ୍ଗ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.27 ଲକ୍ଷ, EMD : ₹ 2,80,600/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 36 (ଛତିଶି) ମାସ (କ୍ରମ ସଂ. 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.01.2026ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-920/Q/25-26

# ବିଭିନ୍ନ ସମସ୍ୟା, ସରକାରୀ ଉଦାସୀନତା ନେଇ କଲେ ଅଭିଯୋଗ

**ନବୀନଙ୍କୁ ଭେଟିଲେ ହିଞ୍ଜିଳି ବିଜେଡି ନେତା**

ହିଞ୍ଜିଳିକାଟୁ, ୧୯।୧୨( ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ବ୍ଲକ ବିଜୁ ଜନତା ଦଳର ନେତା ଏବଂ କର୍ମୀ ଶୁକ୍ରବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଗୁରୁବାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଶେରଗଡ଼ ବ୍ଲକର ଦଳୀୟ ନେତା ଓ କର୍ମୀ ନବୀନଙ୍କୁ ଭେଟିଥିଲେ। ପ୍ରାୟ ୧ ବର୍ଷ ଧରି ନବୀନ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିନାହାନ୍ତି। ଆସନ୍ତା ନୂତନ ବର୍ଷ ଜାନୁଆରୀ ମାସରେ ସେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ବୁଲି ଜନସାଧାରଣଙ୍କୁ ଭେଟିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅଞ୍ଚଳରେ ସରକାରୀ ଉଦାସୀନତା ବିରୋଧରେ ସେମାନେ ନବୀନଙ୍କୁ ଅବଗତ କରାଇଛନ୍ତି । ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ଅଞ୍ଚଳରେ ବିକାଶ କାମ ସ୍ଥାଣୁ ହୋଇ ଯାଇଥିବା ଓ ଆଇନ ଶୃଙ୍ଖଳା ଅଧୋଗତ, ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ମଧ୍ୟ ସରକାରଙ୍କ ଉଦାସୀନତାରୁ ଡାକ୍ତର ଓ ଷ୍ଟାଫ ଅଭାବ, ମ୍ୟୁନିସିପାଲଟିରେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅପରାଧିକ ମାମଲାର ପ୍ରକୃତ ଅଭିଯୁକ୍ତ ନିର୍ଭୟରେ ବୁଲୁଥିବା ବେଳେ ଅଭିଯୋଗ କରୁଥିବା ଲୋକ ନାମରେ ପୋଲିସ ମିଛ ମାମଲା ରୁଜୁ କରୁଛି। ପୋଲିସ ଦଳୀୟ ମନୋଭାବ ନେଇ କାମ କରୁଥିବାରୁ ସାଧାରଣ ଲୋକେ ଥାନାକୁ ଯିବାକୁ ଭୟ କରୁଥିବା ବିଜେଡି ନେତା, କର୍ମୀ ନବୀନଙ୍କୁ ଆଲୋଚନା ବେଳେ ଜଣାଇଥିଲେ। ଏସବୁ ଅଭିଯୋଗ ସମ୍ପର୍କରେ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ନବୀନ କହିଥିଲେ। ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିକାଶ ଓ ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ଦିଗରେ କାମ ଜାରି ରଖିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳି ମ୍ୟୁନିସିପାଲିଟି ଅଧ୍ୟକ୍ଷ ସୁବାସ ପଲେଇ, ନୀଳମଣି ପଟ୍ଟନାୟକ, ନଗର ସଭାପତି ହୃଦାନନ୍ଦ ମହାପାତ୍ର, ପ୍ରଦୀପ ପଣ୍ଡା, ପ୍ୟାରୀ ମୋହନ ପାଢ଼ୀ, ବିଭୁ ପ୍ରସାଦ ପଣ୍ଡା, ମନୋଜ ପଲେଇ, ଶୋଭା ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମହାରଣା ବିଜେଡିରେ ଯୋଗ ଦେଇଥିଲେ।

ଫର୍ମ ନଂ. ୧୩

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**ମୂଳ ଦରଖାସ୍ତ ନଂ.: ୨୦୨୫ ର ୫୩୪**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର ...ଆବେଦନକାରୀ

ବନାମ

ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ...ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) **ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ,** ପିତା: ଶଙ୍କର ବିଶ୍ୱାଳ, **ସ୍ୱତ୍ତ୍ୱାଧିକାରୀ: ମେସର୍ସ ବିଶ୍ୱାଳ ଟ୍ରେଡର୍ସ,** ସା: ପ୍ଲଟ୍ ନଂ.: ୨୫୧୭, ପାଣ୍ଡରା, ହାଇ-ଟେକ୍ ମେଡିକାଲ କଲେଜ ନିକଟ, ଭୁବନେଶ୍ୱର-୭୫୧୦୧୦, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) ...ପ୍ରତିବାଦୀ ନଂ.୧

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୨୦୨୫ ର ୫୩୪** ଦ୍ୱାରା **ଟ.୪୭,୨୩,୫୫୭.୦୦** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୦୫.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୧୬ ଡିସେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

# ମୟୂରପଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଗଞ୍ଜାମ,୧୯।୧୨(ଅନାଥ ତରାଇ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ମୟୂରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପର୍ଶୁରାମ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ସହକାରୀ ବ୍ଲକ ଶିକ୍ଷାଧିକାରୀ ବିନୀତା ମିଶ୍ର, ମୁଖ୍ୟବକ୍ତା ଭାବେ ପାଲିବନ୍ଧ ସିଆରସିସି ସନ୍ତୋଷ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ପୋଡ଼ମପେଟା ପ୍ରଧାନ ଶିକ୍ଷକ ମହେନ୍ଦ୍ର ସେଠୀ, ଆର. ନୂଆଗାଁ ସିଆରସିସି ରବୀନ୍ଦ୍ର ପଣ୍ଡା, ନୀଳାଦ୍ରିପୁର ସହଶିକ୍ଷକ ବିପିନ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ୍ୟ ସଭାପତି ରାମଚନ୍ଦ୍ର ରେଡ୍ଡୀ ଓ ସ୍କୁଲ ପରିଚାଳନା କମିଟି ସଭାପତି କେ. ଦିଲ୍ଲୀପ ରେଡ୍ଡୀ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ କିପରି ଭଲ ପାଠ ପଢିବା ସହ ଭଲ ମଣିଷ ହୋଇପାରିବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ଚାରାରୋପଣ, ବୃକ୍ଷ ନ କାଟିବା ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ବଳରାମ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦଣ୍ଡନାଚକୁ ନେଇ ଅନିଶ୍ଚିତତା ଜାରି, ଦ୍ୱନ୍ଦ୍ୱରେ କଳାକାର

ସୋରଡା,୧୯।୧୨(ରଜନୀ ମହାପାତ୍ର):ଗଞ୍ଜାମ ଜିଲାରେ ଦଣ୍ଡନାଚକୁ ନେଇ ଅନିଶ୍ଚିତତା ଜାରି ରହିଛି। ଦଣ୍ଡନାଚ କେବଳ ଏକ ଧାର୍ମିକ ଚେତନା ନୁହଁ ବରଂ ଏହି ଲୋକ ନୃତ୍ୟ ଶତାଧିକ କଳାକାରଙ୍କ ପେଟପାଟଣା ଓ ପରିବାର ପ୍ରତିପୋଷଣର ଏକ ପ୍ରମୁଖ ମାଧ୍ୟମ। କିନ୍ତୁ ବର୍ତ୍ତମାନ ଦଣ୍ଡନାଚକୁ ନେଇ ଅନେକ କଳାକାର ଦ୍ୱନ୍ଦରେ ରହିଛନ୍ତି। ଦଣ୍ଡନାଚରେ ସାମାଜିକ ନାଟକ(ଅପେରା) ମଞ୍ଚସ୍ଥକୁ ବିରୋଧ କରି ଦଣ୍ଡନାଚ ମହାସଂଘ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ବେଳେ ଦଣ୍ଡନାଚ କଳାକାର ସଂଘ ଏହାକୁ ବିରୋଧ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଦଣ୍ଡନାଚ ମହାସଂଘ ଓ କଳାକାରଙ୍କ ମଧ୍ୟରେ ସାମାଜିକ ନାଟକ ଅପେରା ମଞ୍ଚସ୍ଥକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଏସଓପି ଜାରି କରାଯାଇଥିଲା। ଯେଉଁଥିରେ ପ୍ରଶାସନର ଅନୁମତିରେ ନିଜ ନିଜ ଅଞ୍ଚଳରେ ଦଣ୍ଡନାଚ ଆୟୋଜନ ନେଇ ନିର୍ଦ୍ଦେଶନାମା ରହିବା ସହ ଧୂଳିଦଣ୍ଡରେ ଅଶ୍ଳୀଳ ଏବଂ ଦ୍ୱିଅର୍ଥ ବୋଧ ଶବ୍ଦର ପ୍ରୟୋଗ ସଂପୂର୍ଣ୍ଣ ନିଷେଧ ଘୋଷଣା ହୋଇଥିଲା। ରାତ୍ରରେ କେବଳ ପାରମ୍ପରିକ କଳା ଅନୁମୋଦିତ ପାଇଁ ନିର୍ଦ୍ଦେଶ ରହିଥିଲା। କଳାକାର ମାନେ ଏହାର ପ୍ରତିବାଦ କରିବା ପରେ କେବଳ ସାମାଜିକ ନାଟକ ମଞ୍ଚସ୍ଥ ହୋଇପାରିବ ବୋଲି ଜିଲା ପ୍ରଶାସନ କହିବା ପରେ ପୁଣିଥରେ ଦଣ୍ଡନାଚ ମହାସଂଘ ଏହାକୁ ନେଇ ବିରୋଧ କରିବା ସହ ଗତ ୧୧ ତାରିଖରେ ଜିଲା ପ୍ରଶାସନ ନିକଟରେ ପ୍ରତିବାଦ କରିଥିଲେ। ବର୍ତ୍ତମାନ ଜିଲାପ୍ରଶାସନ ପତ୍ର ସଂଖ୍ୟା ୭୫୦/ସଂସ୍କୃତି ତାରିଖ ୧୬/୧୨/୨୫ ରେ ପୁଣି ସ୍ପଷ୍ଟୀକରଣ ଦିଆଯାଇଛି ଯେ କୌଣସି ପ୍ରକାର ଆଧୁନିକ ନୃତ୍ୟ ଓ ଅପେରା ନିଷିଦ୍ଧ ଅଟେ।

बैंक ऑफ़ बड़ौदा Bank of Baroda

**ବ୍ୟାଙ୍କ ଅଫ୍ ବରୋଦା**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଦ୍ୱିତୀୟ ମହଲା
ଚଳଚ୍ଚିତ୍ର ଭବନ, ବକ୍ସି ବଜାର, କଟକ-୭୫୩୦୦୧

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ର ଉପଧାର (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **କେନ୍ଦ୍ରାପଡ଼ା ଶାଖା /** **ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ,** ପିତା: ଶିବ ଚରଣ ବିଶ୍ୱାଳ, ସା/ପୋ: ତୁଳସୀଡିଆ, ଭାୟା: ଦାଣ୍ଡିସାହି, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୦ | **ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ,** ପିତା: ଶିବ ଚରଣ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ତରଡିପାଳ, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, **(୧)** ପ୍ଲଟ୍ ନଂ.: ୫୩୦୪, ଖାତା ନଂ.: ୧୩୭୨/୩୭୩, କ୍ଷେତ୍ର: ଏକର୦.୦୩୩ ଡିସିମିଲି (୧୪୩୭.୪୮ ବର୍ଗଫୁଟ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ହେମଲତା ବିଶ୍ୱାଳ ଏବଂ ଅନ୍ୟମାନେ, ଦକ୍ଷିଣ: ପ୍ଲଟ୍ ନଂ. ୫୩୦୫, ପୂର୍ବ: ପ୍ଲଟ୍ ନଂ. ୫୩୦୮, ପଶ୍ଚିମ: ସର୍ବସାଧାରଣ ରାସ୍ତା, **(୨)** ପ୍ଲଟ୍ ନଂ.: ୫୬୦୦, ଖାତା ନଂ.: ୧୩୭୨/୩୭୩, କ୍ଷେତ୍ର: ଏକର୦.୦୨୪ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୫୫୯୯ର ଅବଶିଷ୍ଟ ଅଂଶ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୫୫୯୯, ପଶ୍ଚିମ: ପ୍ଲଟ୍ ନଂ. ୫୬୦୦/୭୦୦୫ | ୧୯.୦୭.୨୦୨୫ / ୧୭.୧୨.୨୦୨୫ | ୦୯.୦୭.୨୦୨୫ ସୁଦ୍ଧା ଟ.୯,୬୧,୦୨୧/- ଯୁକ୍ତ ୧୦.୦୭.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ଚାନ୍ଦିବାଉଁଶମୂଳ ଶାଖା /** **ଋଣଗ୍ରହୀତା: ମେସର୍ସ ସ୍ମୃତି ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋଲେଖ ଚନ୍ଦ୍ର ସ୍ୱାଇଁ,** ପିତା: ଶ୍ରୀ ଚିନ୍ତାମଣି ସ୍ୱାଇଁ / **ଜାମିନ୍‌ଦାର: ଶ୍ରୀ କଳ୍ପତରୁ ସ୍ୱାଇଁ,** ପିତା: ଶ୍ରୀ ଭାଗବତ ସ୍ୱାଇଁ, ଉଭୟଙ୍କ ଠିକଣା- ସା: ସାନବଡ ଗୋପାଳପୁର, ପୋ/ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୬ | **ଶ୍ରୀ କଳ୍ପତରୁ ସ୍ୱାଇଁ,** ପିତା: ଶ୍ରୀ ଭାଗବତ ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖୋଲା ବିଦ୍ୟୁତ ଜମି ଯାହାର ଖାତା ନଂ.: ୧୮୨/୧୧୦, ପ୍ଲଟ୍ ନଂ.: ୬୮୪/୯୬୦, କ୍ଷେତ୍ର: ଏକର୦.୦୮୭ଡିସିମିଲି (୩୭୯୦.୦୦ ବର୍ଗଫୁଟ), ସା: ସାନବଡ ଗୋପାଳପୁର, ପୋ: ରାଜନଗର, କେନ୍ଦ୍ରାପଡ଼ା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରମେଶ ଚନ୍ଦ୍ର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ରମେଶ ଚନ୍ଦ୍ର ବାରିକ, ପଶ୍ଚିମ: ଅନାଦି ଚରଣ ସାହୁ | ୩୦.୦୭.୨୦୨୫ / ୧୭.୧୨.୨୦୨୫ | ୩୦.୦୭.୨୦୨୫ ସୁଦ୍ଧା ଟ.୩୫,୭୮,୯୧୦.୮୦ (୩୧.୦୫.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୦୧.୦୬.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ମଣିସାହୁ ଛକ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶରତ ବେଉରା, ୨) ଶ୍ରୀମତୀ ଶାନ୍ତିଲତା ବେଉରା,** ସ୍ୱାମୀ: ଶରତ ବେଉରା, ଉଭୟଙ୍କ ଠିକଣା- ତିନିଘରିଆ, ନୂଆବଜାର, ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୦୪ / **ଜାମିନ୍‌ଦାର: ଶ୍ରୀ ଆର୍ଯ୍ୟମଣି ସେନାପତି,** ପିତା: ଯଦୁମଣି ସେନାପତି, ଥୋରିଆ ସାହି, ମଙ୍ଗଳାବାଗ, କଟକ | **ଶାନ୍ତିଲତା ବେହୁରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୮୭୧/୧୩୮୩, ଖାତା ନଂ.: ୧୧, ୱାର୍ଡ ନଂ.: ୨୯, ୟୁନିଟ୍-୩୦, ମୌଜା: କଟକ ସହର, ତିନିଘରିଆ (ଗୋଶାଳା-ନୂଆସାହି ନିକଟ), କଟକ, କ୍ଷେତ୍ର: ଏକର୦.୦୮୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଗଳି ରାସ୍ତା, ପଶ୍ଚିମ: ଲୋକନାଥ ସ୍ୱାଇଁ, ଉତ୍ତର: ଚିନ୍ତାମଣି ଖୁଣ୍ଟିଆ, ଦକ୍ଷିଣ: ରାସ୍ତା (ଆମ୍ଭର ତାଲିକାଭୁକ୍ତ ମୂଲ୍ୟାୟନକାରୀଙ୍କ ମୂଲ୍ୟାଙ୍କନ ରିପୋର୍ଟ, ତା୦୮.୦୮.୨୦୨୫ରିଖ ଅନୁସାରେ) | ୦୫.୦୧.୨୦୧୧ / ୧୯.୧୨.୨୦୨୫ | ୧୩.୧୨.୨୦୨୫ ସୁଦ୍ଧା ଟ.୧୧,୫୮,୧୧୭.୫୨ ଯୁକ୍ତ ୧୪.୧୨.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ତ ଛକ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ରତ୍ନାକର ପରିଡା,** ପିତା: ପୁରୁଷୋତ୍ତମ ପରିଡା ଏବଂ **୨) ଶ୍ରୀମତୀ ପୂଜାରିଣୀ ପରିଡା,** ସ୍ୱାମୀ: ଶ୍ରୀ ରତ୍ନାକର ପରିଡା, ଉଭୟଙ୍କ ଠିକଣା- ସା: ଇଛଦାମଜଫରପୁର, ପୋ: ଇଛଦା, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୧୨ | **ଶ୍ରୀ ରତ୍ନାକର ପରିଡା,** ପିତା: ପୁରୁଷୋତ୍ତମ ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୭/୨୭୧, ପ୍ଲଟ୍ ନଂ.: ୩୧୨, କ୍ଷେତ୍ର: ଏକର୦.୨୪ଡିସିମିଲି, ମୌଜା: ଇଛଦାମଜଫରପୁର, ଥାନା: ଧାମନଗର ରୁରାଲ, ତହସିଲ: ଧାମନଗର, ଜିଲ୍ଲା: ଭଦ୍ରକ, କିସମ: ଘରବାରି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ବିଦ୍ୟାଧର ସାହୁଙ୍କ ପ୍ଲଟ୍ ନଂ. ୩୧୧, ଦକ୍ଷିଣ: ରାସ୍ତା, ପୂର୍ବ: ପାଣିନାଳ, ପଶ୍ଚିମ: ଜଳଧର ନାୟକଙ୍କ ପ୍ଲଟ୍ ନଂ. ୩୦୬ | ୧୩.୦୫.୨୦୨୫ / ୧୭.୧୨.୨୦୨୫ | ୧୨.୦୫.୨୦୨୫ ସୁଦ୍ଧା ଟ.୫୦,୦୮,୧୬୭.୧୦ (୦୯.୦୫.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୧୦.୦୫.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ: ୧୯.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ଦିଲ୍ଲୀରେ ଆଜି



ଜାତୀୟ ରାଜଧାନୀରେ ବାୟୁ ଗୁଣବତ୍ତା ସ୍ଥିତି ବିପଜ୍ଜନକ ଥିବାବେଳେ ଶୁକ୍ରବାର ପାଣିପାଗ ବିଭାଗ ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ କଟକଣା ଲାଗୁ ହୋଇଛି। ଘନ କୁହୁଡ଼ି ଏବଂ ବିଷାକ୍ତ ଧୂଳିଧୂଆଁ ମଧ୍ୟରେ ଲୋକେ କର୍ତ୍ତବ୍ୟପଥରେ ବୁଲୁଥିବା ଦେଖାଯାଉଛି।(ଫଟୋ- ଚମନ ଗୌତମ)

# ଦିଲ୍ଲୀରେ ୧୫୦ ବିମାନ ଉଡ଼ାଣ ବାତିଲ

## ଉତ୍ତର ଭାରତରେ ଘନକୁହୁଡ଼ି

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ଦିଲ୍ଲୀ ସମେତ ଉତ୍ତର ଭାରତକୁ ଶୁକ୍ରବାର ସକାଳେ ଘନ କୁହୁଡ଼ିର ଆସ୍ତରଣ ଘୋଡ଼ାଇ ରଖିଥିବାବେଳେ ଭାରତୀୟ ପାଣିପାଗ ବିଭାଗ ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିଥିଲା। କମ୍ ଦୃଶ୍ୟମାନତା ପାଇଁ ବିମାନ ଚଳାଚଳ ପ୍ରଭାବିତ ହୋଇଥିଲା। ଫଳରେ ଦିଲ୍ଲୀ ଏୟାରପୋର୍ଟ ଛାଡ଼ିବାକୁ ଥିବା ୭୯ଟି ବିମାନ ଏବଂ ପହଞ୍ଚିବାକୁ ଥିବା ୭୩ଟି ବିମାନ ସମେତ ୨ଟି ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବାତିଲ ହୋଇଥିଲା। କେତେକ ବିଳମ୍ବ ସତ୍ତ୍ୱେ ବିମାନ ଉଡ଼ାଣ ଓ ଅବତରଣ ଜାରି ରହିବ ବୋଲି ବିମାନବନ୍ଦର ପକ୍ଷରୁ ଆଡଭାଇଜରି ଜାରି କରାଯାଇଥିଲା। ଦିଲ୍ଲୀ-ଏନ୍‌ସିଆର୍, ଅମୃତସର, ଜବଲପୁର ଏବଂ ଜଳନ୍ଧରରେ କୁହୁଡ଼ି ଯୋଗୁ ଅଧିକ ଦୂର ପର୍ଯ୍ୟନ୍ତ ଦୃଶ୍ୟ ହେଉ ନ ଥିବାରୁ ବିମାନ ଉଡ଼ାଣ ସମୟରେ ପରିବର୍ତ୍ତନ ହୋଇଥିବା ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଥିଲା।

ସାଟେଲାଇଟ୍ ଚିତ୍ର ଅନୁଯାୟୀ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଉତ୍ତରପୂର୍ବ ମଧ୍ୟପ୍ରଦେଶ ଓ ବିହାରକୁ ଘନ କୁହୁଡ଼ି ଢାଙ୍କି ରଖିଥିଲା। ୟୁପିର ଆଗ୍ରା, ବରେଲି, ସାହାରନପୁର ଏବଂ ଗୋରଖପୁର, ପଞ୍ଜାବର ଅମୃତସର, ବଠିଣ୍ଡା, ଲୁଧିଆନା ଏବଂ ଆଦମପୁର, ଦିଲ୍ଲୀର ସଫଦରଜଙ୍ଗ ଏବଂ ହରିୟାଣାର ଅମ୍ବାଲା, ମଧ୍ୟପ୍ରଦେଶର ଗୋଆଲିୟର, ବିହାରର ଭାଗଲପୁର ଏବଂ ଝାଡ଼ଖଣ୍ଡର ଡାଲ୍‌ଟନଗଞ୍ଜରେ ଦୃଶ୍ୟମାନତା ଶୂନ୍ୟ ମିଟରରେ ପହଞ୍ଚିଥିଲା।

ବାୟୁ ପ୍ରଦୂଷଣ ଅଧିକ ଖରାପ ହେଉଥିବାରୁ ପିଲାମାନଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ସରକାର ଏକ ଉଲ୍ଲେଖନୀୟ ପଦକ୍ଷେପ ନେବାକୁ ଯାଉଛନ୍ତି। ଦିଲ୍ଲୀରେ ପ୍ରଥମ ପର୍ଯ୍ୟାୟରେ ୧,୦୦୦ ସରକାରୀ ସ୍କୁଲ୍‌ରେ ଏୟାର ପ୍ୟୁରିଫାୟର (ବାୟୁ ବିଶୋଧକ) ଲଗାଇବା ପାଇଁ ସରକାର ଘୋଷଣା କରିଛନ୍ତି। ଏନେଇ ଟେଣ୍ଡର ଡକାଯାଇଥିବା ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଆଶିଷ ସୁଦ୍ କହିଛନ୍ତି। ଜାତୀୟ ରାଜଧାନୀର ସରକାରୀ ସ୍କୁଲ୍‌ଗୁଡ଼ିକରେ ପଢୁଥିବା ପିଲାମାନଙ୍କୁ ଶ୍ରେଣୀଗୃହରେ ସ୍ୱଚ୍ଛ ବାୟୁ ଉପଲବ୍ଧ ସୁନିଶ୍ଚିତ କରାଇବା ଏହାର ଲକ୍ଷ୍ୟ। ପରବର୍ତ୍ତୀ ସମୟରେ ଦିଲ୍ଲୀର ସମସ୍ତ ସରକାରୀ ସ୍କୁଲ୍ ଶ୍ରେଣୀଗୃହରେ ଏୟାର ପ୍ୟୁରିଫାୟର ଲଗାଯିବ।

## ନର୍ଥ କାରୋଲିନାରେ ବିମାନ ଦୁର୍ଘଟଣା: ୭ ମୃତ

ଷ୍ଟାଟେସ୍‌ଭିଲେ,୧୯।୧୨

ଆମେରିକାର ନର୍ଥ କାରୋଲିନାକୁ ଫେରୁଥିବା ଏକ ବିଜନେସ୍ ଜେଟ୍ ଗୁରୁବାର ରାତିରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏନ୍‌ଏସ୍‌ସିଆର୍‌ର ପୂର୍ବତନ ଡ୍ରାଇଭର ଗ୍ରେଗ୍ ବିଫଲ୍ ଓ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ସେସ୍ନା ସି୫୫୦ ବିମାନ ଷ୍ଟାଟେସ୍‌ଭିଲେ ଆଞ୍ଚଳିକ ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ।

## ଫେବୃଆରିର ଏକ ରବିବାରରେ ବଜେଟ ଉପସ୍ଥାପନ ହୋଇପାରେ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ଆଗାମୀ ବଜେଟ ଅଧିବେଶନ କାଳରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଫେବୃଆରୀ ମାସର ଏକ ରବିବାର ୨୦୨୬-୨୭ ବର୍ଷର ସାଧାରଣ ବଜେଟ ଉପସ୍ଥାପନ କରିପାରନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ୨୦୧୭ରୁ ବଜେଟ ଫେବୃଆରୀ ମାସର ପ୍ରଥମ ଦିବସରେ ଉପସ୍ଥାପନ ହୋଇଆସୁଥିବାବେଳେ ଏଥର ରବିବାର ଉପସ୍ଥାପନ କରାଯିବ। ତେବେ ଏନେଇ ପ୍ରଶ୍ନ କରାଯିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ଉପଯୁକ୍ତ ସମୟରେ ନିଷ୍ପତ୍ତି ନେବ। ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ସାଧାରଣ ବଜେଟ ଉପସ୍ଥାପନ ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ରହିବା ରବିବାର ବଜେଟ ଉପସ୍ଥାପନା ଧାରଣା ବ୍ରିଟିଶମାନେ ଆଣିଥିଲେ। ସୂଚନାଯୋଗ୍ୟ, ୨୦୧୭ ପୂର୍ବରୁ ବଜେଟ ଫେବୃଆରୀ ମାସ ଶେଷ ଦିନରେ ଉପସ୍ଥାପନ କରାଯାଉଥିଲା।

# ୮ ବିଲ୍ ଗୃହୀତ, ଲୋକ ସଭା ୧୧୧% ଫଳପ୍ରଦ

## ଶେଷ ହେଲା ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ,୧୯।୧୨

ଡିସେମ୍ବର ୧ରେ ଆରମ୍ଭ ହୋଇଥିବା ଅଷ୍ଟାଦଶ ଲୋକ ସଭାର ଶୀତ ଅଧିବେଶନକୁ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଫଳରେ ପାର୍ଲାମେଣ୍ଟର ୧୯ ଦିନିଆ ଶୀତ ଅଧିବେଶନର ପରିସମାପ୍ତି ଘଟିଛି। ଏହି ଅଧିବେଶନ କାଳରେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ମଧ୍ୟରେ ପାର୍ଲାମେଣ୍ଟରେ ଭିବି- ଜି ରାମ ଜି ବିଲ୍, ବେସାମରିକ ଆଣବିକ ପ୍ରକଳ୍ପରେ ଘରୋଇ କମ୍ପାନୀଙ୍କୁ ପ୍ରବେଶ ଅନୁମତି ପାଇଁ ଏସ୍‌ଏଚ୍‌ଏଏନ୍‌ଟିଆଇ ବିଲ୍ ସମେତ ୮ ବିଲ୍ ଗୃହୀତ ହୋଇଛି। ଅଧିବେଶନ ମୋଟ ୯୨ ଘଣ୍ଟା ୨୫ ମିନିଟ୍ ପାଇଁ ଚାଲିଥିଲା। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ତାଙ୍କର ସଂକ୍ଷିପ୍ତ ସମାପନ ଭାଷଣ ପଢ଼ିଥିଲେ। ଏହି ଅଧିବେଶନରେ ଲୋକ ସଭା ୧୧୧ ପ୍ରତିଶତ ଫଳପ୍ରଦ ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ଉପରେ ଆଲୋଚନା ପାଇଁ ସଦସ୍ୟମାନେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ବସିରହିଥିଲେ ବୋଲି ବିର୍ଲା କହିବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ବାଚସ୍ପତି ତାଙ୍କ ଭାଷଣ ପଢୁଥିବାବେଳେ ଗୃହରେ କେତେଜଣ ସଦସ୍ୟ ମହାତ୍ମା ଗାନ୍ଧୀ କୀ ଜୟ ସ୍ଲୋଗାନ ଦେଉଥିଲେ। ଶୀତ ଅଧିବେଶନରେ ପାର୍ଲାମେଣ୍ଟର ଉଭୟ ଗୃହରେ ୨ଟି ରାଜନୈତିକ ବିତର୍କ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଏବଂ ନିର୍ବାଚନ ସଂସ୍କାରକୁ ନେଇ ହୋଇଥିଲା। ଜାତୀୟ ଗୀତର ୧୫୦ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା ଆରମ୍ଭ କରିବା ପରେ ୧୧ ଘଣ୍ଟା ୩୨ ମିନିଟ୍ ବିତର୍କ ଚାଲିଥିଲା, ଯେଉଁଥିରେ ୬୫ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ତେବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାୟୁ ପ୍ରଦୂଷଣ ଉପରେ ଆଲୋଚନା କରିବାକୁ ଚାହିଁଥିବାବେଳେ ତାହା ହୋଇପାରି ନ ଥିଲା। ଦେଶର ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ପାଇଁ ବିରୋଧୀ ଅଡ଼ି ବସିବା ପରେ ଶେଷରେ ସରକାର ନିର୍ବାଚନ ସଂସ୍କାର ଉପରେ ବିତର୍କ ପାଇଁ ରାଜି ହୋଇଥିଲେ। ଏହା ଉପରେ ୧୩ ଘଣ୍ଟା ଆଲୋଚନା ହୋଇଥିଲା ଓ ୬୩ ଜଣ ଏମ୍‌ପି ଭାଗ ନେଇଥିଲେ। ତେବେ ଏସ୍‌ଆଇଆର୍, ଭୋଟ ଚୋରି ଏବଂ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରଙ୍କ ନିଯୁକ୍ତି ନିମନ୍ତେ ନୂଆ ଆଇନକୁ ନେଇ ବିରୋଧୀ ସଦସ୍ୟମାନେ ସରକାରଙ୍କ ଉପରେ ବର୍ଷିଥିଲେ। ଗ୍ରାମାଞ୍ଚଳଲୋକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ୨୦ ବର୍ଷ ହେଲା କାର୍ଯ୍ୟକାରୀ ହୋଇଆସୁଥିବା ଏମ୍‌ଜିଏନ୍‌ଆରଇଜିଏ ବଦଳରେ ସରକାର ଆଣିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବା ଭିବି-ଜି ରାମ ଜି ବିଲ୍ ପ୍ରବଳ ବିରୋଧ ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା। ବିରୋଧୀ ସଦସ୍ୟ ବିଲ୍‌ର ନକଲକୁ ଚିରିଦେଇଥିଲେ। ସେହିପରି ଆଣବିକ ସେକ୍ଟରରେ ଘରୋଇ ସଂସ୍ଥା ଅଂଶଗ୍ରହଣ ପାଇଁ ସରକାର ଆଣିଥିବା ସଷ୍ଟେନେବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଏସ୍‌ଏଚ୍‌ଏଏନ୍‌ଟିଆଇ) ବିଲ୍ ମଧ୍ୟ ଗୃହୀତ ହୋଇଥିଲା। ଏହା ବ୍ୟତୀତ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ୭୪%ରୁ ୧୦୦%କୁ ବଢ଼ାଇବା ପାଇଁ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ସେହିପରି ସବ୍‌କା ବୀମା ସବ୍‌କି ରକ୍ଷା (ବୀମା ଆଇନ ସଂଶୋଧନ) ବିଲ୍, ୨୦୨୫ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା। ଏଥିସହିତ ପ୍ରାସଙ୍ଗିକତା ନ ଥିବା ୬୫ଟି ପୁରୁଣା ସଂଶୋଧିତ ଆଇନ ଏବଂ ୬ଟି ପ୍ରମୁଖ ଆଇନକୁ ରଦ୍ଦ କରିବା ନିମନ୍ତେ ବିଲ୍ ଲୋକ ସଭାରେ ପାସ୍ ହୋଇଥିଲା। ଉଚ୍ଚଶିକ୍ଷା ନିୟାମକ ସ୍ଥାପନ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍‌କୁ ଉଭୟ ଗୃହର ଯୁକ୍ତ କମିଟିକୁ ପଠାଯାଇଛି। ମଣିପୁର ଦ୍ରବ୍ୟ ଓ ସେବା ଟିକସ(ଦ୍ୱିତୀୟ ସଂଶୋଧନ) ବିଲ୍, ସ୍ୱାସ୍ଥ୍ୟ ସୁରକ୍ଷାରୁ ଜାତୀୟ ସୁରକ୍ଷା ସେସ୍ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ୨୦୨୫-୨୬ ବର୍ଷର ପ୍ରଥମ ଭାଗ ଅତିରିକ୍ତ ଅନୁଦାନ ଦାବି ବିଲ୍ ଗୃହୀତ ହୋଇଥିଲା।



ଅଷ୍ଟାଦଶ ଲୋକ ସଭାର ଷଷ୍ଠ ଅଧିବେଶନ ଶୁକ୍ରବାର ଶେଷ ହେବା ପରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ଏମ୍‌ପିମାନେ ଯୋଗଦେଇଛନ୍ତି।

## ଆମେରିକା ପ୍ରତିରକ୍ଷା ନୀତି ବିଲ୍‌ରେ ଟ୍ରମ୍ପଙ୍କ ସ୍ୱାକ୍ଷର

### ଭାରତ ସହ ପ୍ରତିରକ୍ଷା ସହଯୋଗ ବଢ଼ିବ

ନ୍ୟୁୟର୍କ/ୱାଶିଂଟନ,୧୯।୧୨(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଦେଶର ବାର୍ଷିକ ପ୍ରତିରକ୍ଷା ନୀତି ବିଲ୍‌ରେ ସ୍ୱାକ୍ଷର କରିବା ଫଳରେ ତାହା ଆଇନରେ ପରିଣତ ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଭାରତ ସମେତ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀ ସହିତ ଆମେରିକାର ପ୍ରତିରକ୍ଷା ସହଯୋଗ ବଢ଼ିବ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ ରଖିବା ଏବଂ ଚାଇନା ଦ୍ୱାରା ସୃଷ୍ଟି ଚ୍ୟାଲେଞ୍ଜର ମୁକାବିଲା ଏହାର ଲକ୍ଷ୍ୟ। ଏହି ଆଇନ ବଳରେ ଦୃଢ଼ କାର୍ଯ୍ୟସୂଚୀ ଜରିଆରେ ଘରୋଇ ଏବଂ ବିଦେଶୀ ବିପଦରୁ ଦେଶକୁ ସୁରକ୍ଷା ଦେବା ପାଇଁ ଯୁଦ୍ଧ ବିଭାଗ ଶାନ୍ତି ଯୋଜନା କାର୍ଯ୍ୟକାରୀ କରିବ। ଏଥିସହିତ ପ୍ରତିରକ୍ଷା ଶିଳ୍ପ ଭିତ୍ତିକୁ ସୁଦୃଢ଼ କରିବା ସହ ଅଦରକାରୀ ଏବଂ କଟୋରାଭିମୁଖୀ କାର୍ଯ୍ୟକ୍ରମକୁ ପାଣ୍ଠି ଯୋଗାଣ ବନ୍ଦ କରିବ ବୋଲି ଟ୍ରମ୍ପ ଏକ ବିବୃତିରେ କହିଛନ୍ତି।

## ସମାଧି ବିବାଦକୁ ନେଇ ସଂଘର୍ଷ: ୨ ଚର୍ଚ୍ଚରେ ପୋଡ଼ାଜଳା

ରାୟପୁର,୧୯।୧୨

ଛତିଶଗଡ଼ର କାଙ୍କେର ଜିଲା ଅନ୍ତର୍ଗତ ଆମାବେଡ଼ା ଗ୍ରାମରେ ମୃତଦେହ ସମାଧି ଦେବାକୁ ନେଇ ଗୁରୁବାର ହିଂସାକାଣ୍ଡ ଘଟିଛି। ଉତ୍ତେଜିତ ଲୋକେ ୨ଟି ଚର୍ଚ୍ଚ ପୋଡ଼ିଦେବା ସହ ସମାଧିକୁ ଖୋଳିଦେଇଛନ୍ତି। ସଂଘର୍ଷରେ ଅନେକେ ଆହତ ହୋଇଛନ୍ତି। ବଡେ ତେୱଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ରାଜମାନ ସଲାମଙ୍କ ପରିବାର ଖ୍ରୀଷ୍ଟିୟାନ ଧର୍ମାନ୍ତର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଥିବାବେଳେ ତାଙ୍କ ବାପା ଚମ୍ରାରାମଙ୍କ ମୃତଦେହକୁ ପରିବାର ଲୋକେ ଘରୋଇ ଜମିରେ କବର ଦେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ମୃତଦେହ କବରରୁ ଖୋଳି ବାହାର କରିବାକୁ ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଟେକାମାଡ଼ ହେବାରୁ ୨୦ ଜଣ ଆହତ ହୋଇଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା।

## ୟୁବରାଜ ସିଂ, ସୋନୁ ସୁଦ୍‌ଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି


### ବେଟିଂ ଆପ୍ ମାମଲା

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ବେଆଇନ ବେଟିଂ ଆପ୍ ସହ ଜଡ଼ିତ ୧,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ କ୍ରିକେଟର ୟୁବରାଜ ସିଂ, ରବିନ ଉଥାପ୍ପା, ପୂର୍ବତନ ଟିଏମ୍‌ସି ଏମ୍‌ପି ମିମି ଚକ୍ରବର୍ତ୍ତୀ ଏବଂ ଅଭିନେତା ସୋନୁ ସୁଦ୍‌ଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ଏଥିସହିତ ଅଭିନେତ୍ରୀ ନେହା ଶର୍ମା, ମଡେଲ ଉର୍ବଶୀ ସୌଟେଲାଙ୍କ ମାଆ ଏବଂ ବେଙ୍ଗଲୀ ଅଭିନେତା ଅଙ୍କୁଶ ହାଜ୍‌ରାଙ୍କ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ ହୋଇଛି। ସୋନୁଙ୍କର ୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଥିବାବେଳେ ଚକ୍ରବର୍ତ୍ତୀଙ୍କ ୫୯ ଲକ୍ଷ, ୟୁବରାଜଙ୍କ ୨.୫ କୋଟି, ଶର୍ମାଙ୍କ ୧.୨୬ କୋଟି, ଉଥାପାଙ୍କର ୮.୨୬ ଲକ୍ଷ, ହାଜ୍‌ରାଙ୍କର ୪୭ ଲକ୍ଷ ଏବଂ ରୌଟେଲାଙ୍କ ମାଆଙ୍କର ୨.୦୨ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏମାନେ 1xbet ନାମରେ ଏକ ବେଆଇନ ବେଟିଂ ଆପ୍ ଚଳାଉଥିଲେ। ପୂର୍ବରୁ ଇଡି ତଦନ୍ତ କରି ପୂର୍ବତନ କ୍ରିକେଟର ଶିଖର ଧାୱନ ଏବଂ ସୁରେଶ ରାଇନାଙ୍କର ୧୧.୧୪ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଥିଲା।



ୟୁବରାଜ ସିଂ



ସୋନୁ ସୁଦ୍

## ଲିଭ୍-ଇନ୍ ରିଲେଶନସିପ୍ ବେଆଇନ ନୁହେଁ: ହାଇକୋର୍ଟ

ପ୍ରୟାଗରାଜ,୧୯।୧୨

ଲିଭ୍-ଇନ୍ ରିଲେଶନସିପ୍ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ପାରେ, କିନ୍ତୁ ତାହାକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ଆହ୍ଲାବାଦ ହାଇକୋର୍ଟ କହିଛନ୍ତି। ନାଗରିକ ନାବାଳକ ହୁଅନ୍ତୁ କି ସାବାଳକ, ବିବାହିତ ହୁଅନ୍ତୁ କି ଅବିବାହିତ ମାନବ ଜୀବନର ଅଧିକାର ଏହାର ବହୁ ଊର୍ଦ୍ଧ୍ୱରେ ବୋଲି ଜଷ୍ଟିସ୍ ବିବେକ କୁମାର ସିଂଙ୍କ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। ଏଥିସହିତ ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ୧୨ ଯୋଡ଼ିଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବା ନିମନ୍ତେ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ସେମାନେ ନିଜ ନିଜ ପରିବାରଠାରୁ ବିପଦ ଆଶଙ୍କା କରି ପର୍ଯ୍ୟାପ୍ତ ସୁରକ୍ଷା ଦାବି କରିଥିଲେ। ଜଷ୍ଟିସ୍ ସିଂ ୧୨ଟି ପିଟିଶନ୍‌ର ଏକତ୍ର ଶୁଣାଣି କରି କହିଛନ୍ତି, ଲିଭ୍-ଇନ୍‌ରେ ରହୁଥିବା ପ୍ରାପ୍ତବୟସ୍କ ରାଷ୍ଟ୍ରଠାରୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା ପାଇବାକୁ ହକ୍‌ଦାର ବୋଲି ଖଣ୍ଡପୀଠ କହିଛନ୍ତି।

## ଫୁରସତ

# ବୁଲେଟପ୍ରୁଫ୍ ପ୍ରାଣୀ

ସାରା ବିଶ୍ୱରେ ଲକ୍ଷଲକ୍ଷ ପ୍ରଜାତିର ପ୍ରାଣୀ ଦେଖିବାକୁ ମିଳିଥାନ୍ତି। କେତେକ ଜୀବ ଶାରୀରିକ ଗଠନ ପାଇଁ ପରିଚିତ ଥିବାବେଳେ ଆଉ କେତେକ ସେମାନଙ୍କର ଆକ୍ରମଣାତ୍ମକ ଶୈଳୀ ଲାଗି ବି ବେଶ୍ ଜଣାଶୁଣା। ତେବେ ଏଭଳି ଏକ ପ୍ରାଣୀ ଏହାର ପ୍ରାକୃତିକ ବୁଲେଟପ୍ରୁଫ୍ ଜ୍ୟାକେଟ ପାଇଁ ସାରା ବିଶ୍ୱରେ ଜଣାଶୁଣା। ଏହି ପ୍ରାଣୀ ହେଉଛି ଏକମାତ୍ର ଜୀବନ୍ତ ବୁଲେଟପ୍ରୁଫ୍ ପ୍ରାଣୀ। ଏହାର ଶାରୀରିକ ଗଠନ ଏହାକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିଥାଏ। ତେବେ ଏହି ପ୍ରାଣୀର ନାମ ଆର୍ମାଡିଲୋ; ଯାହାର 'ବୁଲେଟପ୍ରୁଫ୍' ଶରୀର ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ଏହା ଉକ୍ତ ପ୍ରାଣୀକୁ ବାହ୍ୟ ବିପଦ ବିରୋଧରେ ଏକ ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା ପ୍ରଦାନ କରେ। ଯାହା ଏକ ବୁଲେଟପ୍ରୁଫ୍ ଜ୍ୟାକେଟ୍‌ଠାରୁ କମ୍ ନୁହେଁ। ପ୍ରକୃତପକ୍ଷେ ଏହି ପ୍ରାଣୀର ଚର୍ମ ବହୁତ କଠିନ, ଯାହା ଏହାକୁ ଶିକାରୀଙ୍କଠାରୁ ରକ୍ଷା କରେ। କିଛି ରିପୋର୍ଟ ଅନୁସାରେ, ଏହି ଚର୍ମ ଏତେ କଠିନ ଯେ ଏକେ-୪୭ ବନ୍ଧୁକର ଗୁଳି ମଧ୍ୟ ଏହା ଉପରେ କୌଣସି ପ୍ରଭାବ ପକାଏ ନାହିଁ। ଆଲୋକରେ ଉଜ୍ଜ୍ୱଳଭାବରେ ଚମକିଥାଏ। ଏହାର ଲାଞ୍ଜ, ଉପର ଅଙ୍ଗ ଏବଂ ମୁଣ୍ଡ ସମସ୍ତ କବଚରେ ଆଚ୍ଛାଦିତ। ଏଥିରୁ ଜଣାପଡୁଛି, ଆର୍ମାଡିଲୋମାନେ ଶିକାରୀଙ୍କ ବିରୋଧରେ ପ୍ରତିରକ୍ଷା ପାଇଁ ସେମାନଙ୍କର ବାହ୍ୟ ଚର୍ମ ଉପରେ ବହୁତ ନିର୍ଭର କରନ୍ତି, ଯାହା ଏକ ଢାଲ ପରି କାର୍ଯ୍ୟ କରିଥାଏ। ଶିକାରୀଙ୍କ ଆକ୍ରମଣ ଅନୁଭବ କରିବା ମାତ୍ରେ ସେମାନେ ଜାକିଜୁକି ହୋଇଯାନ୍ତି। ଆର୍ମାଡିଲୋମାନେ ମୁଖ୍ୟତଃ ମଧ୍ୟ ଓ ଦକ୍ଷିଣ ଆମେରିକା ଏବଂ ଯୁକ୍ତରାଷ୍ଟ୍ରରେ ଦେଖାଯାଆନ୍ତି। ଏମାନଙ୍କୁ ଭେନିଜୁଏଲା ଏବଂ ନେବ୍ରାସ୍କାରେ ମଧ୍ୟ ଦେଖାଯାଇଛି। ଆର୍ମାଡିଲୋମାନେ ଉଦ୍ଭିଦ ଭଳି କୀଟପତଙ୍ଗ ଖାଇଥାନ୍ତି। କିଛି ରିପୋର୍ଟରୁ ଜଣାପଡ଼ିଛି, ସେମାନେ ଜଳ ପହଁରନ୍ତି ଏବଂ ୪-୬ ମିନିଟ ପାଇଁ ସେମାନଙ୍କର ନିଃଶ୍ୱାସ ବନ୍ଦ କରିପାରନ୍ତି। ରିପୋର୍ଟ ଅନୁସାରେ, ଆର୍ମାଡିଲୋ କଇଁଛ ପରି ଏକ ପ୍ରାଣୀ, ଯାହାର କଠିନ ବାହ୍ୟ ଚର୍ମ ତାକୁ ସୁରକ୍ଷା ଦିଏ। ଏହି ଅନନ୍ୟ ପ୍ରାଣୀ ଏହାର ବୁଲେଟପ୍ରୁଫ୍ ଭଳି ଚର୍ମ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାଏ।



## ପୁଣି ମା' ହେଲେ ଭାରତୀ

ମୁମ୍ବାଇ

କମେଡିଆନ ଭାରତୀ ସିଂ ପୁଣି ମା' ହୋଇଛନ୍ତି। ସେ ଏକ ପୁତ୍ର ସନ୍ତାନ ଶୁକ୍ରବାର ଜନ୍ମ ଦେଇଛନ୍ତି। ଭାରତୀ ତାଙ୍କର ଲୋକପ୍ରିୟ ଟିଭି ଶୋ' "ଲାଫ୍‌ଟର ସେଫ୍"ର ଶୁଟିଂ ପାଇଁ ସେଟ୍‌ରେ ବାହାରିଥିଲେ। ସକାଳେ ହଠାତ୍ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯିବାକୁ ପଡ଼ିଥିଲା। ସେଠାରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଏବେ ଉଭୟ ମା' ଏବଂ ନବଜାତକ ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀ ଏବଂ ହର୍ଷ ଲିମ୍ବାଚିୟା ପୂର୍ବରୁ ଏକ ପୁତ୍ର ସନ୍ତାନର ମାତାପିତା ଥିଲେ। କିଛିମାସ ପୂର୍ବରୁ ଏହି ଦମ୍ପତି ପ୍ରଶଂସକଙ୍କ ସହିତ ସେମାନଙ୍କର ଦ୍ୱିତୀୟ ଗର୍ଭଧାରଣ ନେଇ ଘୋଷଣା କରିଥିଲେ। ସ୍ୱିଜରଲାଣ୍ଡ ଛୁଟି ବିତାଇବାକୁ ଯାଇଥିବା ସମୟରେ ସେ ଏହି ଖୁସି ଖବର ଶେୟାର କରିଥିଲେ। ଭାରତୀ ଦୀର୍ଘଦିନ ଧରି ଟିଭି ଇଣ୍ଡଷ୍ଟ୍ରିରେ ଏକ ଜଣାଶୁଣା ନାମ। ତାଙ୍କର ହାସ୍ୟରସ ଏବଂ ସ୍ପଷ୍ଟବାଦୀଶୈଳୀ ସହିତ ସେ ଲକ୍ଷ ଲକ୍ଷ ହୃଦୟ ଜିତିଛନ୍ତି। ତେବେ ଗର୍ଭଧାରଣ ସମୟରେ ମଧ୍ୟ ସେ ଶୁଟିଂ କରୁଥିବାର ଦେଖାଯାଉଥିଲା।



# ଶଙ୍କର, ସୁରେଶ, ସାଗରଙ୍କୁ ରିମାଣ୍ଡରେ ନେଲା ସିବିଆଇ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

- ହଜାରେ କୋଟି ଟଙ୍କା ଡିଲ୍ ପଛର ରହସ୍ୟ ଖୋଲିବ
- ୩ ଅଭିଯୁକ୍ତଙ୍କୁ ମିଛ ଧରା ପରୀକ୍ଷା କରିବ ସିବିଆଇ
- ଶଙ୍କରଙ୍କୁ ପେସାଦାର ଅପରାଧୀ ଦର୍ଶାଇଲେ ସିବିଆଇ କୋର୍ଟ


ଶଙ୍କର ପ୍ରୁଷ୍ଟି


ସୁରେଶ ନାୟକ


ସାଗର ଗୌଡ଼

ଭୁବନେଶ୍ୱର,୧୯।୧୨ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ଜାଲିଆତି ଘଟଣାରେ ସିବିଆଇ ୩ଜଣ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିଛି। ସେମାନେ ହେଲେ ଏହି ବଡ଼ ନିଯୁକ୍ତି ଜାଲିଆତି ର‌୍ୟାକେଟର ମାଷ୍ଟରମାଇଣ୍ଡ ତଥା ପଞ୍ଚସଖ୍ ସଂସ୍ଥାର ମାଲିକ ଶଙ୍କର ପ୍ରୁଷ୍ଟି, ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକ ସୁରେଶ ନାୟକ ଏବଂ ସାଗର ଗୌଡ଼। ସୁରେଶ ଓ ସାଗର ର‌୍ୟାକେଟ୍‌ର ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟିର ପ୍ରମୁଖ ସହଯୋଗୀ ଥିଲେ। ତେଣୁ ସିବିଆଇ ରିମାଣ୍ଡ ସମୟରେ ୩ଜଣ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଛି। ଆର୍ଥିକ କାରବାର, ର‌୍ୟାକେଟ ପଛରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ସିବିଆଇ ଅଧିକାରୀମାନେ ଆଶା ରଖିଛନ୍ତି।

ଶୁକ୍ରବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଅନୁମତି ଦେବା ପରେ ସିବିଆଇର ଅଧିକାରୀମାନେ ଝାରପଡ଼ା ଜେଲ ଯାଇ ୩ ଅଭିଯୁକ୍ତଙ୍କୁ ସିବିଆଇ କାର୍ଯ୍ୟାଳୟ ନେଇ ମାରାଥନ ଜେରା ଆରମ୍ଭ କରିଛନ୍ତି। ବିଶେଷକରି ଶଙ୍କରଙ୍କଠାରୁ ହଜାରେ କୋଟି ଟଙ୍କା ଡିଲ୍, ପ୍ରଚ୍ଛଦପଟରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେହିଭଳି ଅନ୍ୟ ଦଲାଲଙ୍କଠାରୁ ସଂଗ୍ରହ କରିଥିବା ତଥ୍ୟକୁ ନେଇ ଶଙ୍କର ଓ ଅନ୍ୟମାନଙ୍କୁ ଜେରା ଚାଲିଛି। ତେବେ ଶଙ୍କର ଜଣେ ପେସାଦାର ଅପରାଧୀ ବୋଲି ସିବିଆଇ ଅଦାଲତରେ ଦର୍ଶାଇଛି। ଏହି ଗୋଟିଏ ପରୀକ୍ଷା ନୁହେଁ, ପୂର୍ବରୁ ହୋଇଥିବା ଏକାଧିକ ପରୀକ୍ଷାରେ ଶଙ୍କରଙ୍କ ଭୂମିକା ରହିଥିବା ଜଣାପଡ଼ିଛି। ଶଙ୍କରଙ୍କୁ ପଚରାଉଚରା ପରେ ଅନେକ ଚିତ୍ର ଓ ଚରିତ୍ର ସାମ୍ନାକୁ ଆସିବ। ଏଥିରେ ସମ୍ପୃକ୍ତ ବଡ଼ ବଡ଼ିଆଙ୍କୁ ଧରିବାକୁ ସହଜ ହେବ ବୋଲି ଆଶା କରାଯାଉଛି। ଶଙ୍କର ଲିଙ୍କ୍ ଓ ସନ୍ଦେହ ଘେରରେ ଥିବା ବ୍ୟକ୍ତିଙ୍କୁ ହାଜର ଲାଗି ସିବିଆଇ ସମନ କରିଛି। ଏଥିସହ ସୁରେଶଙ୍କଠାରୁ ମଧ୍ୟ ବହୁ ପ୍ରମାଣ ଯୋଗାଡ଼ କରିବ ସିବିଆଇ। ପ୍ରଶ୍ନପତ୍ର ଛାପା ଓ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା, ଟ୍ରାନ୍ସପୋର୍ଟ ଦାୟିତ୍ୱ ନେଇଥିବା ସୁରେଶଙ୍କ ସଂସ୍ଥା ସିଲିକନ ଟେକ୍ ଲାବ୍‌ର କାର୍ଯ୍ୟାଧାରାର ପୂରା ଚିତ୍ର ପଦାକୁ ଆସିବ। ଶଙ୍କରର ଦଲାଲ ନେଟ୍‌ୱର୍କ ଥିବାରୁ ସେହି ଆଧାରରେ ମୋଟା ଅଙ୍କର ଟଙ୍କା ହାତେଇବାକୁ ମିଳିତ ଷଡ଼ଯନ୍ତ୍ର ହୋଇଥିଲା। ଚାକିରି ପାଇଁ ପ୍ରତି ପିଲାଙ୍କଠାରୁ ୨୫ଲକ୍ଷ ଟଙ୍କା ଡିଲ୍ ହୋଇଥିବାବେଳେ ୧୨ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ଅଗ୍ରିମ ନିଆଯାଇଥିଲା। ଅନ୍ୟପକ୍ଷରେ ଘଟଣା ପଦାକୁ ଆସିବା ପରେ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କୁ ନିଜ ଘରେ ଆଶ୍ରୟ ଦେବା ସହ ନେପାଳ ସୀମାନ୍ତ ଉତ୍ତରାଖଣ୍ଡକୁ ଖସାଇବାରେ ବଡ଼ ଭୂମିକା ମଧ୍ୟ ନେଇଥିଲେ ସୁରେଶ। ତେଣୁ ସିବିଆଇ ୩ଜଣଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରୁଛି। ହେଲେ ଶଙ୍କର ସିବିଆଇ ଅଧିକାରୀଙ୍କୁ ମିଛ କହୁଥିବା ସୂଚନା ମିଳିଛି। ପୂର୍ବରୁ ମଧ୍ୟ କ୍ରାଇମବ୍ରାଞ୍ଚ ଶଙ୍କର ଏବଂ ଅନ୍ୟମାନଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲେ ମଧ୍ୟ ସେମାନେ ପାଟି ଖୋଲି ନ ଥିଲେ। ତେଣୁ ସିବିଆଇ ରିମାଣ୍ଡର ଶେଷଦିନରେ ସେମାନଙ୍କର ମିଛଧରା ପରୀକ୍ଷା (ଲାଏ ଡିଟେକ୍ସନ୍) ପରୀକ୍ଷା କରାଇବ ବୋଲି ଜଣାପଡ଼ିଛି। ଶଙ୍କର ନାମରେ ହତ୍ୟା, ଜାଲିଆତି ଏବଂ ଠକେଇ ମାମଲା ରହିଛି। ପୂର୍ବରୁ ତାଙ୍କ ନାମରେ ପ୍ରଶ୍ନପତ୍ର ଭାଇରାଲ କରିବା ଭଳି ମାମଲା ରହିଛି। ତେଣୁ ଶଙ୍କର ଜଣେ ପେଶାଦାର ଅପରାଧୀ ହୋଇଥିବାରୁ ସିବିଆଇ ତାଙ୍କର ଆପରାଧିକ ହିଷ୍ଟ୍ରି ଘାଣ୍ଟୁଛି। ଅନ୍ୟପକ୍ଷରେ ଗିରଫ ପରୀକ୍ଷାର୍ଥୀ ଏବଂ ଦଲାଲଙ୍କଠାରୁ ଜବତ ହୋଇଥିବା ୧୩୩ଟି ମୋବାଇଲ୍ ଫୋନ୍‌କୁ ସିବିଆଇ ରାଜ୍ୟ ବାହାରର ଏକ ଫୋରେନସିକ୍ ସଂସ୍ଥାକୁ ହସ୍ତାନ୍ତର କରିଛି। ସେଥିରୁ ହ୍ୱାଟ୍ସଆପ୍ ଚାଟ୍, ଫଟୋ, କଲ୍ ଡିଟେଲ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ। ଅନେକ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ପ୍ରଶ୍ନପତ୍ର ପଠାଯାଇଥିଲା। ତେଣୁ ସିବିଆଇ ତାହାକୁ ବାହାର କରିବା ପାଇଁ ଲାଗିଯାଇଛି। ସମସ୍ତ ମୋବାଇଲ୍‌ର ପରୀକ୍ଷା ରିପୋର୍ଟ ଆସିଲେ ଏହି ରାକେଟ୍‌ରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯାଇପାରେ ବୋଲି କୁହାଯାଉଛି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

**ବୃଦ୍ଧାଙ୍କୁ ଲୁଟ୍ କରି ହତ୍ୟା ମାମଲା**

ଭୁବନେଶ୍ୱର,୧୯।୧୨ (ସତ୍ୟଜିତ ରାଉତ)


ଅଭିଯୁକ୍ତ ନାରାୟଣ ମହାନ୍ତି

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ୍‌ରେ ଘରେ ପଶି ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରିବା ପରେ ହତ୍ୟା ମାମଲାରେ ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ହିମାଂଶୁ ଶେଖର ମଲ୍ଲିକ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ନାରାୟଣ ମହାନ୍ତିଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ସହ ଅଭିଯୁକ୍ତ ଥିବା ଜଣେ ନାବାଳକଙ୍କ ବିଚାର ପ୍ରକ୍ରିୟା ବ୍ରହ୍ମପୁରସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ଚାଲିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ମୃତ ମହିଳା ଜଣକ ହେଲେ ତୁଳସୀ ଦେବୀ। ସ୍ୱାମୀ ଚକ୍ରପାଣୀଙ୍କ ସହ ସେ ଆଇଆର୍‌ସି ଭିଲେଜସ୍ଥିତ ନିଜ ଘରେ ରହୁଥିଲେ। ପ୍ରଥମ ମହଲାରେ ସେମାନେ ରହୁଥିବା ବେଳେ ତଳ ମହଲା ଓ ଦ୍ୱିତୀୟ ମହଲାକୁ ସେ ଭଡା ଲଗାଇଥିଲେ। ୨୦୨୦ ଜୁଲାଇ ୨୬ ସକାଳ ପ୍ରାୟ ୯ଟା ୧୫ରେ ସେ ମାଛ କିଣିବା ଲାଗି ନିକଟ ବଜାରକୁ ଯାଇଥିଲେ। ଏହି ସମୟରେ ନାରାୟଣ ଓ ସହଯୋଗୀ ଜଣକ ଘରେ ପଶି ତୁଳସୀଙ୍କୁ କଟୁରୀରେ ହାଣି ସୁନା ଚେନ୍ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ତୁଳସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ୪ ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୨୭୫/୨୦୨୦) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। କୋର୍ଟ ୧୭ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଭିଯକ୍ତ ନାରାୟଣଙ୍କୁ ଆଇପିସି ଦଫା ୩୯୪, ୪୫୦ ଓ ୩୦୪ (ଭାଗ-୨) ଆଧାରରେ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଶୁଭଶ୍ରୀ ଜେନା ମାମଲା ପରିଚାଳନା କରିଥିଲେ।

# ୧୦ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୧୯।୧୨ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକା ୫ ମାସର ଗର୍ଭବତୀ ହେବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୀରମିତ୍ରପୁର ପୋଲିସ ଗୁରୁବାର ଗିରଫ କରି ଶୁକ୍ରବାର ସୁନ୍ଦରଗଡ଼ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁଲଦୀପ ହାସଦା(୨୩)। ଏନେଇ ପୋଲିସ ସେକ୍ସନ-୬ ପୋକ୍ସୋ ଆକ୍ଟରେ ଏକ ମାମଲା ନଂ.୬୧୬/୨୫ ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ୧୦ମ ଶ୍ରେଣୀର ଛାତ୍ରୀ। ଗତ ଜୁନରେ ନାବାଳିକାଙ୍କୁ ଏକୁଟିଆର ସୁଯୋଗ ନେଇ କୁଲଦୀପ ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ନ ଜଣାଇବା ପାଇଁ ଧମକ ଚମକ ଦେଇ ତାଙ୍କୁ ଚୁପ କରାଇ ଦେଇଥିଲେ। ହେଲେ ଗତ ୨ ଦିନ ତଳେ ନାବାଳିକାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଡାକ୍ତର ପରୀକ୍ଷା କରିବାରୁ ସେ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏନେଇ ପରିବାର ଲୋକେ ଗୁରୁବାର ବୀରମିତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ କୁଲଦୀପଙ୍କ ଡାକ୍ତରୀ ମାଇନା କରି ଶୁକ୍ରବାର ସୁନ୍ଦରଗଡ଼ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ସଖୀ କେନ୍ଦ୍ରକୁ ପଠାଯାଇଛି।

# ବିଦ୍ୟୁତ୍ ତାର ଚୋରି, ୮ ଗିରଫ


ଗିରଫ ଅଭିଯୁକ୍ତ, ଜବତ ସାମଗ୍ରୀ।

ପାଟଣାଗଡ଼/ଖପ୍ରାଖୋଲ, ୧୯।୧୨ (ସଚ୍ଚିଦାନନ୍ଦ ମହାକୁର/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବିଦ୍ୟୁତ୍ ଚୋରି ଗ୍ୟାଙ୍ଗର ୭ ଜଣ ସଦସ୍ୟ ଏବଂ ଚୋରି ସାମଗ୍ରୀ କିଣିଥିବା ଏକ ଆଲୁମିନିୟମ କମ୍ପାନୀର ମାଲିକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଣ୍ଟାବାଞ୍ଜି ଥାନା ଅଞ୍ଚଳର ଅଶୋକ ମଲ୍ଲିକ, ନୃପ ବରର୍ତ୍ତି, ପ୍ରଶାନ୍ତ ବରର୍ତ୍ତି, ରୋହିତ କୁମ୍ଭାର, ଭରତ କୁମ୍ଭାର, ମୁକେଶ ନାଏକ, ସଞ୍ଜୟ ତାଣ୍ଡି ଓ ଚୋରା ଆଲୁମିନିୟମ ବିଦ୍ୟୁତ୍ ତାର କିଣିଥିବା ଆମପଡ଼ାର ପ୍ରକାଶ ବେହେରା। ସେମାନଙ୍କ ନିକଟରୁ ଚୋରିରେ ବ୍ୟବହୃତ ଏକ ଟାଟା ଏସିଇ, ୩ଟି ବାଇକ୍, ୮ଟି ମୋବାଇଲ ଫୋନ, ୧୫ ହଜାର ୮୫୦ ଟଙ୍କା, ଆଲୁମିନିୟମ ବିଦ୍ୟୁତ୍ ତାର, ବାସନ ସମେତ ବିଭିନ୍ନ ଚୋରି ସାମଗ୍ରୀ ଜବତ ହୋଇଥିବା ନେଇ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ କହିଛନ୍ତି।

ସୂଚନାନୁଯାୟୀ, ୧୫ ଦିନ ତଳେ ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ମାଟିଖାଇ ଗ୍ରାମ ନିକଟରେ ଆଲୁମିନିୟମ ବିଦ୍ୟୁତ୍ ତାର ଚୋରି ହୋଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଖପ୍ରାଖୋଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୭୭/୨୫) ରୁଜୁ କରିଥିଲା। ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଅଭିଯୁକ୍ତମାନଙ୍କୁ ପୋଲିସ କଣ୍ଟାବାଞ୍ଜିରୁ ଗିରଫକରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଲାଞ୍ଚ ମାମଲା: ପୂର୍ବତନ ସିଡିପିଓଙ୍କୁ ୪ ବର୍ଷ ଜେଲ

ଭବାନୀପାଟଣା,୧୯।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ପୂର୍ବତନ ସିଡିପିଓ (ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ) ମୀନା ପାତ୍ର ୨୦୨୧ର ଏକ ଲାଞ୍ଚ ମାମଲାରେ ଶୁକ୍ରବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ଅଭିଯୁକ୍ତ ପୂର୍ବତନ ସିଡିପିଓ ପାତ୍ରଙ୍କୁ ୪ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ କାର୍ଯ୍ୟ କରୁଥିବା ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସରୋଜିନୀ ପ୍ରଧାନଙ୍କୁ ବକେୟା ଛତୁଆ ବିଲ କରିଦେବା ପାଇଁ ପୂର୍ବତନ ସିଡିପିଓ ପାତ୍ର ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ସରୋଜିନୀ ଗତ ୩ ଅକ୍ଟୋବର ୨୦୨୧ରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ୪ ତାରିଖରେ ସରୋଜିନୀଙ୍କଠାରୁ ପୂର୍ବତନ ସିଡିପିଓ ନିଜ କାର୍ଯ୍ୟାଳୟରେ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭବାନୀପାଟଣା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

# ପ୍ରଥମ ସାକ୍ଷୀ ମହିଳା କନ୍‌ଷ୍ଟେବଲଙ୍କ ବୟାନ ରେକର୍ଡ

**ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

**ଜାନୁଆରୀ ୧୬, ୧୭ରେ ପରବର୍ତ୍ତୀ ବିଚାର ପାଇଁ ଦିନ ଧାର୍ଯ୍ୟ**

ବ୍ରହ୍ମପୁର,୧୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣବଳାତ୍କାର ମାମଲାର ବିଚାର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଆୟୁଷମାନ ମହନ୍ତଙ୍କ କୋର୍ଟରେ ଚାଲିଛି। ଶୁକ୍ରବାର ଉକ୍ତ ମାମଲାର ପ୍ରଥମ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ଗୋପାଳପୁର ଥାନାର ଜଣେ ମହିଳା କନ୍‌ଷ୍ଟେବଲ ବେଳାଭୂମିରୁ ଅଭିଯୁକ୍ତମାନଙ୍କ କେତେକ ଜିନିଷ ଜବତ କରିଥିଲେ। ସେ ଉକ୍ତ ମାମଲାର ସାକ୍ଷୀ ଭାବେ କୋର୍ଟରେ ହାଜର ହୋଇ ନିଜର ବୟାନ ଦେଇଛନ୍ତି। ଜାନୁଆରୀ ୧୬ ଓ ୧୭ ଦୁଇଦିନ ପରବର୍ତ୍ତୀ ବିଚାର ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ତଥା ମାମଲାର ତଦନ୍ତକାରୀ ଅଧିକାରୀ ସରିତା ମହାପାତ୍ର ସୂଚନା ଦେଇଛନ୍ତି। ଏହି ମାମଲାରେ ୬୦ ଜଣ ସାକ୍ଷୀ ରହିଥିବା ସେ କହିଛନ୍ତି।

ଏହାପୂର୍ବରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ମାମଲାର ୫ ଅଭିଯୁକ୍ତ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କୁ ପୋଲିସ ଗତ ୮ ତାରିଖରେ କଡ଼ା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସେମାନଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଯେଉଁସବୁ ଦଫା ଲଗାଇଛି ଜଜ୍ ସେମାନଙ୍କୁ କହିଥିଲେ। ତାହା ଚାର୍ଜଫ୍ରେମ ହୋଇଛି ବୋଲି ଜଜ୍ ସେମାନଙ୍କୁ ଜଣାଇଥିଲେ। ଅନ୍ୟପଟେ ପୂର୍ବରୁ ଅଭିଯୁକ୍ତ ୪ ନାବାଳକଙ୍କ ମଧ୍ୟରୁ ୩ ଜଣଙ୍କୁ କୋର୍ଟ ସାବାଳକ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କର ଉକ୍ତ କୋର୍ଟରେ ଚାର୍ଜଫ୍ରେମ ହୋଇସାରିଛି। ଶୁକ୍ରବାର ସମସ୍ତ ୮ଅଭିଯୁକ୍ତ ଜେଲରେ ଥିବା ବେଳେ ଆଭାସି ମାଧ୍ୟମରେ ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada

Office Order No.5711/Dt.15.12.2025//

1st Corrigendum to National Competitive Bidding e_procurement Notice No.5519/Road work Dt.29.11.2025 (NCB No.-403)

**No.O-1827** : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 16.12.2025 at 11.00 A.M. to 30.12.2025 up to 05.00 P.M. | 30.12.2025 at 11.00 A.M. to 16.01.2026 up to 05.00 P.M. |
| 2 | Date & Time of Seeking Tender Clarification if any | 29.12.2025 up to 05.00 P.M. | 15.01.2026 up to 05.00 P.M. |
| 3 | Date & Time of Opening of Technical Bid | 31.12.2025 at 11.00 A.M. | 17.01.2026 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.

Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA

OIPR-25130/11/0075/2526

**Government of Odisha, "e"-Procurement Notice**
**WORKS DEPARTMENT**
**Bid Identification No. CCEKC-18/2025-26**

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

No.B-840 Letter No. 6225 dt. 11.12.2025

1. Name of the work : 5 number of Building Works and 1 number of Bridge/Road Works
2. Eastimated cost : Rs.136.49 Lakhs to Rs.422.54 Lakhs
3. Class of contractor : "B"& "A" Class
4. Period of completion : 06 (Six) Calendar Months to 10 (Ten) Calendar Months
5. Date and Time of availability of bid document in the portal : From 11.00 Hours of 23.12.2025 to 16.00 Hours of 06.01.2026
6. Last date / Time for receipt of bids in the portal : 16.00 Hours of 06.01.2026
7. Date of opening of bid from portal : 11.30 Hours on 07.01.2026
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0105/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel: 2545586/2545852,
email- serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**

**Bid identification no:- VI-10(10)/SERIFED/2025-26/ 2176**

**No.CAD-2748** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors for the work 01 (One) no of work at Bargarh. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 20.12.2025 to 17.00 hours up to dt. 02.01.2026. Online bids shall be received till 17.00 hours dt. 02.01.2026 & shall be opened at 11.30 AM on Dt. 03.01.2026. Any addendum / corrigendum/cancellation of tender can also be seen in the said website.

OIPR-31005/11/0028/2526 Sd./- MANAGING DIRECTOR

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**

Mail Id:sepwdbalangir@gmail.com

**e-Procurement Notice**

**BID IDENTIFICATION No: CCE(R&B)BGR/15/2025-26**

Letter No.2676 Dtd.12.12.2025

**No.B-847:**The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B"**, **"A"** & **"Special"** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.

1. Nature of Work : Building
2. No. of Tender : Building Work-12 Nos.
3. Tender Cost : Rs.10,000/-
4. Class of Contractor : **"B", "A" & "Special" Class**
5. Date & Time of Sale & Receipt of Bids : From Dt.23.12.2025, 06.55 P.M. to Dt.07.01.2026 upto 05.00 P.M.
6. Date of Opening Bid : Dt.08.01.2026 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd./- Chief Construction Engineer
Balangir (R&B) Circle, Balangir

OIPR-34131/11/0029/2526

**OFFICE OF THE DEPUTY DIRECTOR OF FISHERIES (GANJAM ZONE), BERHAMPUR**

EMAIL-ID : ddfgzbam2016@gmail.com Phone : 0680-2401666

Notice No.801/Dt.16.12.2025

**Tender Call Notice**

**No.M-41** : Sealed quotations/tenders are invited from interested reputed travel agencies/ Tour operators/ individuals for providing **1 (one) no.** of AC diesel/ petrol driven vehicle having sitting capacity not more than 5 including driver, which shall conform to the Terms and Conditions (Annexure-I) for official use in the office of Deputy Director of Fisheries (Ganjam Zone), Berhampur on monthly basis.

1. The service Provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM platform.
3. The Vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness certificate, Pollution certificate, valid contract carriage permit, proof of up-to-date tax payment etc. mandatory for plying of vehicle.
4. The driver of the vehicle must have a valid driving license for driving light transport passenger vehicle and should be sufficiently experienced in driving transport/ passenger vehicle.
5. The driver should be well behaved, gentle and obedient in nature.
6. A sum of **Rs. 5000/- (Five thousand rupees only)** shall be deposited by the intending bidders in shape of Account payee Bank Draft drawn in favour of the **"Deputy Director of Fisheries (Ganjam Zone)", Berhampur** and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately excluding fuel.
8. The vehicle must achieve a fuel efficiency of **17 km** per litre.
9. The details of the make and year of manufacture of the vehicle, registration no., mileage (km. covered per litre) and name of the driver, Driving license no. and period of validity should be specifically provided in the general bid information to be furnished with the Quotation/ Tender (Annexure-II).
10. The quotation completed in all respect should reach the undersigned on or before **30.12.2025 by 12.30 PM** and shall be opened on the same day at **1 PM** in presence of bidders or their authorized representatives and the committee members.
11. The application form of quotation/tender containing General Bid Information & Terms and conditions for hiring of vehicles etc. will be available in the **office of the Deputy Director of Fisheries (Ganjam Zone), Berhampur from date 17.12.2025 to 29.12.2025**.
12. The undersigned reserves the right to accept/ reject any/ all offer(s) without assigning any reason thereof.

Sd./- Deputy Director of Fisheries
Ganjam Zone, Berhampur

OIPR-06074/11/0002/2526

**OFFICE OF THE NOTIFIED AREA COUNCIL, CHIKITI, GANJAM**

Letter No. 1675 Date.16.12.2025

**Corrigendum of e-tender call Notice No. CHKT-NAC-02/2025-26 published vide letter no. 1544, dtd. 28.11.2025**

**No.C-1825** : The DTCN published vide e-Tender call notice no. CHKT-NAC-02/2025-26 published With reference to Tender No. 1544, dated 28.11.2025, issued for the Request for Proposal for "Providing Outsourcing Services for Sanitation Maintenance Work **(Ward no.01 - 12)** under Chikiti N.A.C.", it is hereby notified that certain modifications in the eligibility criteria are being issued as a result of a technical issue and the following clarifications/amendments shall be read as part of the tender document.

**Modification in Eligibility & Evaluation Criteria**

In continuation to the clarification issued due to technical reasons, the following modifications are hereby made to the tender document and shall be treated as part of the RFP:

**Page No. 14 - Eligibility Criteria**

**Point D**

**Existing Clause:**
The bidder should have at least 5 years of experience in successfully providing sanitation workers to Urban Local Bodies (ULBs) for similar nature of work, including street sweeping, drain cleaning and de-silting and transportation of municipal solid waste (MSW).

**Modified Clause:**
The bidder should have at least 3 years of experience in successfully providing sanitation workers to Urban Local Bodies (ULBs) for similar nature of work, including street sweeping, drain cleaning and de-silting and transportation of municipal solid waste (MSW).

**Point G**

**Existing Clause:**
Should have enrolled at least 300 employees as on date of bid submission. EPF Challan & payment confirmation slip of last 3 months must be submitted in support.

**Modified Clause:**
Should have enrolled at least 250 employees as on date of bid submission. EPF Challan & payment confirmation slip of last 3 months must be submitted in support.

**Point J**

**Existing Clause:**
Valid labour license under Contract Labour (Regulation and Abolition) Act, 1970 for at least 400 workers.

**Modified Clause:**
Valid labour license under Contract Labour (Regulation and Abolition) Act, 1970 for at least 300 workers.

**Page No. 15 - Evaluation Criteria**

**Point 5**

The clause **"≥600 15 marks"** shall be read as:
**"More than 600 15 marks"**

OIPR-13222/11/0006/2526 Sd./- Executive Officer, NAC, Chikiti

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, MOHANA**

E-mail: rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No.Online Tender 11/MOHANA/2025-26**

**No.O-1802:** 1.Name of the Work : Building Works, 2. Total No. Work : 02 (Two) Nos. 3. Estimated Cost : 1.49 Lakhs to 6.97 Lakhs., 4. Class of Contractor : As per Annexure. 5. Period of Completion : As per Annexure., 6. Other details:

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of Opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 11/ MOHANA/ 2025-26 | 02 (Two) Nos. | 23.12.2025 from 11.00 A.M. | 01.01.2026 upto 5.00 P.M. | 30.12.2025 upto 5.00 P.M. | 02.01.2026 at 11.00 AM |

Further details can be seen from the Website www.tenderodisha.gov.in

OIPR-25148/11/0059/2526 Sd./- Executive Engineer, R.W.Division, Mohana

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାର୍ଡ ଆଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

## ୬ ଦଫା ଦାବି ନେଇ ତୀବ୍ର ହେବ ଆନ୍ଦୋଳନ




**ଭୁବନେଶ୍ୱର,୧୯।୧୨(ଅନୁରାଧା ମହାରଣା)** ନାବାର୍ଡରେ ସିଧାସଳଖ ନିଯୁକ୍ତିପ୍ରାପ୍ତ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନର ଅନୁମୋଦନ ଓ ପରିବାର ପେନ୍‌ସନ ସଂଶୋଧନରେ ଭାରତ ସରକାରଙ୍କ ପୂର୍ବଅନୁମୋଦନ ସତ୍ତ୍ୱେ ନାବାର୍ଡ ଦ୍ୱାରା କାର୍ଯ୍ୟକାରିତାରେ ଅହେତୁକ ବିଳମ୍ବ ହେତୁ ପେନ୍‌ସନ ସମ୍ବନ୍ଧୀୟ ପ୍ରସଙ୍ଗ ବିଚାର ହୋଇପାରି ନ ଥିବା ଅଖିଳ ଭାରତୀୟ ନାବାର୍ଡ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘ (ଏଆଇଏନ୍‌ଆରଇଡବ୍ଲ୍ୟୁଏ) ପକ୍ଷରୁ ଅଭିଯୋଗ ହୋଇଛି। ୬ଦଫା ଦାବି ନେଇ ନାବାର୍ଡର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାରା ଦେଶରେ ୩୫୦୦ରୁ ଅଧିକ ସଦସ୍ୟଙ୍କୁ ନେଇ ଗଠିତ ଏଆଇଏନ୍‌ଆରଇଡବ୍ଲ୍ୟୁଏ ୨୦୧୭ ନଭେମ୍ବର ପୂର୍ବରୁ ଅବସରପ୍ରାପ୍ତ ନାବାର୍ଡ ନିଯୁକ୍ତିପ୍ରାପ୍ତଙ୍କ ପାଇଁ ପେନ୍‌ସନରେ ସଂଶୋଧନ ଦାବି କରିଛି। ଏହା ସହ କେନ୍ଦ୍ର ଅନୁମୋଦିତ ପରିବାର ପେନ୍‌ସନର ସଂଶୋଧନ ଏବଂ ପରିବାର ପେନ୍‌ସନର ଉପର ସୀମାକୁ ହଟାଇବା ସହ ୨୦ ବର୍ଷ ଚାକିରି ପରେ ପୂର୍ଣ୍ଣ ପେନ୍‌ସନ ପ୍ରଦାନ ଏବଂ ଶେଷ ଦରମା କିମ୍ବା ହାରାହାରି ୧୦ ମାସର ଦରମା ଆଧାରରେ ପେନ୍‌ସନ ସ୍ଥିର କରିବା ଅନ୍ୟ ଏକ ଦାବି ରହିଛି। ଭାରତ ସରକାର ସେମାନଙ୍କର ୨୧ ଜୁଲାଇ ୨୦୨୩ର ଆଦେଶ ଅନୁଯାୟୀ ନାବାର୍ଡ ନିଯୁକ୍ତ ପେନ୍‌ସନଭୋଗୀଙ୍କୁ ପେନ୍‌ସନ ସଂଶୋଧନ ପାଇବାରୁ ଅନ୍ୟାୟ ଭାବରେ ବାଦ୍ ଦେଇଛନ୍ତି ଏବଂ ନାବାର୍ଡରେ ୨ ଶ୍ରେଣୀର ଅବସରପ୍ରାପ୍ତ ବ୍ୟକ୍ତି ସୃଷ୍ଟି କରିଛନ୍ତି, ଯେଉଁମାନେ ନାବାର୍ଡର ସୃଷ୍ଟିଠାରୁ ଅର୍ଥାତ୍ ଦୀର୍ଘ ୪୩ ବର୍ଷଧରି କୌଣସି ପ୍ରକାର ପାତରଅନ୍ତର ବିନା ସମାନ ଭାବେ ବିବେଚିତ ହେଉଥିଲେ। ସରକାରୀ ଆଦେଶ କେବଳ ପକ୍ଷପାତମୂଳକ ନୁହେଁ ବରଂ ନାବାର୍ଡ ପେନ୍‌ସନ ନିୟମାବଳୀ ୧୯୯୩ର ମଧ୍ୟ ଉଲ୍ଲଂଘନ କରୁଛି ଏବଂ ସମ୍ବିଧାନର ଧାରା ୧୪ ଅନୁଯାୟୀ ଆଇନ ଆଗେ ସମାନତା ନୀତିର ମଧ୍ୟ ଉଲ୍ଲଂଘନ କରୁଥିବା ସଂଘ ଦର୍ଶାଇଛି। ଏହି ଅବସରରେ ଏକ ଗଣ ପ୍ରତିନିଧିତ୍ୱରେ ପ୍ରଧାନ କାର୍ଯ୍ୟାଳୟରେ ନାବାର୍ଡ ଅଧ୍ୟକ୍ଷଙ୍କୁ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ଓଆଇସିଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ୟାଗୁଡ଼ିକର ଦ୍ରୁତ ସମାଧାନ ନହେଲେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଆହୁରି ତୀବ୍ର କରାଯିବ ବୋଲି ସଭାପତି ବିକ୍ରମ କୁମାର ଦାଶ ଚେତାବନୀ ଦେଇଛନ୍ତି।

# ଇଚ୍ଛାପୁରୀରୁ ମୁନ୍ଦ୍ରା ବନ୍ଦର ଗଡ଼ିଲା ରପ୍ତାନି କାର୍ଗୋ ଏକ୍ସପ୍ରେସ୍

**ଭୁବନେଶ୍ୱର,୧୯।୧୨** ଭାରତୀୟ ରେଳପଥ ରପ୍ତାନି-କେନ୍ଦ୍ରିତ, ନିଶ୍ଚିତ ମାଲ ପରିବହନ ସେବା, ରପ୍ତାନି କାର୍ଗୋ ଏକ୍ସପ୍ରେସ୍, ଗୁରୁଗ୍ରାମର ଇଚ୍ଛାପୁରୀ କଣ୍ଟେନର ଟର୍ମିନାଲରୁ ମୁନ୍ଦ୍ରା ବନ୍ଦର ପର୍ଯ୍ୟନ୍ତ ଏକ ଡବଲ-ଷ୍ଟାକ୍ କଣ୍ଟେନର ଟ୍ରେନ ଭାବରେ ପରିଚାଳନା କରୁଛି। ପୂର୍ବରୁ, ଗୁରୁଗ୍ରାମର ଗଡ଼ିରୁ ନିଶ୍ଚିତ ମାଲ ପରିବହନର ୨୦ଟି ଟ୍ରିପ୍ ପରିଚାଳିତ ହେଉଥିଲା। ଏହି ରେଳ ମାଲ ପରିବହନ ସେବା ପ୍ରଥମ ଥର ପାଇଁ ଗୁରୁଗ୍ରାମର ଇଚ୍ଛାପୁରୀରୁ ପରିଚାଳିତ ହେଉଛି। ମୁନ୍ଦ୍ରା ବନ୍ଦରକୁ ଏହି ସାପ୍ତାହିକ ସେବା ଦ୍ରୁତ, ନିର୍ଭରଯୋଗ୍ୟ ମାଲ ପରିବହନ ସୁନିଶ୍ଚିତ କରି ରପ୍ତାନିକାରୀଙ୍କ ପାଇଁ ଲାଭଦାୟକ ହେବ, ମାଲ ପରିବହନ ବିଳମ୍ବ ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରିବ। ଉତ୍ତର ରେଳପଥର ଦିଲ୍ଲୀ ଡିଭିଜନ ରପ୍ତାନିକାରୀଙ୍କ ପାଇଁ ନିଶ୍ଚିତ ମାଲ ପରିବହନ ସେବା ପରିଚାଳନା କରୁଛି। ଏହି ସ୍ୱତନ୍ତ୍ର ଭାବରେ ପରିଚାଳିତ ମାଲ ପରିବହନ ଟ୍ରେନ୍ ସର୍ବନିମ୍ନ ଷ୍ଟପେଜ, ନିର୍ବିଘ୍ନ ଗତିବିଧି ଏବଂ ମାଲ ପରିବହନର ଦ୍ରୁତ, ସମୟସୀମା ପ୍ରଦାନକରେ।

# ଆଜି ଯାଜପୁରରୋଡ୍‌ରେ ଖିମ୍‌ଜୀ ଜୁଏଲର୍ସର ଉଦ୍‌ଘାଟନ




**ଭୁବନେଶ୍ୱର,୧୯।୧୨(ହର୍ଷବର୍ଦ୍ଧନ ବେହେରା)** ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଯାଜପୁରରୋଡ୍‌ରେ ଏକ ୬୦୦୦ ବର୍ଗଫୁଟ ବିଶିଷ୍ଟ ଶୋ'ରୁମ୍‌ର ଉଦ୍‌ଘାଟନ କରାଯିବ। ପଙ୍କଜ ହୋଟେଲ ନିକଟସ୍ଥ ବ୍ୟାଙ୍କ ଷ୍ଟ୍ରିଟ୍ ରୋଡ୍‌ରେ ଅବସ୍ଥିତ ଏହି ଶୋ'ରୁମ୍ ଓଡ଼ିଶାର ୧୧ତମ ଶୋ'ରୁମ୍। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ ସୁମୀତ ଖିମ୍‌ଜୀ, ଖିମ୍‌ଜୀ ପରିବାରର ସଦସ୍ୟମାନେ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିବେ। ଷ୍ଟୋର୍ ଲେଆଉଟ୍ ଗ୍ରାହକମାନଙ୍କୁ ଖିମ୍‌ଜୀ ଜୁଏଲର୍ସର ଅସାଧାରଣ କାରିଗରି ଅନ୍ୱେଷଣ କରିବାର ସୁଯୋଗ ଦେଇଥାଏ ଯାହା କାଳଜୟୀ ସୁନା ଓ ହୀରା ଗହଣାରୁ ଆରମ୍ଭକରି ନୂଆ ରୁପା ଓ ଫ୍ୟାଶନ ଗହଣା ପର୍ଯ୍ୟନ୍ତ ରହିଛି। ଏହି ଷ୍ଟୋର୍ କର୍ପୋରେଟ ଉପହାରର ବଢୁଥିବା ଚାହିଦାକୁ ମଧ୍ୟ ପୂରଣ କରିବ ଏବଂ କର୍ପୋରେଟ କ୍ଲାଏଣ୍ଟମାନଙ୍କ ପାଇଁ ଅନନ୍ୟ ଓ ବେସ୍ପୋକ ଉତ୍ପାଦ ପ୍ରଦାନ କରିବ । ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଯାଜପୁର ରୋଡ୍ ଦୀର୍ଘ କାଳରୁ ଓ ଶିଳ୍ପ ବିକାଶର କେନ୍ଦ୍ରବିନ୍ଦୁ ରହିଛି ଏବଂ ଖିମ୍‌ଜୀ ଜୁଏଲର୍ସରେ ଆମେ ଏହାକୁ ଯାଜପୁର ରୋଡ୍‌ର ଅଗ୍ରଗତିର ଯାତ୍ରାରେ ଯୋଗଦେବାର ଉପଯୁକ୍ତ ସମୟ ଭାବି ଦେଖୁଛୁ। ଆମର ନୂଆ ଶୋ'ରୁମ୍ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ କେବଳ ଆମର ବିଶ୍ୱାସ ଓ କାରିଗରିର ଐତିହ୍ୟ ନୁହେଁ ବରଂ ସେମାନଙ୍କ ଆଧୁନିକ ଓ ପ୍ରିମିୟମ ଜୀବନଶୈଳୀର ଆକାଂକ୍ଷା ସହ ମିଶୁଥିବା ଡିଜାଇନ ମଧ୍ୟ ଆଣିବୁ। ନୂଆ ଶୋ'ରୁମ୍‌ର ଶୁଭାରମ୍ଭ ପୂର୍ବରୁ ବିଶେଷ ଉଦ୍‌ଘାଟନୀ ଅଫର ଘୋଷଣା କରାଯାଇଛି । ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରିରେ ଫ୍ଲାଟ୍ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି ରୁପା ଓଜନ ଆଇଟମ ଗହଣା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି, ରୁପା ଓ ଫ୍ୟାଶନ ଗହଣା ଏମ୍‌ଆର୍‌ପି ଆଇଟମ୍‌ରେ ଫ୍ଲାଟ୍ ୧୫% ରିହାତି ଏବଂ ଆର୍ଟିଫ୍ୟାକ୍ଟସରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ । ଖିମ୍‌ଜୀର ଭୁବନେଶ୍ୱରରେ ୪ଟି ଶୋ'ରୁମ୍ ଥିବାବେଳେ କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଅନୁଗୋଳ ଏବଂ ଏବେ ଯାଜପୁର ରୋଡ୍‌ରେ ଶୋ'ରୁମ୍ ସହ ଖିମ୍‌ଜୀ ଜୁଏଲର୍ସ ତା'ର ବ୍ୟବସାୟ ବିସ୍ତାର କରିଛି।

# ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟରେ ଏନ୍‌ସିଏଲ୍ ସିଙ୍ଗରୌଲି ବିଜୟୀ



**ଭୁବନେଶ୍ୱର,୧୯।୧୨** ରାଞ୍ଚିସ୍ଥିତ ସିଏମ୍‌ପିଡିଆଇ ସ୍ପୋର୍ଟସ ଗ୍ରାଉଣ୍ଡରେ ଅନୁଷ୍ଠିତ ୩ ଦିନିଆ ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟ ୨୦୨୫-୨୬ ଉଦ୍‌ଯାପିତ ହୋଇଯାଇଛି। ଏକ ରୋମାଞ୍ଚକର ଫାଇନାଲ ମ୍ୟାଚରେ ନର୍ଦ୍ଦର୍ନ କୋଲଫିଲ୍ଡସ ଲିମିଟେଡ୍ (ଏନ୍‌ସିଏଲ୍) ସିଙ୍ଗରୌଲି ପୂର୍ବ କୋଲଫିଲ୍ଡସ ଲିମିଟେଡ୍ (ଇସିଏଲ୍)-ସଙ୍କଟୋରିଆକୁ ୨୮-୨୬, ୨୫-୧୮, ୨୪-୨୬, ୨୫-୨୦ (୩-୧)ରେ ପରାସ୍ତ କରି ଟାଇଟଲ ଜିତିଛି। ଇସିଏଲ୍‌ର କୁନାଲ ଶର୍ମାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଛି। ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟ ୨୦୨୫-୨୬ ସମୟରେ, ସିଏମ୍‌ପିଡିଆଇ କ୍ରୀଡ଼ାରେ ମହିଳା ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ମହିଳା ଶକ୍ତିକୁ ପାଳନ କରିବା ଏବଂ ସେମାନଙ୍କର ଶକ୍ତି, ଆତ୍ମବିଶ୍ୱାସ ଏବଂ ନେତୃତ୍ୱ କ୍ଷମତା ପ୍ରଦର୍ଶନ କରିବା ପାଇଁ ଏକ ସ୍ୱତନ୍ତ୍ର ମହିଳା ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, କୋଲ ଇଣ୍ଡିଆର ନିର୍ଦ୍ଦେଶକ (ମାନବ ସମ୍ବଳ) ବିନୟ ରଞ୍ଜନ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ଏବଂ ସିଏମ୍‌ପିଡିଆଇର ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ ଚୌଧୁରୀ ଶିବ ରାଜ ସିଂହ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସିଏମ୍‌ପିଡିଆଇ ନିର୍ଦ୍ଦେଶକ (ଟେକ୍ନିକାଲ/ସିଆର୍‌ଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ଇଏସ୍) ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍ନିକାଲ/ଆର୍‌ଡି ଆଣ୍ଡ ଟି) ନୃପେନ୍ଦ୍ର ନାଥ, ସିଏମ୍‌ପିଡିଆଇ ଏବଂ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର, ଜେସିସି ଏବଂ ଟ୍ରେଡ ୟୁନିୟନର ପ୍ରତିନିଧି, ସିଏମ୍‌ଓଏଆଇର ପ୍ରତିନିଧି ଉପସ୍ଥିତ ଥିଲେ।

# ସ୍ମାର୍ଟ ଶିକ୍ଷା ପାଇଁ 'ମୁଥୁଟ୍ ଶିକ୍ଷା ଜ୍ୟୋତି'



**ଭୁବନେଶ୍ୱର,୧୯।୧୨** ଭାରତର ସର୍ବବୃହତ୍ ସ୍ୱର୍ଣ୍ଣ-ଋଣ ଏନ୍‌ବିଏଫ୍‌ସି, ମୁଥୁଟ୍ ଫାଇନାନ୍ସ ଏହାର ନୂତନ ସିଏସଆର୍ ପଦକ୍ଷେପ 'ମୁଥୁଟ୍ ଶିକ୍ଷା ଜ୍ୟୋତି' ଆରମ୍ଭ କରିଛି। ଏହା ଡିଜିଟାଲ ଭିତ୍ତିଭୂମି ମାଧ୍ୟମରେ ସ୍ମାର୍ଟ ଶିକ୍ଷାକୁ ସକ୍ଷମ କରିଥାଏ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଭାବରେ, ବିଭିନ୍ନ କ୍ଷେତ୍ରରେ ସରକାରୀ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ୬୫-ଇଞ୍ଚ ସ୍କ୍ରିନ ସହିତ ୭୫ଟି ସ୍ମାର୍ଟ ଇଣ୍ଟରାକ୍ଟିଭ ପ୍ୟାନେଲ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବରେ ନୂଆଦିଲ୍ଲୀର ଅଳକନନ୍ଦାର ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲରେ ଆରମ୍ଭ କରାଯାଇଥିଲା ଏବଂ ଏହା ଦିଲ୍ଲୀ, ହରିୟାଣା, ଉତ୍ତର ପ୍ରଦେଶ, ଲୁଧିଆନା (ପଞ୍ଜାବ), ଓଡ଼ିଶା, ମୁମ୍ବାଇ, ଗୁଜରାଟ, ରାଜସ୍ଥାନ, ପୁଣେ, କୋଲକାତା, ସିଲିଗୁଡ଼ି, ରାୟପୁର ଏବଂ ଗୁଆହାଟୀର ସ୍କୁଲଗୁଡ଼ିକୁ ଲାଭଦାୟକ କରିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା, ଗ୍ରେଟର କୈଳାସ ନିର୍ବାଚନମଣ୍ଡଳୀର ବିଧାୟକ, ଶିଖା ରାୟ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ମୁଥୁଟ୍ ଫାଇନାନ୍ସ, ଆଲେକଜାଣ୍ଡର ଜର୍ଜ ମୁଥୁଟ୍ ଏବଂ ଉପ ପରିଚାଳନା ନିର୍ଦ୍ଦେଶକ, ମୁଥୁଟ୍ ଫାଇନାନ୍ସ, ଜର୍ଜ ଏମ୍. ଜର୍ଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପଦକ୍ଷେପ ଅଧୀନରେ ପ୍ରଚଳିତ ସ୍ମାର୍ଟ ଇଣ୍ଟରାକ୍ଟିଭ ପ୍ୟାନେଲଗୁଡ଼ିକ ଶ୍ରେଣୀଗୃହ ଅଂଶଗ୍ରହଣ ବୃଦ୍ଧି କରିବା, ଡିଜିଟାଲ ଶିକ୍ଷଣ ଉପକରଣଗୁଡ଼ିକୁ ସକ୍ଷମ କରିବା ଏବଂ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ବିଭାଜନକୁ ହ୍ରାସ କରିବା ଲକ୍ଷ୍ୟ ରଖିଛି। ପାଇଲଟ ପ୍ରକଳ୍ପ ସଫଳ ହେଲେ ଏହି କାର୍ଯ୍ୟକ୍ରମ ଅନ୍ୟ ଅଞ୍ଚଳକୁ ବିସ୍ତାର କରାଯିବ।

# 'ସବ୍‌କା ବୀମା ସବ୍‌କି ରକ୍ଷା'କୁ ଏଲ୍‌ଆଇସିର ସ୍ୱାଗତ

**ଭୁବନେଶ୍ୱର,୧୯।୧୨** ସବ୍‌କା ବୀମା ସବ୍‌କି ରକ୍ଷା (ବୀମା ଆଇନ ସଂଶୋଧନ) ବିଲ୍, ୨୦୨୫ ସଂସଦରେ ପାରିତ ହେବା ଦ୍ୱାରା ଭାରତର ବୀମା ଢାଞ୍ଚାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ କୁହାଯାଇଛି।। ବୀମା ଆଇନ, ୧୯୩୮, ଜୀବନ ବୀମା ନିଗମ ଆଇନ, ୧୯୫୬ ଏବଂ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ ଆଇନ, ୧୯୯୯ ସଂଶୋଧନକରି, ଏହି ବିଲ୍ ଭାରତର ଦୀର୍ଘକାଳୀନ ବିକାଶ ପ୍ରାଥମିକତା ସହ ସମନ୍ୱିତ ଏକ ଆଧୁନିକ, ନମନୀୟ ଏବଂ ଅନ୍ତର୍ଭୁକ୍ତ ନିୟାମକ ସ୍ଥାପତ୍ୟର ଆବଶ୍ୟକତାକୁ ଦର୍ଶାଉଛି। ଏହି ବିଲ୍ ଅଧୀନରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକ '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା' ପାଇଁ ଉଦ୍ଦିଷ୍ଟ ଜାତୀୟ ମିଶନକୁ ସମର୍ଥନ କରୁଛି। ସଂଶୋଧିତ ବିଲ୍ ପୁରୁଣା ବ୍ୟବସ୍ଥାଗୁଡ଼ିକୁ ଅପ୍‌ଡେଟ୍‌କରି ଏବଂ ଶାସନ ମାନଦଣ୍ଡକୁ ସୁଦୃଢ଼ କରି, ସଂଶୋଧନଗୁଡ଼ିକ ବୀମା ଇକୋସିଷ୍ଟମରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ବିବେଚନାମୂଳକ ତଦାରଖକୁ ସୁଦୃଢ଼ କରିବ। ଲୋକସଭାରେ ବୀମା ସଂଶୋଧନ ବିଲ୍‌କୁ ସ୍ୱାଗତକରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସାରା ଦେଶରେ ବୀମା ପ୍ରବେଶ ଏବଂ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଅଧିକ ସଚେତନତା ନାଗରିକମାନଙ୍କୁ କେବଳ ବିପଦରୁ ନିଜକୁ ରକ୍ଷା କରିବାକୁ ସକ୍ଷମ କରିବ ନାହିଁ ବରଂ ସେମାନେ ସେମାନଙ୍କର ଯଥାର୍ଥ ବୀମା ଦାବି ପାଇବାକୁ ମଧ୍ୟ ନିଶ୍ଚିତ କରିବ। ଅର୍ଥମନ୍ତ୍ରୀ ଏହାର ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ସ୍ଥିରତାକୁ ସମର୍ଥନ କରିବା ପାଇଁ ବୀମା କ୍ଷେତ୍ରରେ ପୁଞ୍ଜି ପ୍ରବେଶ ବୃଦ୍ଧିର ଆବଶ୍ୟକତା ଉପରେ ଆହୁରି ଗୁରୁତ୍ୱାରୋପ କରିଥିଲେ।

# ସ୍ମାର୍ଟ ଇଣ୍ଡିଆ ହାକାଥନରେ ସିଜିୟୁ ଛାତ୍ରୀଛାତ୍ରଙ୍କ କୃତିତ୍ୱ



**ଭୁବନେଶ୍ୱର,୧୯।୧୨(ଅନୁରାଧା ମହାରଣା)** ଜାତୀୟ ସ୍ମାର୍ଟ ଇଣ୍ଡିଆ ହାକାଥନ ଡିସେମ୍ବର ୮ ଓ ୯ରେ ୬୦ଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରୁ ୮ ଲକ୍ଷ ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି ପ୍ରତିଯୋଗିତା ଶିକ୍ଷା ମନ୍ତ୍ରଣାଳୟର ଇନୋଭେଶନ ସେଲ୍ ଦ୍ୱାରା ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ) ସହଯୋଗରେ ଅନୁଷ୍ଠିତ ଏକ ଜାତୀୟସ୍ତରୀୟ ଇନୋଭେଶନ ଚ୍ୟାଲେଞ୍ଜ ଥିଲା। ଭୁବନେଶ୍ୱରର ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ୬ ଜଣ ଛାତୀଛାତ୍ର ଅନୁଭବ ମିଶ୍ର, ଶତରୂପା ପଣ୍ଡା, ସନ୍ଦୀପ ପୃଷ୍ଟି, ସ୍ୱୟଂ ପି ମହାନ୍ତି, ଶ୍ରେୟା ମହାନ୍ତି ଏବଂ ସାଇ ସୃଷ୍ଟିଙ୍କୁ ନେଇ ସମାଧାନ ବନ୍ଧୁ ନାମକ ଏକ ଟିମ୍ ସ୍ମାର୍ଟ ଇଣ୍ଡିଆ ହାକାଥନ ଫାଇନାଲରେ ଅଂଶ ଗ୍ରହଣ କରିଥିଲେ। ଏହି ଟିମ୍‌ଟି ଏଆଇ ଏବଂ ରୋବୋଟିକ୍ସକୁ ଆଧାରକରି ସମସ୍ୟା ବିବୃତିର ସମାଧାନ କରିଥିଲେ। ସର୍ବଭାରତରେ ପ୍ରଥମ ସ୍ଥାନ ଅଧିକାରକରି ଟ୍ରଫି ଓ ୧.୫ ଲକ୍ଷ ରାଶିର ପୁରସ୍କାର ଅର୍ଜନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ସଞ୍ଜୀବ କୁମାର ରାଉତ, ଭାଇସ୍ ଚାନ୍ସେଲର ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଏହି ଟିମ୍ ଓ ସେମାନଙ୍କ ମେଣ୍ଟର ଡ. ପ୍ରଶାନ୍ତ କୁମାର ଦାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜାନୁଆରୀ ୧୫ରୁ ବଦଳିବ ଏକ୍ସ ନିୟମ

**ଭୁବନେଶ୍ୱର,୧୯।୧୨** ଏକ୍ସ କମ୍ପାନୀ ତା'ର ସର୍ଭିସ୍ ଟର୍ମସ ଏବଂ ଗୋପନୀୟତା ନୀତିରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। କମ୍ପାନୀର କହିବା ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ ତା'ର ବ୍ୟବସାୟ ମଡେଲରେ ହେଉଥିବା ପରିବର୍ତ୍ତନ, ନୂଆ ଆଇନଗତ ନିୟମ ଏବଂ ଉପଭୋକ୍ତାମାନଙ୍କୁ ଅଧିକ ସ୍ୱଷ୍ଟ ସୂଚନା ପ୍ରଦାନ କରିବାର ଉଦ୍ଦେଶ୍ୟରେ କରାଯାଉଛି। ନୂଆ ନିୟମଗୁଡ଼ିକ ୨୦୨୬ ଜାନୁଆରୀ ୧୫ ରୁ ଲାଗୁହେବ। ଏହି ତାରିଖ ପରେ ମଧ୍ୟ ଉପଭୋକ୍ତା ଏକ୍ସ ବ୍ୟବହାର କରିବେ। ତେବେ ଉପଭୋକ୍ତା ନୂଆ ନିୟମଗୁଡ଼ିକୁ ସ୍ୱୀକାର କରିଛନ୍ତି ବୋଲି ଧରିନିଆଯିବ। ନୂଆ ନିୟମ ଅନୁଯାୟୀ, ଇୟୁ ଏବଂ ୟୁକେ ଭଳି କେତେକ ଦେଶରେ ଏକ୍ସରେ କେବଳ ଅବୈଧ କଣ୍ଟେଣ୍ଟ ନୁହେଁ ବରଂ ସ୍ଥାନୀୟ ଆଇନ ଅନୁଯାୟୀ କ୍ଷତିକାରକ ବା ଅସୁରକ୍ଷିତ ବୋଲି ବିବେଚିତ ହେଉଥିବା କଣ୍ଟେଣ୍ଟକୁ ମଧ୍ୟ ହଟାଇବାକୁ ପଡ଼ିପାରେ। ଏହାର ଅର୍ଥ ହେଉଛି କଣ୍ଟେଣ୍ଟ ମଡରେସନ ପୂର୍ବ ଅପେକ୍ଷା ଅଧିକ କଡ଼ା ହୋଇପାରେ।


# Classified Everyday
0674-2580101, 9692975378


REAL ESTATE
SALE

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347 D-2878

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧

READY TO MOVE 3BHK DUPLEX BUNGALOW, 3 ATTACHED TOILETS, PARKING, BOTANDA, SUNDARAPADA, BHUBANESWAR. RANGING RS. 1.25CR., CONTACT: 9861125539, 9040521173. D-2867

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୫୦

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benifits, Joint pain relax good environment atmosphere 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

I, Rabindra Behera, S/o.- Brahma Nanda Behera, R/o. Rangiam, Podapada, Mayurbhanj, Odisha- 757073 have changed the name of my minor son namely Tiki Behera (aged 9 years) and he shall hereafter be known as Bimal Kumar Behera for all future purposes. D-2872

I, Tarabati Dei, W/o. Purandar Behera, Vill./ P.O.- Paikpurunakot, P.S.- Kantabania, Dist.- Dhenkanal, Odisha -759121 declare that I have changed my name from TARA DEI to TARABATI DEI, dtd. 17.12.2025 before Notary Public, Dhenkanal.
Tarabati Dei D-2873

I, Kuni Behera, W/o. Rohit Kumar Sahoo, Village- Guagaria, P.O.- Babandha, P.S.- Rasol, Dist.- Dhenkanal, Odisha-759019 declare that I have changed my minor son's name from ROMAN SAHOO to ROHAN SAHOO on dtd. 19.12.2025 before Executive Magistrate, Hindol.
Kuni behera D-2874

I, Kusum Choudhary, W/o.- Shri Dharamraj Kumar, Residing At- Room No. 111, MT Hostel MCL HQ, Jagruti Vihar Burla-768020 (Sambalpur) declare by this affidavit No. 205639, dated- 15.12.2025 that now onwards I shall be known as Kusum Choudhury for all future purposes. D-2878

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଅରୁଣ କୁମାର ଭୂୟାଁ
ଡି-୬, ମୈତ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ- ୧୦।୧୦।୧୯୬୦
ତିରୋଧାନ- ୧୦।୧୨।୨୦୨୫
ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ମ, ନିଷ୍ଠା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୮୭୭

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଂପୂର୍ଣ୍ଣେନ୍ଦୁ କିଶୋର ମହାନ୍ତି
ପ୍ଲଟ୍ ୪୪୮, ସହିଦନଗର, ଭୁବନେଶ୍ୱର
ତିରୋଧାନ- ୧୧।୧୨।୨୫
ଚାହୁଁ ଚାହୁଁ ୧୦ ଦିନ ବିତିଗଲା। ତୁମ ସହିତ ସବୁ ସ୍ମୃତି ଓ ଅନୁଭୂତି ଆଖି ଆଗରେ ଝଲକି ପଡୁଛି। ତୁମର ସ୍ନେହ, ଆଦର, ପରୋପକାର ଆମ ପାଇଁ ଆଦର୍ଶ ହୋଇ ରହିବ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ
ଧ-୨୮୭୫

# ଯାଦୁକର

## ଗଳ୍ପ

**ମନୀଷା ପଣ୍ଡା**

ଝିହୁଏନା ବାପା ଏମିତି ସାଦାସିଧା କେମିତି! କେତେ ପୂଜା ପାର୍ବଣ ଯାଏ ଆଉ ଆସେ, ସବୁବେଳେ ଆମ ପାଇଁ ନୂଆ ଡ୍ରେସ୍ ଆସେ। କେତେବେଳେ ମନକୁ ପାଇଲେ ଦୁଇ ତିନି ହଳ ମଧ୍ୟ ନେଇଆସନ୍ତି, ହେଲେ ନିଜେ ଖରା ବର୍ଷା ଶୀତ ବର୍ଷ ତମାମ ଧୋଇ ଶୁଖେଇ ପିନ୍ଧନ୍ତି କେବଳ ଲୁଙ୍ଗି ଦୁଇ, ଗାମୁଛା ଦୁଇ। ବାପା ରାତିସାରା ଥଣ୍ଡା ଜ୍ୱରରେ ବିଛଣାରେ ପଡ଼ି ଛଟପଟ ହୁଅନ୍ତି, ହେଲେ ସକାଳୁ ଉଠି ନିତ୍ୟକର୍ମ ସାରି ଠିକ୍ ସମୟରେ ଅଫିସ୍ ବାହାରିପଡ଼ନ୍ତି। କୋଉଠୁ ବଳ ପାଆନ୍ତି କେଜାଣି, ଜରୁଆ ଅବଶ ଦେହରେ ମଧ୍ୟ ସାଇକେଲର ପ୍ୟାଡେଲ ଖୁବ୍ ଦ୍ରୁତ ବେଗରେ ମାରି ବେଳାବେଳି ଦପ୍ତରରେ ପହଞ୍ଚି ଥାଆନ୍ତି। ଫେରିବାବେଳକୁ କେବେ କମଳା, ସେଓ, ବିସ୍କୁଟ୍, ମିକ୍ଚର୍, ପେଡ଼ା ସାଙ୍ଗରେ ଆଣି ଆସନ୍ତି ହେଲେ ଘରେ ପହଞ୍ଚି ପେଟ ଗରମ ହୋଇ ଯାଇଛି କହି ଆଳୁ ବାଇଗଣ ପୋଡ଼ି ପଖାଳ ଖାଇବାକୁ ମାଆକୁ ମାଗନ୍ତି। ସେଇଥିଲାଗି ମୁଁ ସମସ୍ତଙ୍କୁ କହେ ଏଇ ବାପାମାନେ ସତରେ ଜଣେ ଜଣେ ଯାଦୁକର।

ସେଦିନ ହଷ୍ଟେଲ ହାତଖର୍ଚ୍ଚ ପାଇଁ ବାପା ଦେଇଥିବା ଟଙ୍କାରୁ ମାସ ଶେଷକୁ ବଞ୍ଚିଥିଲା ମୋର ଅଳ୍ପ କିଛି। ଆଗକୁ ଦୁର୍ଗାପୂଜା ଛୁଟି, ଘରକୁ ଯିବି, ସାନ ଭାଇ ପାଇଁ ବରାଦ ମୁତାବକ ସ୍କେଚ୍ ପ୍ୟାକେଟ୍‌ଟା କିଣି ଆଣିବାକୁ ମନକଲି। ଚୁଡ଼ି ମୁଠାଏ ଭାରି ମନ ହେଲା ମାଆ ପାଇଁ ବାଛି ନେବାକୁ। ବାକି ରହିଲେ ବାପା। ସବୁବେଳେ ଇଚ୍ଛାହୁଏ ବାପା ଅଣ୍ଟାରେ ବେଲ୍ଟ ପିନ୍ଧିଲେ କଡ଼ା ଇସ୍ତ୍ରିଦିଆ ପୋଷାକ ଆହୁରି ମାନନ୍ତା, ହେଲେ ବାପା ଇନ୍ କରିଥା'ନ୍ତି କିନ୍ତୁ ବେଲ୍ଟ ପିନ୍ଧି ନ ଥାନ୍ତି। ମୋ' ଆଖିକୁ ଭାରି ବେଖାପ ଲାଗେ। ହେଲେ କିଛି କହିବାର ଯୁ' ନଥାଏ। ବାପା ଖୁବ୍ କଡ଼ା ମିଜାଜର। କେତେଥର ମୋ' ବହିଖାତା ବ୍ୟାଗ୍ ବସ୍ତାନି ଅଳିଆ ଗଦାରେ ଫୋପାଡ଼ି ଦେଇଛନ୍ତି। କେତେଥର ହସ୍ତାକ୍ଷର ଲେଖିବା ବେଳେ ଅକ୍ଷର ସୁଧାରିବାକୁ ଯାଇ ଚିରି ଦେଇଛନ୍ତି ହସ୍ତାକ୍ଷର ଖାତା।

ପ୍ରତି ଥର ଖାଇବାବେଳେ ଭାରି ସ୍ନେହରେ ଡାକିହାକି ପାଖରେ ବସାନ୍ତି ବାପା। ପୁଣି ଖାଇବା ଢଙ୍ଗରେ କିଛି ତ୍ରୁଟି ଦେଖି ଖୁବ୍ ଗାଳିଦିଅନ୍ତି। ସେଇ ବାପାଙ୍କ ପାଇଁ ପକେଟ ମନିରୁ ବେଲ୍ଟ କିଣିବାବେଳେ ହାତ ଥରୁଥିଲା ମୋର। କାହିଁକି କେଜାଣି ଛାତି ଖୁବ୍ ଜୋର୍‌ରେ ଉଠାପକା ହେବାର ଅନୁଭବ କରୁଥିଲି। ତଥାପି ତେଲୁଣିପୋକ ପରି ଗୁଡ଼େଇ ଦେଇ ଦୋକାନୀ ଭାଇ ହାତକୁ ବଢ଼େଇଦେଲା ନୂଆ ବେଲ୍ଟ ଅଶୀଟଙ୍କା ନେଇ। ଆଉ ମୁଁ ଅତି ଯତ୍ନରେ ପିଠି ବ୍ୟାଗ୍‌ରେ ରଖି ଆଣି ଆସିଲି। ହଷ୍ଟେଲ ଟ୍ରଙ୍କ ଭିତରେ ଅତି ସନ୍ତର୍ପଣରେ ରଖି ନିଇତି ଦେଖୁଥିଲି। ଆଙ୍ଗୁଠି ଗଣୁଥିଲି ହଷ୍ଟେଲରୁ ଫେରିବି ଘରକୁ କେବେ।

ଘରକୁ ଆସିବା ପୂର୍ବଦିନ ରାତିସାରା ବେଲ୍ଟ ଆଉ ବାପା ଉଭୟେ ଶୁଆଇ ଦେଇ ନ ଥିଲେ। ବସ୍‌ରେ ଘରକୁ ଫେରିବାବେଳେ କଡ଼ା କରି ବ୍ୟାଗ୍‌କୁ କୋଳରେ ଧରି ବସିଥିଲି। କାହିଁକି କେଜାଣି ଉପର ଥାକରେ ଥୋଇବାକୁ ମନ କଲିନାହିଁ। ଗାଁ ବସ୍‌ଷ୍ଟାଣ୍ଡରେ ବାପାଙ୍କୁ ଦେଖି ଗୋଡ଼ହାତ ଖୁବ୍ ଜୋର୍‌ରେ ଥରିଲା। ଘରକୁ ଆସିବାର ଖୁସି ବହୁତ ଥିଲା, ହେଲେ କାହିଁକି କେଜାଣି ଭାରି ଡର ମାଡୁଥିଲା ବାପାଙ୍କ ଟଙ୍କାରେ ବାପାଙ୍କୁ ଉପହାର ଦେବାର ପରିଣତିରେ ବାପା ଖୁବ୍ ଶୁଣେଇ ଦେଇପାରନ୍ତି। ଏମିତି ଆଗତ ଭବିଷ୍ୟତ ଚିନ୍ତା କରି ଗୋଡ଼ ଦୁଇଟା ମରିମରି ଯାଉଥିଲା, ତଥାପି ବାପା ବ୍ୟାଗ୍‌କୁ ମୋର ଧରି ଆଗେ ଆଗେ ଚାଲିଥିଲେ ଷ୍ଟାଣ୍ଡରୁ ଘରଆଡ଼କୁ ଆଉ ମୁଁ କେଇ ପାହୁଣ୍ଡ ପଛରେ ସୁନାଝିଅଟି ପରି ଚାଲିଥିଲି। ଘରେ ପହଞ୍ଚି ପ୍ରକୃତିସ୍ଥ ହେବା ପରେ ମାଆ ବ୍ୟାଗ୍ ଖୋଲି ମଇଳା ପ୍ୟାଣ୍ଟ ଶାର୍ଟ ବେଡ୍‌ଶିଟ୍ ସଫା କରିବାକୁ ନେଲାବେଳେ ସାନ ଭାଇ ଖୁବ୍ ଖୁସିରେ ଝାମ୍ପି ନେଇଗଲା ତା' ସ୍କେଚ୍ ପ୍ୟାକେଟ୍। ମାଆ ଥାକରେ ଅତି ଯତ୍ନରେ ଚୁଡ଼ି ମୁଠାକ ଖୁବ୍ ବଢ଼ିଆ ହୋଇଛି କହି ସାଇତି ଦେଲା। ଆଉ ଏବେ ଆସିଲା ମୋ' ଆଡ଼କୁ ମାଆର ପ୍ରଶ୍ନ– ଏଇଟା କ'ଣ?


ବେଲ୍ଟ ନା କ'ଣ କିଣି ଆଣିଛୁ! ପଖାଳ ଭାତ ଗୁଣ୍ଡାକ ପାଟିକୁ ନେଲା ବେଳକୁ ଥମ୍‌କରି ରହିଗଲି। ଏକା ନିଃଶ୍ୱାସରେ କହିପକେଇଲି– ବାପା ଆମର ଇନ୍ କରୁଛନ୍ତି ବେଲ୍ଟଟା ଲଗେଇଲେ ହୁଅନ୍ତାନି, ସବୁବେଳେ ତ ଲୋଭ କଲେ। ମୁଁ ସେଇଥିଲାଗି ନେଇଆସିଛି, ଏବେ ପିନ୍ଧିବେନି ଯିବେ କୁଆଡ଼େ। କଥା ନ ସରୁଣୁ ଦେଖିଦେଲି ବାପା କୋଠରି ବାହାରେ କରିଡର ଆଡ଼କୁ ମୁହାଁଇଛନ୍ତି। ପ୍ରାଣଶୂନ୍ୟ ଲାଗିଲା ମୋତେ କେଇକ୍ଷଣ ପାଇଁ। ଓହୋ ଆଜି ଖଣ୍ଡପ୍ରଳୟ ହେଲା ନିଶ୍ଚୟ। ବାପା ମାରିଦେବେ ମୋତେ। ହେଲେ ବାପା କିଛି ନ ଶୁଣିଲା ଭଳି ନିଜ ବାଟରେ ଚାଲିଗଲେ। ଓହୋ! ମୁଁ ଆଶ୍ୱସ୍ତ ହେଲି, କିଛି ଶୁଣି ପାରି ନାହାନ୍ତି, ଯାହା ହେଉ। ସନ୍ଧ୍ୟାରେ ବହି ଧରି ପଢ଼ାଘରେ ବସିଥାଆନ୍ତି ବାପା। ସେଦିନ ମୋ' ପଢ଼ା ବନ୍ଦ ଥାଏ, ମୁଁ ବିଶ୍ରାମ କରୁଥାଏ। ମାଆ ବାପାଙ୍କ ହାତକୁ ବେଲ୍ଟଟା ବଢ଼େଇ ଦେଇ ମୁଁ ତାଙ୍କ ପାଇଁ ଆଣିଥିବା କଥା କହିଲା ଆଉ ବାପା ଠୋ କରି ହସଟାଏ ହସିଲେ। ମୁଁ ମିଛିମିଛିକା ଆଖି ବନ୍ଦ ରଖି ନ ଥିଲି ଜାଣିଥିଲେ ବୋଧେ ବାପା। ଜୋର୍ ପାଟିକରି ଶୁଣେଇ ଶୁଣେଇ କହିଲେ– ମୋର ପିନ୍ଧିବାର ଥିଲେ ମୁଁ କ'ଣ କିଣିପାରନ୍ତି ନାହିଁ, ମୋ' ଝିଅର ଯୋଉ ବୁଦ୍ଧି! କ'ଣ କହିବ କୁହ, ବେଲ୍ଟ କିଣି ଆଣିଛି ରାଜଧାନୀରୁ। ବାସ୍ ବାପାଙ୍କ ହସ ଭିତରୁ ମୁଁ ବାହାରି ପାରୁ ନଥିଲି, କାରଣ ବାପାଙ୍କ ଓଠରେ ହସ ଖୁବ୍ ବିରଳ ଥିଲା। ନ ପିନ୍ଧନ୍ତୁ ପଛକେ ହସିଦେଲେ ତ ସେତିକି ଭାରି ଭଲ ଲାଗିଲା। ବାପାଙ୍କ ରୁମ୍ ଖଟବାଡ଼ରେ ବେଲ୍ଟଟା ସବୁବେଳେ ଓହଳିଥାଏ। ସବୁଦିନ ନଜର କରେ ବାପା ପ୍ୟାଣ୍ଟ ଶାର୍ଟ ପିନ୍ଧି ରେଡି ହୋଇ ଅଫିସ୍ ବାହାରିଯିବା ବେଳେ କାହିଁକି କେଜାଣି ସେଇଟାକୁ ଥରେ ଅନେଇ ଦେଇ ଯାଆନ୍ତି। କେବେକେବେ ଧୂଳି ଝାଡ଼ି ଗାମୁଛାରେ ପୋଛି ପୁଣି ଟଙ୍ଗେଇ ଦିଅନ୍ତି। ମାଆ କହେ, କାହିଁକି ଅଯଥା ଆଣିଥିଲୁ ସେଇଟା ସେଇମିତି ଥୁଆହୋଇଛି। ବାପା କ'ଣ କେବେ ପିନ୍ଧିବେ? ମାଆ କହି ଦେଇ ଚାଲିଯାଏ ହେଲେ ପ୍ରତିଥର ବାପାଙ୍କ ହସ ମୋର ମନେପଡ଼େ ଆଉ ମୋ' ମନ କୁରୁଳି ଉଠେ। ଇଚ୍ଛା ହୁଏ, ଏଇମିତି କୁଢ଼କୁଢ଼ ଅଯଥା ଜିନିଷ ଗଦେଇ ଦିଅନ୍ତି ଆଉ ବାପା ନ ରାଗି ହସନ୍ତେ ପ୍ରତିଥର। ଏଇ ବାପାମାନେ ଏଇମିତି ଏମାନେ ସାଧାରଣ ମଣିଷ ନୁହନ୍ତି, ସତରେ ବାପା ହିଁ ଜଣେ ଯାଦୁକର।

ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩



## ପୁସ୍ତକ ପରିଚୟ

### କବିତା ସମଗ୍ର (ପ୍ରଥମ ଭାଗ)




**କବି:** ଭରତ ବେହେରା
**ସଂପାଦନା:** ଭିକାରୀ ଧଳ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍ ରୋଡ୍, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୫୫୦/–

ଆଲୋଚ୍ୟ 'କବିତା ସମଗ୍ର'ରେ କବି ଭରତ ବେହେରାଙ୍କର ମୋଟ ପାଞ୍ଚଟି କବିତା ସଂକଳନକୁ ଏକତ୍ର କରାଯାଇଛି। ସେଗୁଡ଼ିକ ହେଲା– 'କୁହୁଳା ଭୂଇଁ', 'ପକ୍ଷ ପରାଗ', 'ଉଲଗ୍ନ ଉପତ୍ତି', 'ମୁଦ୍ରିତ ମହକ' ଓ 'ଏ ମାଟି ମୌନାବତୀ'। କବିଙ୍କର ନଅଟି କବିତା ପୁସ୍ତକ ମଧ୍ୟରୁ ପ୍ରଥମ ପାଞ୍ଚଖଣ୍ଡକୁ ଏଥିରେ ସଂକଳିତ କରାଯାଇଛି। ପାଞ୍ଚଟିଯାକ କବିତା ପୁସ୍ତକର ମୋଟ ୨୪୦ କବିତା ଏଥିରେ ସ୍ଥାନିତ। ପ୍ରଚ୍ଛଦ–କାନି (Flap)ରେ କୁହାଯାଇଛି: ଭରତଙ୍କ କବିତାରେ ଥାଏ "ହାତଗୋଡ଼ ଜୁର କରି ଖଟୁଥିବା ମଣିଷର ଶ୍ରମ ଓ ସମସ୍ୟାକୁ ଖୁବ୍ ନିକଟରୁ ଦେଖି ଦେଖାଇବାର ବେସାଲିସ୍ ଝୁଙ୍କ୍। କବିତା ପଛରେ ତାଙ୍କର ଉଙ୍କିମାରୁଥାଏ ଭାବ–ଉତୁରା ସରଳ ଶବ୍ଦର ଆକର୍ଷଣୀୟ ପ୍ରଚ୍ଛଦ, ସ୍ୱପ୍ନର ଶୃଙ୍ଗାର ଏବଂ ମାୟାଲୋକର ରଙ୍ଗିନ୍ ବର୍ଣ୍ଣମାଳା। କଳାର ତନିମାରେ ଲେସି ହୋଇଥାଏ– କଳ୍ପନାର କୁହୁକବର୍ଣ୍ଣୀ ଭବିଷ୍ୟ।" ଗ୍ରନ୍ଥର ସମ୍ପାଦକ କବି ଭିକାରୀ ଧଳ ଭରତଙ୍କୁ 'ପ୍ରଗତିବାଦୀ କାବ୍ୟଧାରା'ର କବି ଭାବେ ବିବେଚିତ କରିଛନ୍ତି, ଯାହା ଅନେକାଂଶରେ ସତ୍ୟ। ଭରତଙ୍କ କବିତାରେ ତାଙ୍କ ସମକାଳୀନ ସମାଜ ଓ ଜନଜୀବନର ଚିତ୍ର ନିଷ୍କପଟ ଭାଷାରେ ପ୍ରକାଶ ପାଇଥାଏ। ମେହନତୀ ମଣିଷର ବିଶ୍ୱସ୍ତ ରୂପକାର ଭରତ ଓଡ଼ିଆ କବିତାରେ। ତାଙ୍କ କବିତାର ଭାଷା ମଣିଷର ଦୈନନ୍ଦିନର ଭାଷା, ତେଣୁ ଇଚ୍ଛାକୃତ ଜଟିଳତା ନ ଥାଏ। କେତୋଟି ଉଦାହରଣ ନେବା– ୧. "ଶୀତକାଳ ଅମଳ ଦିନରେ/ କାଟିଚ ପାଚିଲା ଧାନ ବୋହିଚ କଳେଇ/ କ୍ଷେତରୁ ଖଳାକୁ।/ ଆଉ କେବେ ଲରି ଟ୍ରକ୍ କୁଲି ହୋଇ/ ଲଦ ଓ ଉତାର ମୋରମ ବୋଲ୍ଡର/ ବାଲି ଚିପ୍ସ ମେଟାଲ ମାଙ୍କଡ଼ା/ ରକମାରି କୋଠା ଉପାଦାନ/ ସଭ୍ୟତାର ଚିହ୍ନ।" (କ୍ଷେତମହଲର ନାରୀ, ପୃ:୦୯), ୨. "ଅସଂଖ୍ୟ ଆତ୍ମାହୁତି ଅଗ୍ନି ସମାଧିରେ/ ଟଳିପଡ଼ିବ ନାହିଁ ମେରୁରୁ ଗର୍ଦ୍ଦନ/ ତରଳିଯିବ ନାହିଁ କଂସେଇର ଟାଣପଣ/ ତମର ନିଶ୍ଚଳ ଅଭିମାନୀ ଅଗ୍ନି/ କ'ଣ ତତେଇ ପାରିଲା/ ଶୋଷଣ ଶିରକୁ?" (ଅଗ୍ନି ସମାଧି, ପୃ: ୩୫୯)। ଭରତ ମଣିଷର କବି, ବଂଚୁଥିବା ସମୟ ଓ ସମାଜର କବି। ତାଙ୍କର ଏ 'କବିତା ସମଗ୍ର' ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଦୁର୍ଲଭ ସାଧୁଙ୍କ ଚରିତ




**ଲେଖକ:** ସନ୍ତୋଷ କୁମାର ସାହୁ
**ପ୍ରକାଶକ:** ସୃଜନ ସ୍ୱପ୍ନ, ବଡ଼ଗଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୮୦/–

ଆଲୋଚ୍ୟ ପୁସ୍ତକଟି ଭକ୍ତକବି ରାମଦାସଙ୍କ ବିରଚିତ 'ଦାର୍ଢ୍ୟତା ଭକ୍ତି'ର କଥାରୂପ। 'ଦାର୍ଢ୍ୟତା ଭକ୍ତି' ଏପରି ଏକ ପୌରାଣିକ କାବ୍ୟ–ଗ୍ରଂଥ, ଯାହାର ଗଠନମୂଳକ ପ୍ରଭାବ ବହୁବର୍ଷ ଧରି ଜନଜୀବନକୁ ପ୍ରଭାବିତ କରିଆସୁଛି। ଏହି ଅମରଗ୍ରନ୍ଥର କାହାଣୀଗୁଡ଼ିକୁ କବିତାର ଶୃଙ୍ଖଳାରୁ ମୁକ୍ତକରି ସରଳ ଗଦ୍ୟରେ ରୂପାୟିତ କରିବାର ଉଦ୍ୟମ ହେଉଛି ଆଲୋଚ୍ୟ ପୁସ୍ତକ। ପୁସ୍ତକର ପ୍ରଥମ ଭାଗ ପୂର୍ବରୁ ପ୍ରକାଶ ପାଇସାରିଛି ଓ ଏହା ହେଉଛି ଦ୍ୱିତୀୟ ଭାଗ। ଏଥିରେ ମୋଟ ୩୦ଟି କାହାଣୀ ସରଳ ଗଦ୍ୟରେ ବିବୃତ ହୋଇଛି। ଶ୍ରୀକୁଳ ଶିଖର, ମଙ୍ଗଳ ଗଉଡ଼, ଭକ୍ତ ସିପୁଟି, ନାରାୟଣ ଦାସ, ଯଶଚନ୍ଦ୍ର ରାଜା ଓ ଦୀନବନ୍ଧୁ ଓତା, ଗୀତା ପଣ୍ଡା, ସାଲବେଗ, ଦାସିଆ ବାଉରୀ, ବାଳକ ରାମଦାସ, କୃପାସିନ୍ଧୁ ଦାସ, ନନ୍ଦ ମହାନ୍ତି, ମୋଚିରାମ, ରଘୁଦାସ, ମିରାବାଈ, ବିଷ୍ଣୁପ୍ରିୟା, ବିଲ୍ୱମଙ୍ଗଳ, ଆନନ୍ଦାଶବର, ଚନ୍ଦ୍ରଧ୍ୱଜ, ଅଜାମିଳ ପଣ୍ଡା ଓ କବି ଜୟଦେବ ପ୍ରମୁଖ ବହୁ ମହାନ୍ ଚରିତ୍ରର ଜୀବନଗାଥା ହେଉଛି ଗଦ୍ୟ–ଗ୍ରଥିତ ଏହି ପୁସ୍ତକ। ଏହା ଅତି ସରଳ, ଜନବୋଧ୍ୟ ଭାଷାରେ ରଚିତ ହୋଇଥିବାରୁ ସାକ୍ଷର, ନିରକ୍ଷର ସବୁଶ୍ରେଣୀର ପାଠିକାପାଠକଙ୍କୁ ଉଦ୍‌ବୁଦ୍ଧ କରିବ।

## କବିତା

### ଭାଇଚାରା

**ଗୌରୀଶଙ୍କର ସାହୁ**

ଆକାଶରେ ଅସରନ୍ତି ତାରା
ମୁକତି ପସରା
ମନ୍ତ୍ରଦ୍ରଷ୍ଟା ଧ୍ରୁବ, ବଶିଷ୍ଠ, ଅଙ୍ଗିରା
ଜନ୍ମତରେ, ଅନ୍ତରୀକ୍ଷ କୋଳେ
ଉଭେଇଯାଏ, ପରସ୍ତ ପରସ୍ତ ପୀଡ଼ା
ସ୍ୱର୍ଗରେ ପ୍ରବେଶ ପରେ
ବହେ ମହାକାବ୍ୟର ଧାରା
ରାଶି ରାଶି ଆକାଶଗଙ୍ଗା, ବ୍ରହ୍ମାଣ୍ଡସାରା।

ପିଣ୍ଡ ଓ ବ୍ରହ୍ମାଣ୍ଡ ବି ହୋଇପାରେ
ଏକାତ୍ମ– ଅନନ୍ୟ
ନର ବି ହୋଇପାରେ ଦିନେ ନକ୍ଷତ୍ର
ପଢ଼ିବା ପରେ ତାରାଙ୍କ ସଙ୍ଗୀତ,
ଏଇ ତ ବିଶ୍ୱ–ଭ୍ରାତୃତ୍ୱ!

ସ୍ୱର୍ଗ କ'ଣ ଓହ୍ଲାଇପାରେ ଧରାପୃଷ୍ଠକୁ
ଜନ୍ନତ କ'ଣ ଗଢ଼ାଯାଇପାରେ
ପୃଥିବୀ ବକ୍ଷରେ!
ରକ୍ତ ସମ୍ପର୍କ ଥିଲେ ପାଣ୍ଡବ–କୌରବ
ହେଲେ, ଲେଖାହେଲା ଯୁଦ୍ଧର ମହାକାବ୍ୟ
ଶାହାଜାହାନ ହାତରେ ହତ ହେଲେ
ଭାଇ ଶାହାରିୟର, ଖୁସ୍ରୁ ମିର୍ଜା
ଆଉରଙ୍ଗଜେବ ହତ୍ୟା କଲେ ନିଜର ଆତ୍ମଜ
ଭାଇ ହିଁ ଭଗାରି ହୁଏ ଯୁଗେଯୁଗେ
ତଥାପି ଲେଖାଯାଏ
ରାମ–ରହିମ୍‌ର କାହାଣୀ...

ମୋ: ୭୯୭୮୪୨୧୮୩୫

### ଝିଅ

**ଚିନ୍ମୟୀ ପଣ୍ଡା**

ସବୁଦିନ ଭଳି ସେଦିନ ବି ଗୋଟାଏ
ଏମିତି, ସେମିତି,
ଏଣୁତେଣୁ ଦିନଟିଏ ଥିବ।
ସେଦିନ ବି, କେହି ଜଣେ
କୋହ ରୋକି ହସିଥିବ।
ମୁହଁ ଛିଞ୍ଚାଡ଼ି ଅନ୍ତୁଡ଼ିଶାଳରୁ
କେହି ଜଣେ ଫେରିଯାଇଥିବ।

ସେଦିନ ବି ସୂର୍ଯ୍ୟଙ୍କ ଗତିପଥ
ସବୁଦିନ ଭଳି ଥିବ।
ସେଦିନ ବି ମା'ଟିଏ ଆଖିରୁ ଲୁହକୁ
ଲୁଚି ପୋଛିଦେଇଥିବ।
କେହି ହସିହସି ପଶି ଆସୁଆସୁ
ମତେଦେଖି ଚୁପ୍ ହେଇଯାଇଥିବ।
କିଛି ଫୁସ୍‌ଫୁସ୍ କଣ୍ଠ, ଅସ୍ପଷ୍ଟ ଭାଷା
ପୂରା ନ ଶୁଣି ବି ବୁଝିହେଉଥିବ।

ଯୋଉଦିନ ମୁଁ
ଜନ୍ମ ହେଇଥିବି ଝିଅ ହୋଇ।

ମୋ: ୯୮୬୧୧୯୧୯୬୯

### ରାସ୍ତା

**ଅକ୍ଷୟ ପାତ୍ର**

ନିର୍ବାଣ ପାଇଁ
ବୁଦ୍ଧତ୍ୱ କାଳେ ଏକ ରାସ୍ତା!
ଶ୍ରମଣ ପାଇଁ
ସଂଘ କାଳେ ଏକ ରାସ୍ତା!
ସୁଖ ପାଇଁ
ନିଷ୍କାମ ଜୀବନ କାଳେ ଏକ ରାସ୍ତା!
ସମୃଦ୍ଧି ପାଇଁ
ତ୍ୟାଗ କାଳେ ଏକ ରାସ୍ତା!
ଆତ୍ମ–ବୀକ୍ଷଣ ପାଇଁ
ଅହିଂସା କାଳେ ଏକ ରାସ୍ତା!

ଆହା!
ଅସରା ରାସ୍ତାରେ ବାଟ ଚାଲୁଁ ଚାଲୁଁ
ଲକ୍ଷ୍ୟସ୍ଥଳ ଆଉରି ଅପହଞ୍ଚ ପ୍ରତେହେବା ହିଁ
ବୋଧେ ଜୀବନର ଇତିକଥା!

ଜୀବନର ଓରମାନ ସବୁକୁ କାନ୍ଧରେ ବୋହି
ବାଟ ଚାଲୁଁ ଚାଲୁଁ
ରାସ୍ତାରେ ଅବେଳରେ
ଝୁଣ୍ଟିପଡ଼ିବା ହିଁ ବୋଧେ
ଅସଲ ବାସ୍ତବତା
ଓ ବିଷୟ ବାସନା ଏଡ଼ି
ନିରଞ୍ଜନା ତଟର ଅଶ୍ୱତ୍ଥ ମୂଳେ
ଧ୍ୟାନସ୍ଥ ହେବା ହିଁ ବୋଧେ
ଫିଟାଇଥାଏ ରାସ୍ତା ଅଧିଆତ୍ମିକତାକୁ
ଯେଉଁଠି ଚିର ଭାସ୍ୱର ଥାଏ
ଆବିଳତାହୀନ ପାରସ୍ପରିକ ରିସ୍ତା!

ମୋ: ୭୦୭୭୯୮୪୯୬୦

### ଗୀତି–କବିତା

### ସୋରିଷ ଫୁଲର ସୁନା ଅଗଣାରେ

**ହରିଶ୍ଚନ୍ଦ୍ର ବେହେରା**

ସୋରିଷ ଫୁଲର ସୁନା ଅଗଣାରେ
ଖେଳୁଛି କଅଁଳ ଖରା
ସକାଳ ପକ୍ଷୀର ମିଠା କାକଳିରେ
କେତେ ଯେ ଆବେଗ ଭରା।
କ୍ଷେତ ସବୁ ଦିଶେ ପୂରିଲା ପୂରିଲା
ଚାଷୀର ଭରା ଆନନ୍ଦ
ମାର୍ଗଶିର ଝୋଟି ଚିତା ମୁରୁଜରେ
ଲକ୍ଷ୍ମୀଙ୍କର ପଦ୍ମ ପାଦ
ଗେଣ୍ଡୁ ଫୁଲ ଆଉ ଚାମେଲି ଫୁଲରେ
ଧରା ଦିଶୁଅଛି ତୋରା।

କେତେ ଯେ ସରାଗ ସବୁରି ମନରେ
ଲକ୍ଷ୍ମୀ ଯେ ଆସିବେ ଘରେ
ପିଲାଠାରୁ ବୁଢ଼ା ଧାନ କାଟିଯିବେ
ସବୁଠି ଆନନ୍ଦ ଝରେ
କାକରର ମୋତି ପିନ୍ଧି ଲାଜକୁଳି
ସକାଳୁ ପୋଉଁଚି ଖରା।

କଳେଇ ଗଦାରେ ପୂରିଯିବ ଖଳା
ବିଲ ଦିଶିବ ଲଙ୍ଗଳା
କ୍ଷେତ ଜଗୁଥିବା ପାଳଭୂତମାନେ
ଅଚିରେ ହେବେ ବାଉଳା
ଘରେ ଘରେ ହେବ ନୂଆଖିଆ ପର୍ବ
ପ୍ରୀତିର ମାଧୁରୀ ଝରା।

ମୋ: ୯୪୩୭୮୧୩୭୦୮

## କାଳକାଳକୁ



**"କବିତା ସବୁଠୁଁ ସୁନ୍ଦର, ମନୋହାରିଣୀ ଓ ପ୍ରଭାବୀ ଉପସ୍ଥାପନ କଳା।"**
**– ମାଥ୍ୟୁ ଆର୍‌ନୋଲ୍ଡ**

**ମାଥ୍ୟୁ ଆର୍‌ନୋଲ୍ଡଙ୍କ** ଜନ୍ମ ୨୪ ଡିସେମ୍ବର ୧୮୨୨ରେ ଇଂଲଣ୍ଡର ଲାଲେହାମ୍‌ରେ ଓ ପରଲୋକ ୧୫ ଏପ୍ରିଲ ୧୮୮୮ରେ ଲିଭରପୁଲ୍‌ରେ। କବି ଓ ସଂସ୍କୃତି ବିଶାରଦ ମାଥ୍ୟୁ ବୃତ୍ତିରେ ଥିଲେ ସ୍କୁଲ୍ ଇନସ୍‌ପେକ୍ଟର। ଥୋମାସ୍ ଆର୍‌ନୋଲ୍ଡ ତାଙ୍କ ବାପା। କବିତା ଓ ସମାଜତାତ୍ତ୍ୱିକ ଆଲୋଚନାରେ ସିଦ୍ଧହସ୍ତ ଏହି ଲେଖକଙ୍କର ପ୍ରଖ୍ୟାତ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ଡୋଭର୍ ବିଚ୍', 'ଦ ସ୍କଲାର–ଜିପ୍‌ସୀ', 'ଥାଇରସିସ୍', 'କଲ୍‌ଚର୍ ଆଣ୍ଡ ଆନାର୍କି', 'ଲିଟରେଚର୍ ଆଣ୍ଡ ଡଗ୍‌ମା' ଓ 'ଦ ଷ୍ଟଡି ଅଫ୍ ପୋଏଟ୍ରି'। ସେ କହନ୍ତି: "ବିଜୟରୁ ଶକ୍ତି ଆସେ ନାହିଁ, ଶକ୍ତି ଆସେ ସଂଗ୍ରାମରୁ।"

# ଅଧୁରା ସ୍ୱପ୍ନ

## ଲଘୁଗଳ୍ପ

**ଅଲେଖ ଚରଣ ପଟ୍ଟନାୟକ**

ବୟସ ପାଖାପାଖି ସତୁରି ହେବ। ବିଅସନା ଶିରାଳ ହାତ। କୋଟରଗତ ଚକ୍ଷୁ। ଏ ବୟସରେ ପେଚା ଭଳି ଅନେଇବା ବ୍ୟତୀତ ଆଉ କ'ଣ ଅବା ଚାରା ଅଛି!

'ନାତିଟୋକା କାହ୍ନାର ଚିତ୍କାର'– "ଜେଜେ ଦେଖ! ବାପା ମୋ' ପାଇଁ ମୋ' ଜନ୍ମଦିନରେ ନୂଆ ମୋବାଇଲ ଆଣିଛନ୍ତି। ଏଥିରେ ବହୁତ ସୁବିଧା ଅଛି। ଦୂର ସାଙ୍ଗ ସହ କଥାବାର୍ତ୍ତା, ଛବି ଦେଖିବା, ଭିଡିଓ କଲ୍ କରିବା, ସିନେମା ଦେଖିବା। ଟ୍ରେନ୍, ବସ୍, ଉଡ଼ାଜାହାଜ ଟିକେଟ ବୁକିଂ କରିହେବ।"


ଜେଜେ ବଲବଲ କରି ଅନେଇଲେ। 'କାଲା ଆଗରେ ମୂଳା ଚୋବାଇବା ଯାହା ସାର'। ଜେଜେ ପଚାରିଲେ, 'ଦେଖା ନାତି, କେମିତି ହୋଇଛି?' ଜେଜେଙ୍କ ହାତକୁ ବଢ଼ାଇ ଦେଇ କାହ୍ନା କହିଲା, 'ଜେଜେ ହୁସିଆର, ହାତରୁ ଖସିପଡ଼ିବ।' ଜେଜେ ଥରଥର ହାତରେ ଧରିନେଲେ। 'ଆହା! କେଡ଼େ ସୁନ୍ଦର! ମୋର ଗୋଟେ ମୋବାଇଲ ଥାଆନ୍ତା କି?'

କାହ୍ନା କହିଲା, "ବାପାଙ୍କର ମୋବାଇଲ ଦାମ୍ କେତେ ଜାଣିଛ? ଷାଠିଏ ହଜାର! ମୋର ଚାଳିଶ ହଜାର।" ଜେଜେଙ୍କ ଇଚ୍ଛା ବେଶୀ ଦାମ୍ ନ ହେଲେ ନାଇଁ ହଜାରେ, ଦୁଇ ହଜାର ଭିତରେ ଛୋଟ ମୋବାଇଲ୍‌ଟିଏ ହେଲେ ଭଲହୁଅନ୍ତା। ସେଥିରେ ଗାଁରେ ଥିବା ସାନଭାଇ ଅଜୁ ସହ କଥା ହୁଅନ୍ତେ!

ପୁଅ ଶ୍ରୀକାନ୍ତକୁ ଅନେକ ଥର ଜଣାଇଲେଣି। ଆଜି କାଲି କହି କଥା ଟାଳି ଦେଉଛି।

ହଜିଲା ଦିନର ସ୍ମୃତି ଜେଜେଙ୍କର ମାନସପଟରେ ଆଲୋଡ଼ନ ସୃଷ୍ଟି କରୁଥିଲା। ପୁଅ ଶ୍ରୀକାନ୍ତ ପାଞ୍ଚ ବର୍ଷର ହୋଇଥାଏ। ବାପାଙ୍କ କାନ୍ଧରେ ବସି ମେଳା ବୁଲୁଥାଏ। ଖେଳନା କିଣିବାକୁ ଅଝଟ କରୁଥାଏ। ଅଣ୍ଟିରୁ ଟଙ୍କା ବାହାର କରି ପୁଅ ପାଇଁ ଖେଳନା କାର୍ ଏବଂ ହେଲିକପ୍ଟର କିଣିଥିଲେ। ଟିକିଏ ବଡ଼ ହେଲାପରେ ସାଇକେଲଟିଏ କିଣି ଦେଇଥିଲେ।

ଶ୍ରୀକାନ୍ତଙ୍କୁ ଦେଖି ଦୋହରାଇଲେ ମୋ' ପାଇଁ ଛୋଟ ମୋବାଇଲଟିଏ ଆଣିଦେ ରେ!



ଶ୍ରୀକାନ୍ତ କହିଲେ, "ବାପା! ତୁମର କ'ଣ ହେବ। ମୋର ତ ଅଛି। କାହ୍ନାର ଅଛି। ବୋହୂ ଦୀପାର ବି ଅଛି। ଘରେ ତିନି ତିନିଟା ମୋବାଇଲ ଥାଉ ଥାଉ ତୁମେ ଆଉ ଗୋଟେ ମୋବାଇଲ୍ କ'ଣ କରିବ?" ଏମିତିରେ ଛଅ ମାସ ବିତିଗଲା।

ଡିସେମ୍ବର ମାସର ଶୀତ ସକାଳ। ଜେଜେ ଟିକିଏ ଅସୁସ୍ଥ ଅନୁଭବ କଲେ। ଖୁଁ ଖୁଁ କାଶ। "ବାପା, ମୋର ବୋନସ୍ ମିଳିଲେ ତୁମ ପାଇଁ ଗୋଟିଏ ଛୋଟ ମୋବାଇଲ ଆଣିଦେବି।" ଶ୍ରୀକାନ୍ତ ସାନ୍ତ୍ୱନା ଦେଲେ।

ସକାଳ ହୁଏ। ସଞ୍ଜଯାଏ। ଜେଜେ ଅନେଇ ରହନ୍ତି। କେଉଁଦିନ କିଣାହେବ ତାଙ୍କ ପାଇଁ ମୋବାଇଲ୍।

ଥରେ ନାତି କାହ୍ନା ଦୟାପରବଶ ହୋଇ ଗାଁରେ ଥିବା ସାନ ଜେଜେଙ୍କ ସହ କଥାବାର୍ତ୍ତା କରାଇ ଦେଇଥିଲା। ବାସ୍ ସେତିକି। ଆଉ ଧରାଛୁଆଁ ଦେଉନି।

ସେଦିନ ସନ୍ଧ୍ୟାରେ ଜେଜେଙ୍କୁ ଖୁବ୍ ଅବଶ ଲାଗିଲା। ଚାଦର ଘୋଡ଼ିହୋଇ ଶୋଇଥା'ନ୍ତି। ପୁଅ ଶ୍ରୀକାନ୍ତ ରାତିରେ ଅନେକ ଡେରିରେ ଘରକୁ ଫେରି ଦେଖିଲେ ବାପା ଶୋଇଯାଇଛନ୍ତି। ନୂଆ ମୋବାଇଲଟିକୁ ବାପାଙ୍କ ତକିଆ ପାଖରେ ରଖିଦେଲେ। ନିଦ ଭାଙ୍ଗିଲେ ଦେଖିବେ। ଏହା ଏକ 'ସରପ୍ରାଇଜ୍' ହେବ।

ରାତି ପାହି ସକାଳ ହେଲା। ଶ୍ରୀକାନ୍ତ ଦେଖିଲେ ଯେଉଁଠି ମୋବାଇଲ ରଖିଥିଲେ ସେଠି ନାହିଁ। ଚାଦର ଆସ୍ତେ ଆଡ଼େଇଲେ। ବାପାଙ୍କ ହାତରେ ଛୋଟ ମୋବାଇଲ୍‌ଟି। ଶ୍ରୀକାନ୍ତ ଭାବିଲେ ରାତିରେ ନିଦ ଭାଙ୍ଗିବାରୁ ବୋଧହୁଏ ଦେଖିଛନ୍ତି। ପୁଣି ଶୋଇଯାଇଛନ୍ତି।

'ଏଥର ବାପା! ଆପଣ ଖୁସି ତ?' ଚାଦର ଘୁଞ୍ଚାଇ ବାପାଙ୍କ ପିଠିରେ ହାତ ବୁଲାଇ ଆଉଁଶି ଦେଲେ। 'ଆରେ! ଦେହ ବରଫ ପରି ଥଣ୍ଡା ଲାଗୁଛି!' 'ବା... ପା...' ଶ୍ରୀକାନ୍ତ ଚିତ୍କାର କରି ଉଠିଲେ। ପାଖ ରୁମ୍‌ରୁ ଦୀପା ଏବଂ କାହ୍ନା ଧାଇଁ ଆସିଲେ।

ଚିରନିଦ୍ରାରେ ଶୋଇଯାଇଥିଲେ ଜେଜେ। ଅଧାମେଲା ପାପୁଲିରେ ସେମିତି ଛୋଟ ମୋବାଇଲ୍‌ଟି ରହିଥିଲା।

ମୋ: ୯୮୫୩୮୯୨୧୨୪

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୦/୨୦୨୫ Bhubaneswar, Saturday, December 20/ 2025

# ଭାରତର ବିସ୍ଫୋରକ ବ୍ୟାଟିଂ

**ଅହମଦାବାଦ,୧୯।୧୨**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯାଇଛି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ତିଳକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ଆଗରେ ୨୩୨ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ଦ. ଆଫ୍ରିକା ରିପୋର୍ଟ ଲେଖା ହେବା ବେଳକୁ ୧୫ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିଛି। ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ୧୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହାକି ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ଦ୍ରୁତତମ ଅନ୍ତର୍ଜାତୀୟ ଟି୨୦ ଅର୍ଦ୍ଧଶତକ।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାରକ୍ରମ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଉପ ଅଧିନାୟକ ଶୁବମନ ଗିଲଙ୍କ ଅନୁପସ୍ଥିତିରେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କ ଓପନିଂ ଯୋଡ଼ି ଭାରତକୁ ୫.୪ ଓଭରରେ ୬୩ ରନର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଅଭିଷେକ ୨୧ ବଲରେ ୩୪ (୬ ଚୌକା ଓ ୧ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସଞ୍ଜୁଙ୍କ ସହ ତିଳକ ବର୍ମା ମିଶି ଦଳୀୟ ସ୍କୋରକୁ ୧୦୦ ପାଖରେ ପହଞ୍ଚାଇବା ପରେ କ୍ରମାଗତ ବ୍ୟବଧାନରେ ଦଳ ଦୁଇ ଉଇକେଟ ହରାଇଥିଲା। ସଞ୍ଜୁ ୨୨ ବଲରେ ୩୭ (୪ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର (୫) ବିଫଳ ହୋଇଥିଲେ। ଏହାପରେ ତିଳକ ଓ ହାର୍ଦ୍ଦିକ ବିସ୍ଫୋରକ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ଚତୁର୍ଥ ଉଇକେଟରେ ୪୪ ବଲରେ ୧୦୫ ରନ ଯୋଡ଼ିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ରନଆଉଟ୍ ହୋଇଥିଲେ। ହାର୍ଦ୍ଦିକ ୨୫ ବଲରେ ୬୩ (୫ ଲେଖାଏ ଚୌକା ଓ ଛକା) ଓ ତିଳକ ୪୨ ବଲରେ

## ଅନ୍ତିମ ଟି୨୦

୭୩ (୧୦ ଚୌକା ଓ ୧ ଛକା) ରନ କରିଥିଲେ। ଇନିଂସର ଅନ୍ତିମ ୩ ବଲରେ ଶିବମ ଦୁବେ ୧ ଲେଖାଏ ଚୌକା ଓ ଛକା ସହିତ ୧୦ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୧ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପାଇଁ କର୍ବିନ ବୋଶ୍ଚ ୨ ଉଇକେଟ ନେଇଥିବା ବେଳେ ଜର୍ଜ ଲିଣ୍ଡେ ଓ ଓଟ୍‌ନିଲ ବାର୍ଟମାନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୩୧/୫ (ତିଳକ ବର୍ମା-୭୩, ହାର୍ଦ୍ଦିକ ପାଣ୍ଡ୍ୟା-୬୩, ସଞ୍ଜୁ ସାମସନ-୩୭, ଅଭିଷେକ ଶର୍ମା-୩୪, କର୍ବିନ ବୋଶ୍ଚ-୨/୪୪, ଓଟ୍‌ନିଲ ବାର୍ଟମାନ-୧/୩୯)।



ଶତକୀୟ ଭାଗୀଦାରି ଅବସରରେ ତିଳକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା।

# ଓଡ଼ିଶା-ହିମାଚଳ ପ୍ରଦେଶ ମ୍ୟାଚ ଡ୍ର

**ବଲାଙ୍ଗୀର, ୧୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଥିବା ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ ମ୍ୟାଚ୍ ଶୁକ୍ରବାର ଅମୀମାଂସିତ ଭାବେ ଶେଷ ହୋଇଛି। ଗୁରୁବାର ତୃତୀୟ ଦିବସର ଅସମାପ୍ତ ପାଳିରୁ ହିମାଚଳ ପ୍ରଦେଶ ୨୧୨/୩ରୁ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଚତୁର୍ଥ ତଥା ଅନ୍ତିମ ଦିବସରେ ହିମାଚଳ

## କୁଚ୍ ବିହାର ଟ୍ରଫି କ୍ରିକେଟ

### ଟଫେଲ ଅହମ୍ମଦଙ୍କୁ ୬ଉଇକେଟ

ପ୍ରଦେଶ ଦଳ ସମସ୍ତ ଉଇକେଟ୍ ହରାଇ ୩୪୨ ରନ୍ କରିଥିଲା। ଓଡ଼ିଶା ଦଳ ପକ୍ଷରୁ ସଫଳ ବୋଲର ଭାବେ ସୟେଦ ଟଫେଲ ଅହମ୍ମଦ ସର୍ବାଧିକ ୬ଟି ଉଇକେଟ ଓ ପ୍ରିୟାଂଶୁ ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ ବିଜୟୀ ହେବା ପାଇଁ ଓଡିଶା ୧୬୫ ରନ୍ ଆବଶ୍ୟକ କରୁଥିଲା। ମାତ୍ର ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହା ସମ୍ଭବ ନ ଥିବାରୁ ଉଭୟ ଦଳର ଅଧିନାୟକ ଆଲୋଚନା କରି ଖେଳ ଆଗକୁ ଜାରି ନ ରଖିବା ଲାଗି ଚାହିଁଥିଲେ ଏବଂ ତାହା ସେମାନେ ଅମ୍ପାୟାରଙ୍କୁ ଜଣାଇଥିଲେ। ଫଳରେ ମ୍ୟାଚ୍ ଡ୍ର' ଘୋଷଣା କରାଯାଇଥିଲା। ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ଯୋଗୁଁ ଓଡିଶାକୁ ୩ ପଏଣ୍ଟ ଓ ହିମାଚଳ ପ୍ରଦେଶକୁ ୧ ପଏଣ୍ଟ ମିଳିଛି।

ଉଦ୍‌ଯାପନୀ ଦିବସରେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଶରତ ନନ୍ଦ, ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଠ୍, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌରଚନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ମିଶ୍ର, କୋଚ ଅରୁଣ କୁମାର ନାଏକ, ପୃଥ୍ୱୀରାଜ ମିଶ୍ର, ସୂର୍ଯ୍ୟ ମିଶ୍ର, ଚେତନାନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ, ମନୋରଞ୍ଜନ ଯୋଶୀ ଉପସ୍ଥିତ ରହି ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ।


ସୟେଦ ଟଫେଲ ଅହମ୍ମଦ

# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଆଡିଲେଡ୍ ଟେଷ୍ଟ

**ଆଡିଲେଡ୍,୧୯।୧୨**

ଇଂଲଣ୍ଡ ବିପକ୍ଷରେ ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ତୃତୀୟ ଦିନ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୩୭୧ ରନ କରିଥିବା ବେଳେ ଇଂଲଣ୍ଡ ୨୮୬ ରନରେ ସୀମିତ ରହିଛି। ଫଳରେ ୮୫ ରନରେ ଆଗୁଆ ଥିବା ଘରୋଇ ଅଷ୍ଟ୍ରେଲିଆ ଟ୍ରାଭିସ ହେଡ୍‌ଙ୍କ ଅପରାଜିତ ଶତକ ବଳରେ ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୨୭୧ ରନ କରିଛି। ମ୍ୟାଚ୍‌ରେ ଏବେ ବି ଦୁଇ ଦିନ ବାକି ଥିବାବେଳେ ଅଷ୍ଟ୍ରେଲିଆ ହାତରେ ୬ ଉଇକେଟ ରଖି ୩୫୬ ରନ ଆଗରେ ରହିଛି।

ଶୁକ୍ରବାର ଇଂଲଣ୍ଡ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୩/୮ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚ୍ଚର ନବମ ଉଇକେଟରେ ୧୦୬ ରନ ଯୋଡ଼ିଥିଲେ। ଷ୍ଟୋକ୍ସ (୮୩ ରନ୍, ୮ ଚୌକା)ଙ୍କୁ କ୍ଲିନ ବୋଲ୍ଡ କରି ମିଚେଲ ଷ୍ଟାର୍କ ଏହି ଯୋଡ଼ି ଭାଙ୍ଗିଥିଲେ। ଆର୍ଚ୍ଚର ୫୧ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହେବା ସହ ଇଂଲଣ୍ଡ ୨୮୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଇନିଂସ ଭିତ୍ତିରେ ୮୫ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଆରମ୍ଭରୁ ଜ୍ୟାକ ୱେଦରାଲ୍ଡ (୧) ଓ ମାର୍ନସ ଲାବୁସେନ (୧୩)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ହେଡ୍ ଓ ଉସ୍ମାନ ଖ୍ୱାଜା ତୃତୀୟ ଉଇକେଟରେ ୮୬ ରନ ଯୋଡ଼ିଥିଲେ। ଏହାପରେ ଦଳ ୧୦ ରନ ମଧ୍ୟରେ ଖ୍ୱାଜା (୪୦ ରନ, ୪ ଚୌକା) ଓ କାମେରନ ଗ୍ରୀନ (୭)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଆଲେକ୍ସ କାରେ ଓ ହେଡ୍ ପ୍ରତିପକ୍ଷ ଇଂଲଣ୍ଡ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଏଥିଯୋଗୁ ଅଷ୍ଟ୍ରେଲିଆ ତୃତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୨୭୧ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ହେଡ୍ ୧୪୨ ଓ କାରେ ୫୨ ରନ କରି ଅପରାଜିତ ରହିଛନ୍ତି। ଇଂଲଣ୍ଡ ପାଇଁ ଜୋଶ ଟଙ୍ଗ ୨ ଉଇକେଟ ହାତେଇଥିଲେ।


ଶତକ ହାସଲ ପରେ ଟ୍ରାଭିସ ହେଡ୍।

# ଶନକା ଶ୍ରୀଲଙ୍କା ଅଧିନାୟକ

**କଲମ୍ବୋ, ୧୯।୧୨ (ପି.ଟି.):** ଶ୍ରୀଲଙ୍କା ଶୁକ୍ରବାର ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଏହାର ପ୍ରାରମ୍ଭିକ ୨୫ଜଣିଆ ଦଳର ଅଧିନାୟକ ଭାବେ ଦାସୁନ ଶନକାଙ୍କୁ ମନୋନୀତ କରିଛି। ଟୁର୍ନାମେଣ୍ଟର ସହ ଆୟୋଜକ ଚାରିଥ ଆଶାଲଙ୍କାଙ୍କୁ ଦଳର ନେତୃତ୍ୱ ପଦବୀରୁ ବହିଷ୍କାର କରିଛି। ଚୟନକର୍ତ୍ତାଙ୍କ ଅଧ୍ୟକ୍ଷ ପଦକୁ ଫେରିଥିବା ପ୍ରମୋଦ ବିକ୍ରମସିଂଘେ କହିଛନ୍ତି ଆଶାଲଙ୍କା ବର୍ତ୍ତମାନ ବ୍ୟାଟିଂ ଫର୍ମରେ ନାହାନ୍ତି। ଅନ୍ୟପକ୍ଷରେ ଶନକା ଗତ ୩ଟି ବିଶ୍ୱକପ୍ ଖେଳିଥିବାରୁ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ଏସବୁ ଦିଗରୁ ବିଚାର କରି ଏଭଳି ନିଷ୍ପତ୍ତି ନିଆଯାଇଛି। ଆଶାଲଙ୍କା ଗତ ମାସରେ ପାକିସ୍ତାନକୁ ତ୍ରିଦେଶୀୟ ଟି୨୦ ଅଣାଯାଇଥିବା ... ପାକିସ୍ତାନକୁ ହ୍ୱାଇଟବଲ ଟୁର୍ ଛାଡ଼ି ଫେରି ଆସିଥିଲେ। ସୁରକ୍ଷା ଦୃଷ୍ଟିରୁ ସେ ସ୍ୱଦେଶ ଫେରିଯାଉଛନ୍ତି ବୋଲି ସେ କହିଥିଲେ। ସେତେବେଳେ ଇସ୍‌ଲାମାବାଦରେ ଏକ ଆତ୍ମଘାତୀ ବୋମା ବିସ୍ଫୋରଣ ଘଟଣାରେ ୯ଜଣ ଲୋକ ପ୍ରାଣ ହରାଇଥିଲେ। ସିରିଜ ଅଧାରୁ ଫେରି ଆସିଥିବାରୁ ପରିଣାମ ସ୍ୱରୂପ ସେ ଦଳରୁ ବାଦ୍ ପଡ଼ିପାରନ୍ତି ବୋଲି ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଶାନକାଙ୍କର ଦଳରେ ଅଲରାଉଣ୍ଡର ଭୂମିକା ରହିବ। ବିକ୍ରମସିଂଘେ କହିଛନ୍ତି, ସେ ଚୟନକର୍ତ୍ତା ପଦ ଛାଡ଼ିଥିଲେ, ସେତେବେଳେ ଶାନକା ଅଧିନାୟକ ଥିଲେ।

# ୟୁନାଇଟେଡ ଗଞ୍ଜାମ ବିଜୟୀ

**ସୋର, ୧୯।୧୨ (ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ଖେଳପଡିଆଠାରେ ଆରମ୍ଭ ହୋଇଥିବା ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ୟୁ ଆଣ୍ଡ ମି ବାଲେଶ୍ୱରକୁ ହରାଇ ୟୁନାଇଟେଡ ଗଞ୍ଜାମ ବିଜୟୀ ହୋଇଛି। ୟୁ ଆଣ୍ଡ ମି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରୁ ୧୭.୩ ବଲରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ୟୁନାଇଟେଡ ଗଞ୍ଜାମ ୯.୫ ଓଭରରେ ମାତ୍ର ଗୋଟିଏ ଉଇକେଟରେ ୧୦୪ ରନ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଅବଦୁଲ ଏମ୍ ଖାନ ୪୩ ବଲ୍ ବୋଲିଂ କରି ୧୦ ରନ ଦେଇ ୪ଟି ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଦଳର ଈଶ୍ୱର ପ୍ରସାସ ୩୬ ବଲରେ ୬୬ ରନ କରିଥିବାରୁ ବେଷ୍ଟ ବ୍ୟାଟସ ମ୍ୟାନ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚକୁ ଓସିଏ ପେନାଲ ଅମ୍ପାୟର ରଞ୍ଜନ କୁମାର ମହାନ୍ତି ଓ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ଯଦୁନାଥ ଜେନା, ବାସୁଦେବ ଜେନା ଭାଷ୍ୟକାର ଥିବାବେଳେ ବିଶ୍ୱନାଥ ଜେନା, ରାଜେଶ ଜେନା ଓ ପ୍ରତାପ ମଲ୍ଲିକ ସ୍କୋରର ଥିଲେ। ପ୍ରାରମ୍ଭରେ ଏହି ଟୁର୍ନାମେଣ୍ଟକୁ ସ୍ଥାନୀୟ ସରପଞ୍ଚ ଗଦାଧର ମହାପାତ୍ର ଉଦ୍‌ଘାଟନ କରିଥବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୟାଧର ନାୟକ ଓ ପବିତ୍ର ମହାପାତ୍ର ପିଞ୍ଜରାରୁ ବିହଙ୍ଗମୁକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ମୁକ୍ତିକାନ୍ତ ନାୟକ ଯୋଗଦେଇ ମ୍ୟାନ ଅଫ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସଭାପତି ଅଖିଳରାମ ଜେନା କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ବୀରେନ୍ଦ୍ର ଜେନା, ମାନସ ବେହେରା, ସତ୍ୟବ୍ରତ ଖୁଣ୍ଟିଆ, ଶ୍ରୀକାନ୍ତ ମଲ୍ଲିକ, ପ୍ରଶାନ୍ତ ଜେନା, ସହାୟତା କରିଥିଲେ।

# ଆରମ୍ଭରେ ଖେଳିବେନି ରୋହିତ, ଜୟସ୍ୱାଲ, ସୂର୍ଯ୍ୟକୁମାର

**ମୁମ୍ବାଇ, ୧୯।୧୨ (ପି.ଟି.)**

ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଆରମ୍ଭରେ ଅତିକମ୍‌ରେ ପ୍ରଥମ ଦୁଇ ଖେଳିବେ ନାହିଁ ଭାରତୀୟ ଦଳର ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଭଳି ପ୍ରମୁଖ ଖେଳାଳି। ସେମାନଙ୍କ ସ୍ଥାନରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲାଗି ଚୟନକର୍ତ୍ତାମାନେ ନିଷ୍ପତ୍ତି ନେଇଛନ୍ତି। ଅଜିଙ୍କ୍ୟ ରାହାନେ ଓ ଶିବମ ଦୁବେ ମଧ୍ୟ ପ୍ରାରମ୍ଭିକ ମ୍ୟାଚଗୁଡ଼ିକରେ ଖେଳିବେ ନାହିଁ ବୋଲି ମୁମ୍ବାଇର ମୁଖ୍ୟ ଚୟନକର୍ତ୍ତା ସଞ୍ଜୟ ପାଟିଲ ପ୍ରକାଶ କରିଛନ୍ତି। ପେଟଜନିତ ସମସ୍ୟା ଯୋଗୁ ଯଶସ୍ୱୀ ବର୍ତ୍ତମାନ ଚିକିତ୍ସାରେ ଅଛନ୍ତି। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇଯିବେ। ଏହି ଖେଳାଳିମାନେ ଯେତେବେଳେ ଉପଲବ୍ଧ ହେବେ ସେମାନଙ୍କୁ ଦଳରେ ସ୍ଥାନ ଦିଆଯିବ। କିନ୍ତୁ ପ୍ରଥମ ଦୁଇଟି ମ୍ୟାଚରେ ଯୁବଖେଳାଳିଙ୍କୁ ପରୀକ୍ଷାମୂଳକ ଭାବେ ଖେଳାଯିବ ବୋଲି ପାଟିଲ କହିଛନ୍ତି। ବିସିସିଆଇ ଘରୋଇ ସିଜନ ଅନ୍ତର୍ଗତ ଏଲିଟ୍ ଡିଭିଜନର ଏହି ୫୦-ଓଭର ଟୁର୍ନାମେଣ୍ଟ ଡିସେମ୍ବର ୨୪ରୁ ଜାନୁଆରୀ ୮ ପର୍ଯ୍ୟନ୍ତ ଅହମଦାବାଦ, ରାଜକୋଟ, ଜୟପୁର ଓ ବେଙ୍ଗାଲୁରୁରେ ଖେଳାଯିବ। ନକ୍‌ଆଉଟ ମ୍ୟାଚଗୁଡ଼ିକ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଜାନୁଆରୀ ୧୨ରୁ ୧୮ ପର୍ଯ୍ୟନ୍ତ ଖେଳାଯିବ।

# ସମ୍ଭାବ୍ୟ ଦଳରେ ଓଡ଼ିଆ ଝିଅ ଆକାଶୀ

**କେନ୍ଦୁଝର, ୧୯।୧୨( ଦୀପକ ମିଶ୍ର)**

୧୭ ବର୍ଷରୁ କମ୍ ଭାରତୀୟ ସାମ୍ଭାବ୍ୟ ମହିଳା ଫୁଟବଲ ଦଳରେ ଓଡ଼ିଶାରୁ ଏକ ମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି କେନ୍ଦୁଝର ଜିଲା ଯୋଡ଼ା ବସ୍ତିର ଆକାଶୀ ନାଏକ। ସେ କେବଳ କେନ୍ଦୁଝର ଜିଲା ନୁହେଁ ସମଗ୍ର ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି। କ୍ୟାମ୍ପରେ ଯୋଗଦେବା ପାଇଁ ଆକାଶୀ ବେଙ୍ଗାଲୁରୁର

## ୧୭ ବର୍ଷରୁ କମ୍ ମହିଳା ଫୁଟବଲ

ହାରୋହଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି କ୍ୟାମ୍ପରୁ ସାଫ୍ ଗେମ୍ସ ଏବଂ ଏଏଫ୍‌ସି ଟୁର୍ନାମେଣ୍ଟ ପାଇଁ ୧୭ ବର୍ଷରୁ କମ୍ ମହିଳା ଭାରତୀୟ ଦଳ ଚୟନ କରାଯିବ। ଗ୍ରାମାଞ୍ଚଳର ଏହି ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ଜିନ୍ଦଲ ଷ୍ଟିଲ ଫାଉଣ୍ଡେଶନର ମୁଖ୍ୟ କୋଚ୍ କୃଷ୍ଣଚନ୍ଦ୍ର ମହାନ୍ତ ତାଙ୍କୁ ପ୍ରଥମେ ୨୦୨୦ରେ ଜଜାଙ୍ଗର ଜେଏସ୍‌ଡବ୍ଲ୍ୟୁକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ। ପରେ ଦୃଢ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ରେ ସୁନ୍ଦରଗଡ଼ସ୍ଥିତ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଯୋଗଦାନ କରି ନିଜର ଖେଳରେ ଅନେକଟା ଉନ୍ନତି ଆଣିଥିଲେ। ଆକାଶୀ ୨୦୨୩ରେ ସବ୍‌ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ପ୍ରଥମ ସୁଯୋଗ ପାଇଥିଲେ। ସେ ପରେ ୨୦୨୪ ଏବଂ ୨୦୨୫ରେ ଜୁନିୟର ନ୍ୟାଶନାଲରେ ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରିବାର ମଧ୍ୟ ସୁଯୋଗ ପାଇଥିଲେ। ଭାରତୀୟ ୧୭ ବର୍ଷରୁ କମ୍ ଜାତୀୟ ମହିଳା ଫୁଟ୍‌ବଲ ଶିବିରରେ ଯୋଗ ଦେବାକୁ ଯାଉଥିବା ଆକାଶୀଙ୍କୁ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।



ଆକାଶୀ ନାଏକ

# ଭାରତ-ପାକିସ୍ତାନ ଫାଇନାଲ

**ଦୁବାଇ,୧୯।୧୨**

ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ଏସିସି ପୁରୁଷ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦେଶ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଆରୋନ ଜର୍ଜ

## ୧୯ ବର୍ଷରୁ କମ୍ ଏସିଆ କପ୍

ଓ ବିହାନ ମାଲହୋତ୍ରାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ୮ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୨୦ ଓଭରରେ ୮ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପାଇଁ ଚମିକା ହିନାତିଗଲା ୪୨, ଅଧିନାୟକ ବିମଥ ଦିନସାରା ୩୨ ଓ ସେଥମିକା ସେନେଭିରତ୍ନେ ୩୦ ରନ କରିଥିଲେ। ଭାରତ ପକ୍ଷରୁ ହେନିଲ ପଟେଲ ଓ କନିଷ୍କ ଚୌହାନ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଖୁବ ଶସ୍ତାରେ ଅଧିନାୟକ ଆୟୁଷ ମହାତ୍ରେ (୭) ଓ ବୈଭବ ସୂର୍ଯ୍ୟବଂଶୀ (୯)ଙ୍କ ଉଇକେଟ ହରାଇଥିଲା। ଏହାପରେ ଆରୋନ ଓ ଭିହାନ ଅବିଭାଜିତ ତୃତୀୟ ଉଇକେଟରେ ୧୧୪ ରନ କରି ଦଳକୁ ଜିତାଇଥିଲେ। ଆରୋନ ୫୮ (୪ ଚୌକା ଓ ୧ ଛକା) ଓ ବିହାନ ୬୧ (୪ ଚୌକା ଓ ଛକା) ରନ କରି ମ୍ୟାଚ୍ ୧୮ ଓଭରରେ ଫିନିଶ୍ କରିଥିଲେ। ଅନ୍ୟ ଏକ ସେମିଫାଇନାଲରେ ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୨୨ ରନର ଟାର୍ଗେଟକୁ ପାକିସ୍ତାନ ୧୬.୩ ଓଭରରେ ୨ ଉଇକେଟରେ ହାସଲ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା: ୨୦ ଓଭରରେ ୧୩୮/୮(ଚମିକା ହିନାତିଗଲା-୪୨, ବିମତ ଦିନସାରା-୩୨, ହେନିଲ ପଟେଲ-୨/୩୧, କନିଷ୍କ ଚୌହାନ-୨/୩୬)। ଭାରତ: ୧୩୯/୨(ବିହାନ ମାଲହୋତ୍ରା-୬୧*, ଆରୋନ ଜର୍ଜ-୫୮*, ରସିଥ ନିମସାରା-୨/୩୧)।



ମ୍ୟାଚ୍ ବିଜୟୀ ଭାଗୀଦାରି ଅବସରରେ ଆରୋନ ଜର୍ଜ ଓ ବିହାନ ମାଲହୋତ୍ରା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ